

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୭ ସେପ୍ଟେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 27 SEPTEMBER 2023
Vol.No. 34 ■ No. 254■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# କାବେରୀ ନଦୀ ଜଳକୁ ନେଇ କର୍ଣ୍ଣାଟକରେ ହଙ୍ଗାମା

## ବେଙ୍ଗାଲୁରୁରେ ଚାଷୀଙ୍କ ଜୋରଦାର ପ୍ରଦର୍ଶନ



ନୂଆଦିଲ୍ଲୀ,୨୬/୦୯ :କାବେରୀ ନଦୀ ଜଳ ବଂଟାକୁ ନେଇ କର୍ଣ୍ଣାଟକ ସରକାରଙ୍କ ନିଷ୍ପକୁ ବିରୋଧ କରି ମଙ୍ଗଳବାର ପ୍ରଦର୍ଶନ କରିଛନ୍ତି ବିଭିନ୍ନ ଚାଷୀ ସଙ୍ଗଠନ । ରାଜଧାନୀ ବେଙ୍ଗାଲୁରୁ ବନ୍ଦ ଡାକରା ଦେବା ସହ ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ଚାଷୀ ଓ ବିଭିନ୍ନ ବିରୋଧୀ ଦଳ । ରାଜଧାନୀ ବେଙ୍ଗାଲୁରୁରେ ଦୋକାନ-ବଜାର, ମଲ, ରେସ୍ତୁରାଁ ସବୁକିଛି ବନ୍ଦ । ଗାଡି ଚଳାଚଳ ବନ୍ଦ ସହ, ବସ୍ ଓ ଟ୍ରେନ୍ ଚଳାଚଳ ବି ବନ୍ଦ ରହିଛି । କର୍ଣ୍ଣାଟକର ବିଭିନ୍ନ ଚାଷୀ ସଙ୍ଗଠନ, କନ୍ନଡ ସଂସ୍ଥା ଏବଂ ବିରୋଧୀ ଦଳ ଏହି ପ୍ରଦର୍ଶନରେ ସାମିଲ ହୋଇଛନ୍ତି । କର୍ଣ୍ଣାଟକ ଓ ତାମିଲନାଡୁ ମଧ୍ୟରେ କାବେରୀ ଜଳକୁ ନେଇ ବିବାଦ ବହୁ ପୁରୁଣା । ଗତ ସେପ୍ଟେମ୍ବର ୧୩ ତାରିଖରେ କାବେରୀ ରେଗୁଲେସନ୍ କମିଟି, ତାମିଲନାଡୁକୁ ୫ହଜାର କ୍ୟୁସେକ୍ ଜଳ ଛାଡିବାକୁ କର୍ଣ୍ଣାଟକ ସରକାରଙ୍କୁ ସୁପାରିଶ କରିଥିଲା । ଏହାକୁ ନେଇ ସର୍ବଦଳୀୟ ବୈଠକ ଡାକିଥିଲେ ସିଦ୍ଧରମୈୟାଙ୍କ ସରକାର । ପରେ ସିଦ୍ଧରମୈୟା ସରକାର ପାଣି ଛଡାଯିବାକୁ ନେଇ ରାଜରାସ୍ତାକୁ ଓହ୍ଲାଇଛନ୍ତି କର୍ଣ୍ଣାଟକ ଚାଷୀ । ଏବେ ବି ସୁପ୍ରିମକୋର୍ଟରେ ଚାଲିଛି କାବେରୀ ଜଳ ମାମଲା । ହେଲେ ଏପଟେ ତାମିଲନାଡୁକୁ କାବେରୀ ଜଳ ଛାଡିବା ନେଇ ରାଜରାସ୍ତାକୁ ଓହ୍ଲାଇଛନ୍ତି ଚାଷୀ । ଏ ବିବାଦ କେବେ ଶେଷ ହେବ ତାହା କହିବା ଏବେ ସମ୍ଭବ ନୁହଁ ।

### କ'ଣ ଏହି କାବେରୀ ଜଳ ବିବାଦ ?

- ୮୦୦ କି.ମି. ଲମ୍ବା କାବେରୀ ନଦୀ କର୍ଣ୍ଣାଟକର କୋଡାଗୁ ଜିଲ୍ଲାର ବ୍ରହ୍ମଗିରି ପାହାଡରୁ ବାହାରିଛି ।
- ତାମିଲନାଡୁ ଦେଇ ବଙ୍ଗୋପ ସାଗରରେ ମିଶିଛି କାବେରୀ ନଦୀ
- କର୍ଣ୍ଣାଟକରେ ୩୨ ହଜାର ବର୍ଗ କିଲୋମିଟର କାବେରୀ ଅବବାହିକା ରହିଛି
- ତାମିଲନାଡୁରେ ୪୪ ହଜାର ବର୍ଗ କିଲୋମିଟର କାବେରୀ ଅବବାହିକା ରହିଛି
- ଉଭୟ କର୍ଣ୍ଣାଟକ ଓ ତାମିଲନାଡୁ ଚାଷ ପାଇଁ କାବେରୀ ନଦୀ ଜଳ ଉପରେ ନିର୍ଭର କରନ୍ତି ।
- କାବେରୀ ନଦୀ ଜଳକୁ ନେଇ ୧୪୦ ବର୍ଷ ଧରି ଦୁଇ ରାଜ୍ୟରେ ବିବାଦ ରହିଛି
- ୧୯୯୦ରେ କାବେରୀ ୱାଟର ଡିସପ୍ୟୁଟ ଟ୍ରିବ୍ୟୁନାଲ ଗଠିତ
- ଟ୍ରିବ୍ୟୁନାଲ, ତାମିଲନାଡୁକୁ ପାଣି ଦେବାକୁ କର୍ଣ୍ଣାଟକକୁ ନିର୍ଦ୍ଦେଶ ଦେଲା
- କର୍ଣ୍ଣାଟକ ପର୍ଯ୍ୟାପ୍ତ ପାଣି ଛାଡୁନଥିବା ଅଭିଯୋଗରେ ୨୦୧୬ରେ ତାମିଲନାଡୁ । ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ।

# ବର୍ଷିଆନ୍ ବଲିଉଡ୍ ଅଭିନେତ୍ରୀ ୱାହିଦା ରେହମାନଙ୍କୁ ମିଳିବ ସିନେ ଜଗତର ସର୍ବୋଚ୍ଚ ସମ୍ମାନ



ନୂଆଦିଲ୍ଲୀ,୨୬/୦୯ : ବର୍ଷିଆନ୍ ବଲିଉଡ ଅଭିନେତ୍ରୀ ୱାହିଦା ରେହମାନଙ୍କୁ ମିଳିବ ସିନେ ଜଗତର ସର୍ବୋଚ୍ଚ ସମ୍ମାନ ଦାଦା ସାହେବ ଫାଲକେ ପୁରସ୍କାର । ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ଟୁଇଟ୍ କରି ଏହି ସୂଚନା ପ୍ରଦାନ କରିଛନ୍ତି । ନିଜ ପୋଷ୍ଟରେ ଅନୁରାଗ ଠାକୁର ଲେଖିଛନ୍ତି 'ୱାହିଦା ରେହମାନଜୀଙ୍କୁ ଭାରତୀୟ ସିନେମାରେ ତାଙ୍କ ଅବଦାନ ପାଇଁ ଚଳିତବର୍ଷ ସମ୍ମାନଜନକ ଦାଦା ସାହେବ ଫାଲକେ ଲାଇଫ ଟାଇମ୍ ଆଚିଭମେଂଟ୍ ଆୱାର୍ଡ ପ୍ରଦାନ କରାଯିବ । ଏହି ଖବର ଘୋଷଣା କରି ମୁଁ ଖୁସି ଓ ସମ୍ମାନୀତ ଅନୁଭବ କରୁଛି ।' ନିଜ ଅଭିନୟ କ୍ୟାରିୟରରେ ଅନେକ ସୁପରହିଟ୍ ସିନେମା ଭେଟି ଦେଇଛନ୍ତି ଅଭିନେତ୍ରୀ ୱାହିଦା ରେହମାନ୍ । ଫେବୃଆରୀ ୩, ୧୯୩୮ ମସିହାରେ ୱାହିଦା ରେହମାନଙ୍କ ଜନ୍ମ ତାମିଲନାଡୁର ଚେଙ୍ଗଲପଟ୍ଟୁରେ ହୋଇଥିଲା । ୱାହିଦା ରେହମାନଙ୍କ ବାପା ବ୍ରିଟିଶ ସରକାରରେ ଜଣେ କଲେକ୍ଟର ଥିଲେ । ପିଲାଟି ଦିନରୁ ଭରତନଟ୍ୟମ୍ ପ୍ରତି ତାଙ୍କର ଅନେକ ରୁଚି ରହିଥିଲା । ପରେ ଯାହା ତାଙ୍କୁ ଅଭିନୟ ଆଡକୁ ଟାଣି ଆଣିଥିଲା। ▶▶ପୃଷ୍ଠା ୭

# ଜାତି ଭିତ୍ତିକ ଜନଗଣନା ନେଇ ରାହୁଲଙ୍କ ବୟାନକୁ ଉପରେ ରାଜନୀତି

## କଂଗ୍ରେସର ନାହିଁ ଅସ୍ତିତ୍ୱ, କ୍ଷମତାକୁ ଆସିବାକୁ ଉଠୁନି ପ୍ରଶ୍ନ: ବିଜେପି



ନୂଆଦିଲ୍ଲୀ,୨୬/୦୯ : ରାହୁଲ ଗାନ୍ଧୀଙ୍କ ବୟାନକୁ ନେଇ ତେଜୁଛି ରାଜନୀତି । ଜାତି ଭିତିକ ଜନଗଣନା ପାଇଁ ରାହୁଲଙ୍କ ବୟାନ ଉପରେ ବିଜେପି କରିଛି କଟାକ୍ଷ । ବିଜେପି ଜାତୀୟ ମୁଖପାତ୍ର ସମ୍ବିତ ପାତ୍ର ସାମ୍ବାଦିକ ସମ୍ମିଳନୀରେ ରାହୁଲ ଗାନ୍ଧୀଙ୍କ ଉପରେ ବର୍ଷିଛନ୍ତି । ସମ୍ବିତ ପାତ୍ର କହିଛନ୍ତି ଛତିଶଗଡରେ କଂଗ୍ରେସ ଗତ ନିର୍ବାଚନରେ ୩୧୬ଟି ଏଭଳି ପ୍ରତିଶ୍ରୁତି ଦେଇଥିଲା ଯାହାକୁ ପୂରଣ କରି ପାରି ନାହାଁନ୍ତି କଂଗ୍ରେସ ପାର୍ଟି । ଆଉ ରାହୁଲ ଜାତି ଭିତିକ ଜନଗଣନା ଉପରେ ମତ ରଖୁଛନ୍ତି । ମଙ୍ଗଳବାର ଛତିଶଗଡରେ ଜନସଭାକୁ ସମ୍ବୋଧିତ କରି ରାହୁଲ କହିଥିଲେ, ଦେଶରେ ଜାତି ଭିତିକ ଜନଗଣନା କରିବାକୁ ଡରୁଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ । କଂଗ୍ରେସ କ୍ଷମତାକୁ ଆସିଲେ ପ୍ରଥମେ ଜାତି ଭିତିକ ଜନଗଣନା କରାଇବ ।

## ୨୮ରେ ସରକାରୀ ଛୁଟି

ଭୁବନେଶ୍ୱର, ୨୬/୦୯ (ନି.ପ୍ର): ମହାପୁରୁଷ ମହମ୍ମଦଙ୍କ ଜନ୍ମଦିନ ପାଇଁ ଚଳିତମାସ ୨୮ତାରିଖକୁ ରାଜ୍ୟ ସରକାର ଛୁଟି ଘୋଷଣା କରିଛନ୍ତି । ଏହି ଦିନ ରାଜ୍ୟ ସରକାରଙ୍କ ସମସ୍ତ ଅଫିସ ସମେତ ରାଜସ୍ୱ ଓ ମାଜିଷ୍ଟ୍ରେଟ୍ କୋର୍ଟ(ଏକଜ୍ୟୁଟିଭ) ବନ୍ଦ ରହିବ। ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ମହାପୁରୁଷ ମହମ୍ମଦଙ୍କ ଜନ୍ମଦିନ ପାଇଁ ପୂର୍ବରୁ ରାଜ୍ୟ ସରକାର ସେପ୍ଟେମ୍ବର ୨୯ତାରିଖରେ ସରକାରୀ ଛୁଟି ଘୋଷଣା କରିଥିଲେ। କିନ୍ତୁ ଆଜି ସଂଶୋଧିତ ବିଜ୍ଞପ୍ତି ଜାରି କରି ସେପ୍ଟେମ୍ବର ୨୯ ପରିବର୍ତ୍ତେ ସେପ୍ଟେମ୍ବର ୨୮(ଗୁରୁବାର) ଏହି ଛୁଟି ପାଳନ କରାଯିବ ବୋଲି ଘୋଷଣା କରିଛନ୍ତି। ଉଲ୍ଲେଖଯୋଗ୍ୟ, ସେପ୍ଟେମ୍ବର ୩୦ତାରିଖ ମାସ ଶେଷ ଶନିବାର ଯୋଗୁ ଛୁଟି ଥିବାବେଳେ ଅକ୍ଟୋବର ୧ ରବିବାର ଓ ଅକ୍ଟୋବର ୨ ଗାନ୍ଧି-ଶାସ୍ତ୍ରୀ ଜୟନ୍ତୀ ପାଇଁ ଛୁଟି ରହିବ। ତେବେ ସେପ୍ଟେମ୍ବର ୨୯ତାରିଖରେ ସରକାରୀ କାର୍ଯ୍ୟଦିବସ ରହିବ।

# ସହକାରୀ ଜିଲ୍ଲାପାଳଙ୍କ ମୃତ୍ୟୁକୁ ନେଇ ସସ୍‌ପେନ୍ସ: ଖିଅ ପାଉନି ପୁଲିସ୍



ରାଉରକେଲାର, ୨୬/୦୯ (ନି.ପ୍ର): କେମିତି ହେଲା ରାଉରକେଲାର ସହକାରୀ ଜିଲ୍ଲାପାଳ ସୁସ୍ମିତା ମିଂଜଙ୍କ ମୃତ୍ୟୁ କେଉଁ ପରିସ୍ଥିତିରେ ପୋଖରୀରୁ ଉଦ୍ଧାର ହେଲା ଲେଡି ଅଫିସରଙ୍କ ମୃତଦେହ? ଏହା ଆତ୍ମହତ୍ୟା ନା ସୁପରିକଳ୍ପିତ ହତ୍ୟାକାଣ୍ଡ ସୁସ୍ମିତା ମିଂଜଙ୍କ ମୃତ୍ୟୁକୁ ୭ ଦିନ ବିତି ଯାଇଥିଲେ ମଧ୍ୟ ପୁଲିସର ହାତ ଖାଲି। ଆଜି ପର୍ଯ୍ୟନ୍ତ ମୃତ୍ୟୁର କାରଣ ଜାଣିପାରୁନି ପୁଲିସ୍। ସେପଟେ ମୃତ୍ୟୁ ପଛର କାରଣ ପର୍ଦ୍ଦାଫାସ ଦାବିରେ ବିକ୍ଷୋଭ ଓ ଗଣଆନ୍ଦୋଳନ ହୋଇଛି। ଆଜି ରାଉରକେଲା ଏଡିଏମ୍ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ଶହ ଶହ ଆଦିବାସୀ। ସୁସ୍ମିତାଙ୍କ ମୃତ୍ୟୁପାଇଁ ସେମାନେ ସିଧା ଜିଲ୍ଲା ପ୍ରଶାସନକୁ ଦାୟୀ କରିଛନ୍ତି। ଘଟଣା ପଛର ସତ କାଢ଼ିବାକୁ ସିବିଆଇ ତଦନ୍ତ ଦାବି କରିଛି ଆଦିବାସୀ ସଂଘ। ସୁସ୍ମିତାଙ୍କ ପରିବାର ଲୋକେ ମଧ୍ୟ ସମାନ ଅଭିଯୋଗ ଆଣି ଘଟଣା ପାଇଁ ଜିଲ୍ଲାପାଳ ଓ ଏଡିଏମଙ୍କୁ ଦାୟୀ କରିଛନ୍ତି। ମାମଲାର ତଦନ୍ତ ବେଳେ ସୁସ୍ମିତାଙ୍କ ବ୍ୟକ୍ତିଗତ ଜୀବନର କିଛି ଦିଗ ସାମ୍ନାକୁ ଆସିଛି। ପୁଲିସ୍ ସେ ଦିଗରେ ତଦନ୍ତ କରୁଛି। ▶▶ପୃଷ୍ଠା ୭

# କ୍ୟାପିଟାଲ ହସ୍ପିଟାଲରେ ଶିଶୁ ଅଦଳବଦଳ ଅଭିଯୋଗ: ପୁଅ କହିଲେ ଝିଅ ଦେଲେ !




ଭୁବନେଶ୍ୱର, ୨୬/୦୯ (ନି.ପ୍ର): ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଶିଶୁ ଅଦଳବଦଳ ହୋଇଥିବା ଅଭିଯୋଗ ହୋଇଛି। ପ୍ରଥମେ ପୁଅ ଜନ୍ମ ହୋଇଛି କହି ପରେ ଝିଅ ଦେଇଥିବା ସାଂଘାତିକ ଅଭିଯୋଗ ଆଣିଛନ୍ତି ରାଜକନିକା ଅଞ୍ଚଳର ପ୍ରାଣକୃଷ୍ଣ ବିଶ୍ୱାଳ। ଏନେଇ ପ୍ରାଣକୃଷ୍ଣ କ୍ୟାପିଟାଲ ହସପିଟାଲ ▶▶ପୃଷ୍ଠା ୭

# ଓଡ଼ିଶା ଆପାର୍ଟମେଣ୍ଟ ବିଲ୍-୨୦୨୩ ବିଧାନସଭାରେ ଗୃହୀତ

## ଗ୍ରାହକଙ୍କୁ ମିଳିବ ସର୍ବାଧିକ ଗୁରୁତ୍ୱ



ଭୁବନେଶ୍ୱର: ବିଧାନସଭାରେ ମଙ୍ଗଳବାର ଦିନ ୬ଟି ବିଲି ପାରିତ ହୋଇଯାଇଛି। ସେଗୁଡ଼ିକ ହେଲା ଓଡିଶା ଆପାର୍ଟମେଣ୍ଟ (ମାଲିକାନା ଓ ପରିଚାଳନା) ବିଲ୍ ୨୦୨୩, ପଦ ଓ ସେବା ସଂରକ୍ଷଣ ବିଲ୍, ଓଡ଼ିଶା ଚକବନ୍ଦୀ ବିଲ୍, ଓଡ଼ିଶା ଓବିସି କମିସନ ସଂଶୋଧନ ବିଲ୍, ଦ୍ରବ୍ୟ ଓ ସେବା କର ବିଲ୍ ଏବଂ ପୌର ବିଧି ସଂଶୋଧନ ବିଲ। ଓଡିଶା ଆପାର୍ଟମେଣ୍ଟ (ମାଲିକାନା ଓ ପରିଚାଳନା) ବିଲ୍ ୨୦୨୩ ପାରିତ ହେବା ଫଳରେ ରାଜ୍ୟରେ ଆପାର୍ଟମେଣ୍ଟ୍ ମାଲିକାନା ପାଇଁ ନୂଆ ଆଇନ ଆସିଛି। ପୂର୍ବରୁ ଥିବା ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ଅଧିନୟମ, ୧୯୮୨ ଓ ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ନିୟମ, ୧୯୯୨ ଆଉ କାମ କରିବ ନାହିଁ। ▶▶ପୃଷ୍ଠା ୭

## ଲାଞ୍ଚ ନେଉଥିବା ବେଳେ ଧରାପଡ଼ିଲେ ବରିଷ୍ଠ କିରାଣି

କେନ୍ଦୁଝର, ୨୬/୦୯ (ନି.ପ୍ର): ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି କେନ୍ଦୁଝର ଜିଲ୍ଲା ଆୟୁର୍ବେଦ ମେଡିକାଲ ଅଫିସରଙ୍କ କାର୍ଯ୍ୟାଳୟର ବରିଷ୍ଠ କିରାଣି ଦେବାଶିଷ ମହାପାତ୍ର। କିଛି ଆୟୁର୍ବେଦିକ ଆସିଷ୍ଟାଣ୍ଟଙ୍କ ବକେୟା ଦରମା ବିଲ୍ କରି ଦେବା ପାଇଁ ଶ୍ରୀ ମହାପାତ୍ର ୧୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଆଜି ଜଣେ ଆୟୁର୍ବେଦିକ ଆସିଷ୍ଟାଣ୍ଟଙ୍କ ଠାରୁ ସେ ସେହି ୧୫ ହଜାର ଟଙ୍କାରୁ ୫ ହଜାର ଟଙ୍କା ଅଗ୍ରୀମ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ଭିଜିଲାନ୍ସ ଅଧିକାରୀମାନେ ବରିଷ୍ଠ କିରାଣି ଦେବାଶିଷ ମହାପାତ୍ରଙ୍କ ଠାରୁ ସମସ୍ତ ଲାଞ୍ଚ ଅର୍ଥ (୫ ହଜାର ଟଙ୍କା) ଜବତ କରିଛନ୍ତି। ଏହା ପରେ ତାଙ୍କର ତିନିଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ଏହି ଚଢ଼ାଉ କରାଯାଇଛି। ଏହି ଘଟଣାକୁ ନେଇ ବାଲେଶ୍ୱର ଭିଜିଲାନ୍ସ ପକ୍ଷରୁ ମାମଲା ରୁଜୁ କରାଯାଇଛି ଓ ତଦନ୍ତ ଜାରି ରହିଛି।

# ପୁଣି ମଣିପୁର ସ୍ଥିତି ବିଗିଡ଼ିଲା: ବ୍ୟାନ ହେଲା ଇଣ୍ଟରନେଟ୍

ନୂଆଦିଲ୍ଲୀ,୨୬/୦୯ : ଦୁଇ ଜଣ ଶିକ୍ଷାର୍ଥୀଙ୍କ ମୃତଦେହର ଫଟୋ ଭାଇରାଲ ହେବା ପରେ ପୁଣିଥରେ ଅଶାନ୍ତ ହୋଇପଡ଼ିଛି ମଣିପୁର। ଏଥିପାଇଁ ମଣିପୁରରେ ମୋବାଇଲ ଇଣ୍ଟରନେଟ ସେବାକୁ ବ୍ୟାନ କରି ଦିଆଯାଇଛି। ମାତ୍ର ୨ ଦିନ ତଳେ ମଣିପୁରରେ ଇଣ୍ଟରନେଟ ସେବା ସ୍ୱାଭାବିକ ହୋଇଥିଲା। ହେଲେ ଆଜି ଠାରୁ ପୁଣିଥରେ ଏହା ଉପରେ ଲଗାଯାଇଛି। ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ଅସ୍ଥାୟୀ ଭାବେ ମୋବାଇଲ ଇଣ୍ଟନନେଟ ସେବାକୁ ବନ୍ଦ କରାଯାଇଛି। ଏହା ଅତିକମରେ ୫ ଦିନ ଅର୍ଥାତ ଅକ୍ଟୋବର ୧ ତାରିଖ ୭.୪୫ ଯାଏ କାର୍ଯ୍ୟକାରୀ ହେବ। ଏହାର ଅର୍ଥ ଲୋକମାନେ ଅକ୍ଟୋବର ୧ ଯାଏ ମୋବାଇଲରେ ଇଣ୍ଟରନେଟ ସେବା ପାଇବେ ନାହିଁ। ଆଦିବାସୀ ଓ ଅଣଆଦିବାସୀଙ୍କ ସଂଘର୍ଷ ଯୋଗୁ ମଣିପୁର ସ୍ଥିତି ବେହାଲ ହୋଇଥିଲା। ଏଥିପାଇଁ ମେ' ମାସ ଆରମ୍ଭରୁ ଇଣ୍ଟରନେଟ ସେବାକୁ ବନ୍ଦ କରାଯାଇଥିଲା। କିନ୍ତୁ ଧୀରେଧୀରେ ସ୍ଥିତି ସ୍ୱାଭାବିକ ହେବାରୁ ଦୁଇ ଦିନ ତଳେ ହିଁ ଇଣ୍ଟରନେଟ ସେବା ଆରମ୍ଭ ହୋଇଥିଲା। କିନ୍ତୁ ଦୁଇ ଜଣ ଶିକ୍ଷାର୍ଥୀଙ୍କ ମୃତଦେହର ଫଟୋ ଭାଇରାଲ ହେବାର ରାଜ୍ୟରେ ବିଶାଳ ବିକ୍ଷୋଭ ଦେଖାଯାଇଥିଲା। ରାଜ୍ୟର ଜଣେ ଛାତ୍ର ଓ ଆଉ ଜଣେ ଛାତ୍ରୀଙ୍କୁ ଅପହରଣ କରିବା ପରେ ନିର୍ମମ ଭାବେ ହତ୍ୟା କରାଯାଇଛି। ଏହାର ଫଟୋ ସୋଶାଲ ମିଡିଆରେ ଭାଇରାଲ ହେବା ପରେ ନ୍ୟାୟ ପାଇଁ ଶିକ୍ଷାର୍ଥୀମାନେ ▶▶ପୃଷ୍ଠା ୭

# ଦେଶରେ ବଢିବାରେ ଲାଗିଛି କୋଟିପତିଙ୍କ ସଂଖ୍ୟା

## ବାର୍ଷିକ ୧ କୋଟିରୁ ଅଧିକ ଟଙ୍କା ରୋଜଗାର କରୁଛନ୍ତି ୧.୭ ଲକ୍ଷ ଲୋକ




ନୂଆଦିଲ୍ଲୀ,୨୬/୦୯ : ଦେଶରେ ବାର୍ଷିକ ୧ କୋଟିରୁ ଅଧିକ ଟଙ୍କା ରୋଜଗାର କରୁଥିବା ଲୋକଙ୍କ ସଂଖ୍ୟା ବୃଦ୍ଧି ପାଇଛି । ଏହାର ପ୍ରମାମଣ ଚଳିତ ବର୍ଷ ଇନକମ୍ ଟ୍ୟାକ୍ସ ରିଟର୍ନ ଫାଇଲିଂରୁ ଜଣାପଡିଛି । ଇନକମ୍ ଟ୍ୟାକ୍ସ ରିଟର୍ନ ବିଭାଗ ପାଇଁ ଚଳିତ ବର୍ଷ ରେକର୍ଡ ଭାଙ୍ଗିଛି । ବିଭାଗର ଆକଳନ ମୁତାବକ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ରେକର୍ଡ ସଂଖ୍ୟକ ୬.୭୭ କୋଟି ଇନକମ୍ ଟ୍ୟାକ୍ସ ରିଟର୍ନ ଫାଇଲ ଡିପୋଜିଟ ହୋଇଛି । ଏହା ଗତବର୍ଷ ତୁଳନାରେ ୧୬.୧ ପ୍ରତିଶତ ଅଧିକ ବୋଲି କୁହାଯାଇଛି । ସେହିଭଳି ଦେଶରେ ବାର୍ଷିକ ୧ କୋଟି ଟଙ୍କାରୁ ଅଧିକ ରୋଜଗାର କରୁଥିବା ବ୍ୟକ୍ତିଗତ କରଦାତାଙ୍କ ସଂଖ୍ୟା ଗତ ଦୁଇବର୍ଷ ମଧ୍ୟରେ ଦୁଇଗୁଣା ହୋଇଛି । ୨୦୨୨-୨୩ ଇନକମ୍ ଟ୍ୟାକ୍ସ ରିଟର୍ନ ଫାଇଲ ମୁତାବକ ମୋଟ ୧,୬୯, ୮୯୦ ଜଣ ଲୋକଙ୍କ ବାର୍ଷିକ ଆୟ ୧ କୋଟି ଟଙ୍କାରୁ ଅଧିକ ବୋଲି ଜଣାପଡିଛି । ସାମ୍ଭାବ୍ୟ ବର୍ଷ ୨୦୨୧-୨୨ ରେ ୧ କୋଟି ଟଙ୍କାରୁ ଅଧିକ ରୋଜଗାର କରୁଥିବା ଲୋକଙ୍କ ସଂଖ୍ୟା ୧ ଲକ୍ଷ ୧୪ ହଜାର ୪୪୪ ଥିଲା । ▶▶ପୃଷ୍ଠା ୭

# ତ୍ରୟୋଦଶ ରାଜ୍ୟସ୍ତରୀୟ କୁମାର କବି ଶ୍ରଦ୍ଧାଞ୍ଜଳି ସମାରୋହ

ପୁରୀ,୨୬/୦୯ (ନି.ପ୍ର): ଶ୍ରୀ ଜଗନ୍ନାଥ ସଂସ୍କୃତିର ପ୍ରଚାରକ, ଭାରତୀୟ ସଂସ୍କୃତିର ଗବେଷକ, ବିଶିଷ୍ଟ କବି, ଲେଖକ ଓ ସାରସ୍ୱତ ସାଧକ କଥାକୌସ୍ତୁଭ କୁମାର କବି ଅରକ୍ଷିତ ପ୍ରଧାନଙ୍କ ତ୍ରୟୋଦଶ ରାଜ୍ୟ ସ୍ତରୀୟ ଶ୍ରଦ୍ଧାଞ୍ଜଳି ସମାରୋହ ଓଡ଼ିଶା ସାହିତ୍ୟ ଏକାଡେମୀ ଓ କୁମାର କବି ଫାଉଣ୍ଡେସନର ମିଳିତ ଆୟୋଜନ କ୍ରମେ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଭବ୍ୟ ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ସମାରୋହକୁ ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମଶ୍ରୀ ପ୍ରଭାକର ମହାରଣା ଉଦଘାଟନ କରି କହିଥିଲେ ଯେ, କୁମାର କବି ଥିଲେ ମହାନ ଭାରତୀୟ ସଂସ୍କୃତିର ଗବେଷକ, ଉତ୍କଳୀୟ ସଂସ୍କୃତିର ପ୍ରଚାରକ ଓ ଆସାମ ଓଡ଼ିଶା ମଧ୍ୟରେ ସାଂସ୍କୃତିକ ସଂଯୋଜକ। ଏହି ମହାନ କବିଙ୍କର ୧୮ ଖଣ୍ଡ କାଳଜୟୀ ପୁସ୍ତକ ଓଡ଼ିଶା ସାହିତ୍ୟ ଜଗତକୁ ଅମୂଲ୍ୟ ଅବଦାନ। କୁମାର କବିଙ୍କ ଜୀବନୀ ପୁସ୍ତକ ଅନ୍ୟାନ୍ୟ ଭାରତୀୟ ଭାଷାରେ ପ୍ରକାଶନ ପାଇଁ ସେ ସଭାରେ ପ୍ରସ୍ତାବ ରଖିଥିଲେ। ମୁଖ୍ୟ ଅତିଥି ରୂପେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ଓ ରାଜ୍ୟ ଯୋଜନା ବୋର୍ଡର ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା କହିଥିଲେ ଯେ, କୁମାର କବି ଥିଲେ ଭାଷା, ଭାବ, ସଂସ୍କୃତି ଓ ସଂସ୍କୃତର ମହାକବି। ତାଙ୍କ କାଳଜୟୀ ଗ୍ରନ୍ଥ ସମୂହ ମା, ମାଟି, ମଣିଷ ଓ ପ୍ରକୃତିର ଜୟଗାନ କରିଥାଏ। ତାଙ୍କ ସମଗ୍ର ରଚନାବଳୀକୁ କୁମାର କବି ଗ୍ରନ୍ଥାବଳୀ ଆକାରରେ ପ୍ରକାଶ ନିମନ୍ତେ ସାହିତ୍ୟ ଏକାଡେମୀ ପଦକ୍ଷେପ ଗ୍ରହଣ କରିବାକୁ ସେ ପ୍ରସ୍ତାବ ଦେଇଥିଲେ। କୁମାର କବି ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ ବିଶିଷ୍ଟ ଚିନ୍ତାନାୟକ ଓ ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ। ସେ କହିଥିଲେ ଯେ, କୁମାର କବି ଥିଲେ ସ୍ୱପ୍ନ, ସଂକଳ୍ପ, ସାଧନା ଓ ସଙ୍ଘର୍ଷର ମହାସିଦ୍ଧି । ଆନୁଷ୍ଠାନିକ ଶିକ୍ଷା ନଥାଇ ଜଣେ ଯେ ନିରୁତା ଗବେଷକ, ସଫଳ ଲେଖକ ଓ ମହାକବି ହୋଇପାରେ ତାହାହିଁ ଆଜିର ସାହିତ୍ୟିକ ମାନଙ୍କ ଆଗରେ କୁମାର କବି ହେଉଛନ୍ତି ପ୍ରେରଣାର କିମ୍ବଦନ୍ତୀ । କୁମାର କବିଙ୍କ ସାମଗ୍ରିକ ଜୀବନର ଆଦର୍ଶ ଥିଲା ମା, ମାଟି, ମଣିଷ, ପ୍ରକୃତି ଓ ସଂସ୍କୃତିକୁ ନିବିଡ଼ ଭାବରେ ଭଲପାଇବା। ସେ ଥିଲେ ଅନନ୍ୟ ଓ ବିଚକ୍ଷଣ ବାଗ୍ମୀ, ଧୂରୀଣ ସଂଗଠକ ଓ ସମର୍ପିତ ସମାଜସେବୀ। କୁମାର କବିଙ୍କୁ ତାଙ୍କ ଅନନ୍ୟ ସାହିତ୍ୟ କୃତି ଓ ସମର୍ପିତ ସାମାଜିକ ତଥା ସାଂସ୍କୃତିକ ଜୀବନାଦର୍ଶ ନିମନ୍ତେ ଭାରତ ସରକାରଙ୍କ ତରଫରୁ ତାଙ୍କୁ ମରଣୋତର ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯିବା ଆବଶ୍ୟକ ବୋଲି ଶ୍ରୀ ହରିଚନ୍ଦନ ସଭାରେ ଦୃଢ଼ ଦାବି ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ବିଶିଷ୍ଟ କଣ୍ଠଶିଳ୍ପୀ ଗୀତା ଦାସ କୁମାର କବିଙ୍କୁ କାଳଜୟୀ ସାହିତ୍ୟର ସ୍ରଷ୍ଟା ଓ ସଂସ୍କୃତି କବି ଭାବରେ ସମ୍ବୋଧନ କରି କହିଥିଲେ ଯେ, ଦାରିଦ୍ର୍ୟ ଆଗରେ ସ୍ୱାଭିମାନ କେବେ ହାର ମାନେ ନାହିଁ, ଶିକ୍ଷାର ଅଭାବ ପ୍ରତିଭାକୁ ମାରିପାରେ ନାହିଁ ବୋଲି କୁମାର କବି ନିଜ ଜୀବନରେ ପ୍ରମାଣିତ କରି ଯାଇଛନ୍ତି। ବିଶିଷ୍ଟ ସମାଜସେବୀ ବାବା ବିଭୁତି ଦାସ ମହାରାଜ କହିଥିଲେ ଯେ, କୁମାର କବି ଅରକ୍ଷିତ ପ୍ରଧାନ ଥିଲେ ଅନେକରେ ଏକ, କୋଟିଏରେ ଗୋଟିଏ। ଆସାମ ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ସେ ଥିଲେ ସାଂସ୍କୃତିକ ଦୂତ। ତେଣୁ ଆସାମ ସରକାର ତାଙ୍କୁ ଆଜୀବନ ରାଜ୍ୟ ଅତିଥିର ମାନ୍ୟତା ପ୍ରଦାନ କରିଥିଲେ ଏବଂ ଏହି ସେବା ପାଇବାରେ ସେ ଥିଲେ ଏକମାତ୍ର ଓଡ଼ିଆ। ମଂଚରେ ଉପସ୍ଥିତ ସମ୍ମାନିତ ଅତିଥି ବିଶ୍ୱମୁକ୍ତି ସମ୍ପାଦକ ଅଧ୍ୟାପକ ଶଶାଙ୍କ ଚୂଡ଼ାମଣି କୁମାର କବିଙ୍କ ସାଧନା ପୀଠର ପୁନରୁଦ୍ଧାର କରିବା ଏବଂ ତାଙ୍କ ନାମରେ ଭୁବନେଶ୍ୱରର ଏକ ପ୍ରମୁଖ ରାସ୍ତା ନାମକରଣ ପାଇଁ ପ୍ରସ୍ତାବ ଦେଇଥିଲେ। ଫାଉଣ୍ଡେସନର କାର୍ଯ୍ୟକାରୀ ସଭାପତି ଅଧ୍ୟାପକ ପ୍ରମୋଦ କୁମାର ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ।

# ପଂଚାୟତର ବିଭିନ୍ନ କାର୍ଯ୍ୟରେ ଅସହଯୋଗ କରିବା ନେଇ ସରପଂଚ ସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

ଜୟପୁର,୨୬/୦୯ (ନି.ପ୍ର): ପଂଚାୟତର ବିଭିନ୍ନ କାଯ୍ୟରେ ସମ୍ପୂର୍ଣ୍ଣ ଅସହଯୋଗ କରିବା ନେଇ ଜୟପୁର ବିଡିଓଙ୍କୁ ଦାବୀ ପତ୍ର ଦେଲେ ସରପଂଚ ସଂଘ । ଜୟପୁର ବିଡିଓ ରାଜିବ ଦାସ ଦାବିପତ୍ର ଗ୍ରହଣ କରିଥିଲେ । ରାଜ୍ୟ ସରପଂଚ ମହାସଂଘର ନିର୍ଦ୍ଦେଶ କ୍ରମେ ଜୟପୁର ସରପଂଚ ସଂଘ ତରଫରୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି । ୧୫ ଦଫା ଦାବି ପୂରଣ ପାଇଁ ସରପଂଚ ମାନେ କଲମ ଛାଡ ଆନ୍ଦୋଳନ କରିଛନ୍ତି । ଅନିର୍ଦ୍ଦିଷ୍ଟ କାଳ ଯାଏ ସରକାରଙ୍କ ବିଭିନ୍ନ ଯୋଜନାରେ ସମ୍ପୁର୍ଣ୍ଣ ଅସହଯୋଗ କରାଯିବ ବୋଲି ଉଲ୍ଲେଖ କରାଯାଇଛି। ଜନ ସାଧାରଣଙ୍କ କଣ ଅସୁବିଧା ହେଲେ ସରକାର ଦାୟୀ ରହିବ ବୋଲି ଜୟପୁର ସରପଂଚ ସଂଘ ତରଫରୁ ଚେତାବନୀ ଦିଆଯାଇଛି । ଏହାର ପ୍ରଭାବ ପଂଚାୟତ ଉପରେ ପଡିଛି । ବିଶେଷ କରି ପଂଚାୟତରେ ସରପଂଚଙ୍କ ଭୂମିକା ନ୍ୟୁନ କରି ଦିଆଯିବା, ଗ୍ରାମାଚଂଳରେ ବିକାଶମୂଳକ କାଯ୍ୟରେ ଅଯଥା ରାଜନୈତିକ ହସ୍ତକ୍ଷେପ, ପଂଚାୟତରେ ସରପଂଚ ପାର୍ଣ୍ଣି ଗଠନ ସହ ବିଧାୟକ ଓ ସାଂସଦଙ୍କ ଯେପରି ଦରମା ଭତା ରହିଛି ସେହି କ୍ରମରେ ସରପଂଚଙ୍କ ଦରମା ମାସିକ ୩୦ ହଜାର ଟଙ୍କା ପ୍ରଦାନ, ସରପଂଚମାନଙ୍କୁ ସ୍ୱାସ୍ଥ୍ୟ କାର୍ଡ ଏବଂ ସରପଂଚଙ୍କ କାର୍ଯ୍ୟ ଅବଧି ସମୟରେ ମୃତ୍ୟୁ ହେଲେ ମୃତ୍ୟୁକାଳୀନ ସହାୟତା ପାଇଁ ୫୦ ଲକ୍ଷ ଟଙ୍କା ତାଙ୍କ ପରିବାରକୁ ଦିଆଯାଉ, ଗ୍ରାମପଂଚାୟତ ଅର୍ଥରେ ଖର୍ଚ୍ଚ ହେଉଥିବା ସମସ୍ତ କାର୍ଯ୍ୟକୁ ପଂଚାୟତ ଦ୍ୱାରା ପରିଚାଳନା କରାଯାଉ, ସରପଂଚ ମାନଙ୍କ ପାଇଁ ରାଜ୍ୟର ରାଜଧାନୀ ଓ ଜିଲା ସଦର ମହକୁମାରେ ସରପଂଚ ଭବନ ନିମନ୍ତେ ଜମି ଓ ଅର୍ଥ ବରାଦ କରାଯାଉ, ଆଦି ଦାବି ରହିଛି । ଆଜିର ଦାବିପତ୍ର ପ୍ରଦାନ ସମୟରେ କୋରାପୁଟ ଜିଲା ସରପଂଚ ସଂଘ ଉପ ସଭାପତି ମନଧର ଗାଦବା, ଜିଲା ସଂଘ ଉପଦେଷ୍ଟା ଦିନୁ ହକୋକା, ସମ୍ପାଦକ ବଳଭଦ୍ର ଗାଦବା, ଶିବ ଭୁମିଆ, ଯୋଶେଫ ସିରିକା, ବାବୁଲା ଦିଶାରି, ସବିତା ନାୟକ, ରୁକ୍ମଣି ଭୁମିୟା, ସବିତା ମୁଦୁଲି, ଲକ୍ଷ୍ମଣ ହାଲବା, ଆନନ୍ଦ ହାଲବା, ତ୍ରିନାଥ ପୁଜାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ମହଙ୍ଗା ପଡ଼ିଲା ବ୍ୟାଙ୍କ ଋଣ ନଶୁଝିବା: ଆଦର୍ଶ ଅଗ୍ରୱାଲଙ୍କ ଘର ଦଖଲକୁ ନେଲା ବ୍ୟାଙ୍କ




କଣ୍ଟାବାଞ୍ଜି,୨୬/୦୯ (ନି.ପ୍ର): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରର ଜଣାଶୁଣା ବ୍ୟବସାୟୀ ଆଦର୍ଶ ଅଗ୍ରୱାଲଙ୍କ ଘର ଜବତ କରାଯାଇଛି। ସହରର ତିନି ନମ୍ବର ରୋଡ୍‌ରେ ଥିବା ଘରକୁ ବ୍ୟାଙ୍କ ସିଲ୍ କରି ନିଜ ଦଖଲରେ ନେଇଥିବା ଜଣାପଡ଼ିଛି। କଣ୍ଟାବାଞ୍ଜି ତହସିଲ୍‌ଦାର ତଥା ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଅମୃତଲାଲ ବେହେରା, ଥାନା ଅଧିକାରୀ ରଶ୍ମିତା ବେହେରା ଓ ଅର୍ଥ ବିଭାଗର ଏନ୍‌ଫୋର୍ସମେଣ୍ଟ ଟିମ୍‌ର ସହଯୋଗରେ ଏହି ଦଖଲ କରାଯାଇଛି। ପ୍ରକାଶଥାଉ କି, ଆଦର୍ଶ ହେଉଛନ୍ତି ବରିଷ୍ଠ ଆଇଏଏସ୍ ଅଧିକାରୀ ଅରବିନ୍ଦ ଅଗ୍ରୱାଲଙ୍କ ଭାଇ ଅଟନ୍ତି।

ସୂଚନା ଅନୁସାରେ, ୨୦୨୧ ମସିହାରେ ବେଲପଡ଼ା ବ୍ଲକ୍ କପାଣି ଗାଁରେ ଏକ କପାମିଲ୍ କରିବାକୁ ଆଦର୍ଶ ଟିଟିଲାଗଡ଼ ୟୁନିଅନ୍ ବ୍ୟାଙ୍କ ଶାଖାରୁ ୯ କୋଟି ଟଙ୍କା ଋଣ ନେଇଥିଲେ। ରାଧାରମଣ କଟ୍‌ଜିନ୍ (କପାମିଲ୍) ନାମରେ ବ୍ୟବସାୟ ପାଇଁ ଏହି ଋଣ ଅନୁମୋଦନ ହୋଇଥିଲା। ଋଣ ଠିକ୍ ସମୟରେ ପରିଶୋଧ ନକରିବାରୁ ବାରମ୍ବାର ବ୍ୟାଙ୍କ କର୍ତ୍ତୃପକ୍ଷ ନୋଟିସ୍ ଦେଇଥିଲେ। ଏହା ପରେ ଉକ୍ତ ମିଲ୍‌କୁ ବିକ୍ରି କରି ପ୍ରାୟ ୪ କୋଟି ଟଙ୍କା ବ୍ୟାଙ୍କକୁ ଦେଇଥିବା ବେଳେ ବକେୟା ଟଙ୍କା ଦେଇ ନାହାନ୍ତି। ଏହି ବ୍ୟାଙ୍କ ୩୦.୯.୨୦୨୧ରେ ଆଦର୍ଶଙ୍କୁ କଳା ତାଲିକାଭୁକ୍ତ କରିଥିଲା। ଋଣ ଟଙ୍କା ଅଧିକ ଥିବାରୁ ବାରମ୍ବାର ନୋଟିସ୍ କରିଥିଲା ବ୍ୟାଙ୍କ। ଏହାକୁ ଅମାନ୍ୟ କରିବାରୁ ସୋମବାର ଅର୍ଥ ବିଭାଗର ଏନ୍‌ଫୋର୍ସମେଂଟ ଟିମ୍ ସହଯୋଗରେ ତାଙ୍କ ଘରକୁ ଦଖଲ କରିଛି ୟୁନିଅନ୍ ବ୍ୟାଙ୍କ। ଏହା ସହ ସହର ଭିତରେ ଖାଲି ପଡ଼ିଥିବା ତାଙ୍କର ୧.୫ ଏକର ଜମିକୁ ମଧ ଦଖଲ କରିବ ବୋଲି ସୂଚନା ଦିଆଯାଇଛି। ଠିକ୍ ସମୟରେ ଋଣ ପରିଶୋଧ କରି ନଥିବା ଓ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ହଇରାଣ କରୁଥିବାରୁ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ବ୍ୟାଙ୍କ ଅଧିକାରୀ ଜ୍ୟୋତିପ୍ରଭା ଶବର କହିଛନ୍ତି। ଏହି ଦଖଲ ସମୟରେ ବ୍ୟାଙ୍କର ଆଞ୍ଚଳିକ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ଶାନ୍ତନୁ ମହାକୁଡ଼, ଟିଟିଲାଗଡ଼ ଶାଖା ପରିଚାଳକ ଗୋବିନ୍ଦ ସାହୁ, ଅର୍ଥ ବିଭାଗ ଏନ୍‌ଫୋର୍ସମେଂଟ ଟିମ୍‌ର ଅରୁଣ ପ୍ରକାଶ ବେହେରା, ପ୍ରିୟମ୍ବଦା ଦାଶ, ମାନସ ମହାପାତ୍ର, ଅନିଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଶାରଳା ଶକ୍ତିପୀଠରେ ଷୋହଳ ପୂଜା ପାଇଁ ପ୍ରସ୍ତୁତି ବୈଠକ

ବଲାଙ୍ଗିର, ୨୩/୦୯ (ନି.ପ୍ର): ଲୋଇସିଂହା ଡୋଲମହୁଲ ସ୍ଥିତ ମା' ଶାରଳା ଶକ୍ତିପୀଠରେ ଷୋଡ଼ଶ ଦିନାତ୍ମକ ଶାରଦୀୟ ଦୁର୍ଗାପୂଜା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଅକ୍ଟୋବର ୬ ରୁ ୨୩ ତାରିଖ ପର୍ଯ୍ୟନ୍ତ ମା'ଙ୍କ ବିଭିନ୍ନ ବେଶ କରାଯିବା ସହିତ ପ୍ରତ୍ୟହ ଭଜନ କୀର୍ତନ, ଚଣ୍ଡୀପାଠ, ହୋମଯଜ୍ଞ, ପ୍ରବଚନ ସାଙ୍ଗକୁ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ରହିଛି । ଏଥିସହିତ ଇଚ୍ଛୁକ ଶ୍ରଦ୍ଧାଳୁ ଦେବୀଙ୍କ ନିକଟରେ ତ୍ରି ଦିନାତ୍ମକ, ନବ ଦିନାତ୍ମକ ଅଥବା ଷୋଡ଼ଶ ଦିନାତ୍ମକ ଭାବେ ଅଖଣ୍ଡ ଜ୍ୟୋତି ଜଳାଇ ପାରିବେ । ଅପରାହ୍ନ ୧ ଟାରେ ଚଣ୍ଡୀପାଠ ଓ ପରେ ହୋମଯଜ୍ଞ ତଥା ପ୍ରସାଦ ସେବନର କାର୍ଯ୍ୟକ୍ରମ ରହିଛି। ପୀଠର ଅଧ୍ୟକ୍ଷ ତଥା ମୁଖ୍ୟ ପୃଷ୍ଠପୋଷକ ମୁରଲୀ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଘାସିରାମ ପୁଟା, ମୁକେଶ ପଧାନ, କୈଳାସ ପଧାନ, ରବି କୁଅଁର, ମୁକେଶ ଭୋଇ, ଜିବର୍ଦ୍ଧନ ଧରୁଆ, ଡାକ୍ତର କୁଅଁର, ପ୍ରକାଶ ମହାରଣା ପ୍ରମୁଖ ଉପସ୍ଥିତ ଥିବାବେଳେ ବ୍ରଜମୋହନ ବିଶୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶ୍ରୀମନ୍ଦିରରେ ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ

ପୁରୀ,୨୬/୦୯ (ନି.ପ୍ର): ଶ୍ରୀଜଗନ୍ନାଥ ମନ୍ଦିରରେ ପାଳିତ ହେଉଥିବା ଦ୍ୱାଦଶ ଯାତ୍ରା ମଧ୍ୟରୁ ପାର୍ଶ୍ୱ ପରିବର୍ତନ ଯାତ୍ରା ଅନ୍ୟତମ । ଭାଦ୍ରବ ଶୁକ୍ଳ ଏକାଦଶୀରେ ଆଜି ଏହି ଯାତ୍ରା ଅନୁଷ୍ଠିତ ହୋଇଛି। ମହାପ୍ରଭୁ ୪ ମାସ ଶୟନ କାଳରେ ୨ ମାସରେ ପାର୍ଶ୍ୱ ପରିବର୍ତନ କରିଥାନ୍ତି। ଆଜି ଭୋଗମଣ୍ଡପ ନୀତି ଶେଷ ହେବା ପରେ ତିନି ଠାକୁରଙ୍କ ମହାସ୍ନାନ ହୋଇ ନୂଆ ଲୁଗା ଲାଗି ହୋଇଥିଲା। ତତ୍ପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ସେବକ ଘଟୁଆରୀ ଘରୁ ଆସିଥିବା ଚନ୍ଦନ ଶ୍ରୀଅଙ୍ଗରେ ଲାଗି କରିଥିଲେ । ଏହାପରେ ଶ୍ରୀମଦନମୋହନଙ୍କୁ ମହାଜନ ସେବକ ରତ୍ନସିଂହାସନ ବିଜେ କରାଇଥିଲେ। ସେଠାରେ ମହାପ୍ରଭୁଙ୍କ ଠାରୁ ଆଜ୍ଞା ମାଳ ପାଇ ମୁକ୍ତିମଣ୍ଡପ ନିକଟରେ ଥିବା ପାଲିଙ୍କିକୁ ବିଜେ କରିଥିଲେ। ଏହାପରେ ବିମାନ ବଡୁ ସେବକ ଉକ୍ତ ପାଲିଙ୍କିଟିକୁ ସ୍କନ୍ଧରେ ବହନ କରି ବଡଦେଉଳର ୧ ଥର ପରିକ୍ରମା କରି ପୁଣି ମୁକ୍ତିମଣ୍ଡପ ନିକଟରେ ରଖିଥିଲେ । ପରେ ଶ୍ରୀମଦନମୋହନ ଜୟ ବିଜୟ ଦ୍ୱାର ନିକଟରେ ବିଜେ କରିଥିଲେ ଓ ସେଠାରେ ଏକାଦଶୀ ଭୋଗ ଏବଂ ବନ୍ଦାପନା ଅନୁଷ୍ଠିତ ହୋଇଥିଲା। ତତ୍ପରେ ଶ୍ରୀମଦନମୋହନ ଦକ୍ଷିଣୀ ଘରକୁ ବିଜେ କରିଥିଲେ । ସନ୍ଧ୍ୟା ଧୂପ ଶେଷ ହେବା ପରେ ଅନନ୍ତ ପୁରୁଷୋତମ ମନ୍ଦିର ଭିତରେ ଦେଉଳ ପୁରୋହିତ ପବିତ୍ର ଅଧିବାସ ନିମନ୍ତେ ଆଚାର୍ଯ୍ୟ ବ୍ରହ୍ମା ବରଣ ହୋଇ ହୋମ କରିଥିଲେ। ପ୍ରଥମ ବଡ଼ସିଂହାର ବେଶ ଓ ଭୋଗ ଶେଷ ହେବାପରେ ଖଟ ଶେଜ ଘର ଧୋପଖାଳ ହୋଇ ଦେଉଳ ପୁରୋହିତ ଏହି ଘରେ ପଂଚ ମୁରୁଜରେ ୩ଟି ମଣ୍ଡଳ କାଟିଥିଲେ ଓ ଏହା ଉପରେ ପୂର୍ଣ୍ଣ କୁମ୍ଭ ପ୍ରତିଷ୍ଠା କରିଥିଲେ। ଏହାପରେ ଭଣ୍ଡାର ମେକାପ ଏହି ମଣ୍ଡଳ ଉପରେ ୯ମୂର୍ତି ପବିତ୍ରା, କୁର୍ବନ୍ତିମାଳ ୩ ମୂର୍ତିକୁ ପତନୀ ଘୋଡେଇ ରଖିଥିଲେ। ତତ୍ପରେ ଦେଉଳ ପୁରୋହିତ ବରୁଣ ପୂଜା କରି ଉକ୍ତ ପବିତ୍ରାଟିକୁ ୩ ବାଡ଼ରେ ମନ୍ତ୍ର ଉଚ୍ଚାରଣ କରି ଅଧିବାସ କରାଇବା ପରେ ଖଟ ଶେଜ ଘର ମୁଦ ଦିଆଯାଇଥିଲା। ଭିତର ମଇଲମ ସରି ମହାସ୍ନାନ ସରିବା ପରେ ପାଳିଆ ପୁଷ୍ପାଳକ ନୂଆ ଲୁଗା ଲାଗି କରାଇଥିଲେ। ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ଘଂଟ, ଛତ୍ର, କାହାଳୀରେ ୩ଟି ରୂପା ପିଙ୍ଗଣରେ ଚନ୍ଦନ ବିଜେ କରାଇ ତାହା ଶ୍ରୀଅଙ୍ଗରେ ସର୍ବାଙ୍ଗ ଲାଗି କରାଇଥିଲେ। ଏହାପରେ ବଲ୍ଲଭ ବଡ଼ସିଂହାର ବେଶ ହୋଇ ୬ ମୂର୍ତି ଅଳଙ୍କାର ଲାଗି ହେବା ପରେ ଘଂଟ, ଛତ୍ର, କାହାଳୀ ସହ ତଲୁଛ ମହାପାତ୍ର ଓ ପ୍ରଧାନୀ ସେବକ ପଟୁଆରରେ ବଲ୍ଲଭ ବଡ଼ସିଂହାର ଭୋଗ ଛାମୁକୁ ଆଣିଥିଲେ। ଏହି ବିଶେଷ ତିଥିରେ ଆଜି ଶ୍ରୀମନ୍ଦିରରେ ୨ ଥର ବଡ଼ସିଂହାର ବେଶ ଓ ଭୋଗ ଅନୁଷ୍ଠିତ ହୋଇଛି । ଷୋଡଶ ଉପଚାର ପୂଜା ଶେଷ ହୋଇ କର୍ପୁର ଆଳତି ହେବା ପରେ ପାର୍ଶ୍ୱ ପରିବର୍ତନ ନୀତି ଅନୁଷ୍ଠିତ ହୋଇଛି।

# ଗୁଳନଗର ପଂଚାୟତରେ ଗଣେଶମେଢ ମେଲଣ ଓ ଭସାଣୀ ଉତ୍ସବ: ନାକେଦମ ହେଲେ ସାଧାରଣ ଲୋକ

କେନ୍ଦ୍ରାପଡ଼ା, ୨୩/ ୦୯ (ନି.ପ୍ର): କେନ୍ଦ୍ରାପଡା ସହର ଉପଖଣ୍ଡ ଗୁଳନଗର ପଂଚାୟତରେ ଗଣେଶମେଢ ମେଲଣ ଓ ଭସାଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଭାସାଣୀ ଉତ୍ସବରେ ପା ।ତୟରୁ ୯ଟି ମେଢ ଯୋଗ ଦେଇଥିଲେ । ପ୍ରାତ ୮ଟାରୁ ଏହି ଉତ୍ସବ ଆରମ୍ଭ କରାଯାଇଥିଲା । ସମସ୍ତ ୯ଟି ମେଢ ଗ୍ରାମ ପରିକ୍ରମା କରି ଅପରାହ୍ନ ୨ଟା ସମୟରେ ଗୋବରୀନଦୀ ଚଟିପୋଲ ନିକଟ ମେଲଣ ପଡିଆରେ ଏକାଠି ହୋଇଥିଲେ । ସେଠାରେ ସମସ୍ତ ମେଢଗୁଡିକୁ ଭୋଗଲାଗି କାରାଯାଇଥିଲା । ଏହାପରେ ପୂର୍ବରୁ ଲଟେରି ମାଧ୍ୟମରେ ନିର୍ଦ୍ଧାରିତ କରାଯାଇଥିବା ମେଢଗୁଡିକ କ୍ରମାନୁସାରେ ମେଲଣ ପଡିଆରୁ ବାହାରି କଟକ ଚାନ୍ଦବାଲି ରାସ୍ତା ଦେଇ ତିନିମୂହାଣୀ, କଲେଜ ଛକ ଓ ଉଦୟନଗର ଛକ ଦେଇ ପୁନ୍ନବାର ଗୁଳନଗର ଛକକୁ ଆସିଥିଲେ । ସେଠାରୁ ଗୁଳନଗର ଗ୍ରାମ ପରିକ୍ରମା କରି ନିଜନିଜ ମେଢ ଗୁଡିକୁ ଗୋବରୀ ନଦୀରେ ବିର୍ସଜିତ କରିଥିଲେ। ଏହି ମେଢ ଗୁଡିକ ହେଲା ଜୟଦୁର୍ଗା କ୍ଲବ(ଥାନପତି), ହେଙ୍କଡ କ୍ଲବ, ମଦନମୋହନ କ୍ଲବ, ଗଣପତି ୟୁଥ କ୍ଲବ, ତ୍ରିନାଥ କ୍ଲବ, ବାବା ସମ୍ବରେଶ୍ୱର କ୍ଲବ, ଗୋବିନ୍ଦଜୀୟୁ କ୍ଲବ, ମହାଲକ୍ଷ୍ମୀ କ୍ଲବ, ୟୁବଶକ୍ତି ୟୁଥ କ୍ଲବ। ମେଲଣ ପଡିଆରୁ କଟକ ଚାନ୍ଦବାଲି ରାସ୍ତା ଅତିକ୍ରମ କରିବାକୁ ମେଢଗୁଡିକୁ ପ୍ରାୟ ୫ଘ । ସମୟ ଲାଗିଥିଲା । କାରଣ ମେଢ ଗୁଡିକରେ ଲଗାଯାଇଥିବା ସାଉଣ୍ଡବକ୍ସ ରାସ୍ତାକୁ ଅବରୋଧ କରୁଥିଲା । ଯାହାଫଳରେ ସାଧାରଣ ଲୋକମାନେ ନାହି ନଥିବାର ଅସୁବିଧାର ସମ୍ମୁଖିନ ହୋଇଥିଲେ । କଟକରୁ ଚାନ୍ଦବାଲି, ପଟ୍ଟାମୁଣ୍ଡାଇ, ରାଜନଗର, ଆଳି ଓ କେନ୍ଦ୍ରାପଡା ସହରକୁ ଯାଉଥିବା ବସ ଗୁଡିକ ରାସ୍ତାଉପରେ ପଡିରହିଥିଲା। ସେହିପରି ପିଲାମାନଙ୍କୁ ସ୍କୁଲରୁ ଫେରୁଥିବା ଗାଡି, ମେଡିକାଲକୁ ଯାଉଥିବା ରୋଗୀ, ଜରୁରୀ କାର୍ଯ୍ୟରେ ଯାଉଥିବା ଲୋକମାନେ ଘଂଟା ଘଂଟା ଧରି ଅପେକ୍ଷା କରିଥିଲେ । ଭିଡକୁ ନିୟନ୍ତ୍ରଣ କରିବା ସଦରଥାନା ପୋଲିସକୁ ନାକେଦମ ହୋବାକୁ ପଡିଥିଲା ।

# ଆସନ୍ତା ୨୯ରେ ଚୁଡାପାଲିଠାରେ ପ୍ରଜା ଆନ୍ଦୋଳନର ୮୪ ବର୍ଷ ପୂର୍ତ୍ତି ପାଳନ ନିମନ୍ତେ ପ୍ରସ୍ତୁତି

ବଲାଙ୍ଗୀର,୨୬/ ୦୯ (ନି.ପ୍ର): ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ଚୁଡାପାଲି ଗ୍ରାମ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ଠାରେ ସ୍ୱାଧିନତା ସଂଗ୍ରାମୀ ସ୍ୱର୍ଗତ ଯୋଗେଶ୍ୱର କୁମୁରାଙ୍କ ନେତୃତ୍ୱରେ ଅବିଭକ୍ତ ବଲାଙ୍ଗିର ଜିଲ୍ଲାରେ ପ୍ରଜାଙ୍କ ଉପରେ ହେଉଥିବା ଅନ୍ୟାୟ, ଅତ୍ୟାଚାର, ବେଠି ବେରୋଜଗାର, ଦୁରାଚାରକୁ ରୋକିବା ପାଇଁ ରାଜତନ୍ତ୍ର ବିରୁଦ୍ଧରେ ୨୯ ସେପଟ୍ମେର ୧୯୩୮ ମସିହାରେ ପ୍ରଜା ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ସେ ସମୟରେ ଶହ ଶହ ଶଗଡ ଗାଡିରେ ହଜାର ହଜାର ସଂଖ୍ୟାରେ ପ୍ରଜା ଚୁଡାପାଲିରୁ ବଲାଙ୍ଗିର ଆସି ପ୍ରଜା ଆନ୍ଦୋଳନରେ ଯୋଗ ଦେଇଥିଲେ । ଭାରତର ସ୍ୱାଧିନତା ପୂର୍ବରୁ ଆମ ଅଂଚଳକୁ ସ୍ୱାଧିନତା ଆଣିବା ପାଇଁ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଯୋଗେଶ୍ୱର କୁମୁରା ପ୍ରଜାମେଳି କରିଥିବା ନଜିର ରହିଛି । ସେହି ଦିନଟିକୁ ଅଂଚଳ ପାଇଁ ଏକ ଅସ୍ମିତା, ଗୌରବର ଦିନ ହୋଇଥିବାରୁ ପ୍ରଜା ଆନ୍ଦୋଳନର ୮୪ ବର୍ଷ ପୂର୍ତି ଅବସରରେ ଏକ ଆଲୋଚନାଚକ୍ର କରି ସେହି ସ୍ମୃତି ଅସ୍ମିତାର କଥାକୁ ପୁର୍ନଜିବିତ ତଥା ସ୍ମୃତି ଚାରଣ କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତି ନିଆଗଲା । ପୂର୍ବତନ ବ୍ଲକ ଅଧ୍ୟକ୍ଷ ଘାସିରାମ ବେହେରାଙ୍କ ସ୍ୱାଗତ ଅଭିବ୍ୟକ୍ତି ପରେ ସ୍ୱାଧୀନତା ସଂଗ୍ରାମୀ ଯୋଗେଶ୍ୱର କୁମୁରା ସ୍ମୃତି କମିଟି ସଭାପତି ଲୋକନାଥ କୁମୁରାଙ୍କ ଆବାହକତ୍ୱରେ ସମସ୍ତ ସଦସ୍ୟ ଲମ୍ବୋଦର ପଟେଲ, ରାମକିଶନ୍ ଅଗ୍ରୱାଲ, କିର୍ତନ ସାହୁ, ରାମେଶ୍ୱର ପୃଷ୍ଟି, ଜନାର୍ଦ୍ଦନ ମହାପାତ୍ର, ନବିନ ମାଲ୍, ହେମସାଗର ସାହୁ, ଦିନେଶ କୁମାର ପଟେଲ, ଗୋପାଳ ପଟେଲ, ସୁବାଷ କୁମାର ନନ୍ଦ, ପଙ୍କଜ ମାଲ, ରାଜେଶ୍ୱର କୁମୁରା, ଶୁଶିଲ ବେହେରା, ସାମାଜିକକର୍ମୀ ଜୟକୃଷ୍ଣ ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ଆସନ୍ତା ୨୯ ତାରିଖ ଦିନ ହାଇସ୍କୁଲ ପଡିଆରେ ପ୍ରଜା ଆନ୍ଦୋଳନର ୮୪ ବର୍ଷ ପୂର୍ତି ପାଳନ ହେବ। ଶେଷରେ ସଂପାଦକ ଶରତ ନନ୍ଦ ସମସ୍ତଙ୍କ ସହଯୋଗ କାମନା କରି ଅଂଚଳର ବିକାଶ, ସ୍ୱାଭିମାନ, ସମ୍ମାନ ପାଇଁ ସମସ୍ତେ ଏକଜୁଟ ହୋଇଥିବା ହେତୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

# ଦୁର୍ଘଟଣାଗ୍ରସ୍ତ ହୋଇ ସଂପୂର୍ଣ୍ଣ ଜଳିଗଲା ଟିଭିଏସ୍ ମୋପେଡ୍

ହିଞ୍ଜିଳିକାଟୁ,୨୬/୦୯ (ନି.ପ୍ର): ଗଂଜାମ ଜିଲ୍ଲା ହିଞ୍ଜିଳିକାଟୁ ନୂଆ ମେଡିକାଲ୍ ଛକ ରାସ୍ତା ଉପରେ ଆଜି ଏକ ଟିଭିଏସ୍ ମୋପେଡ୍ ଦୁର୍ଘଟଣାଗ୍ରସ୍ତ ହୋଇ ସଂପୂର୍ଣ୍ଣ ଭାବେ ଜଳିଯାଇଛି। ଶିକିରି ଗ୍ରାମର ଗୌରାଙ୍ଗ ବରାଡ଼ ତାଙ୍କ ମୋପେଡରେ ପେଟ୍ରୋଲ୍ ପକାଇବାକୁ ପେଟ୍ରୋଲ୍ ପମ୍ପକୁ ଯିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଗୌରାଙ୍ଗ ଭାରସାମ୍ୟ ହରାଇ ପଡ଼ିଯିବା ପରେ ମୋପେଡ୍‌ଟି ହଠାତ ଜଳିଉଠିଥିଲା। ଟାଙ୍କି ଓଭର ଫ୍ଲୋ ହେବାରୁ ହଠାତ୍ ନିଆଁ ଲାଗିଯାଇଥିଲା। ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କିନ୍ତୁ ସେତେବେଳକୁ ମୋପେଡ୍‌ଟି ସଂପୂର୍ଣ୍ଣ ଭାବେ ଜଳିଯାଇଥିଲା।



# ନିମ୍ନମାନର କାମ କରି ଠିକାଦାର ଛୁ : ମରଣଯନ୍ତା ପାଲଟିଛି ୨୦ ନମ୍ବର ଜାତୀୟ ରାଜପଥ

ଚମ୍ପୁଆ,୨୬/୦୯ (ନି.ପ୍ର): ଠିକାଦାରଙ୍କ ମନମାନୀ ତଥା ନିମ୍ନ ମାନର କାମ ପାଇଁ ମରଣଯନ୍ତା ପାଲଟିଛି ୨୦ନମ୍ବର ଜାତୀୟ ରାଜପଥ । ଚମ୍ପୁଆ ଠାରୁ ରିମୁଳି ପର୍ଯ୍ୟନ୍ତ ସର୍ବମୋଟ ୧୫.୯୪ କି.ମି. ଦୈର୍ଘ୍ୟ ଏହି ଜାତୀୟ ରାଜପଥର ସୁଦୃଢ଼ୀ କରଣ ପାଇଁ ୧୪ କୋଟି ୫୮ ଲକ୍ଷ ୮୦ ହଜାର ଅର୍ଥାତ କିଲୋମିଟର ପ୍ରତି ୯୯ ଲକ୍ଷ ୩୦ ହଜାର ଟଙ୍କା ମଂଜୁର କରାଯାଇ ଥିଲେହେଁ ଠିକାଦାରଙ୍କ ମନମାନୀ କାର୍ଯ୍ୟ ପାଇଁ ମରଣ ଯନ୍ତା ପାଲଟିଛି ଏହି ଜାତୀୟ ରାଜପଥ । ଏହି ରାସ୍ତାର ସୁଦୃଢ଼ୀ କରଣ ପାଇଁ ଜାତୀୟ ରାଜପଥ ବିଭାଗ ଅଲେଖ କନଷ୍ଟ୍ରକସନ ନାମକ ଠିକା ସଂସ୍ଥାକୁ କାର୍ଯ୍ୟ ହସ୍ତାନ୍ତର କରି ନିଜର ଦାୟିତ୍ୱ ସାରି ଦେଇ ଥିବାବେଳେ ଠିକାଦାରଙ୍କ କାର୍ଯ୍ୟକୁ ତଦାରଖ କରିବା ପାଇଁ କେହି ନ ଥିବାରୁ ଠିକାଦାର ସାଧାରଣ ଲୋକଙ୍କ ଜୀବନ ସହିତ ଖେଳୁଥିବା ଅଭିଯୋଗ ହେଉଛି । ଏହି ରାଜପଥ ନିର୍ମାଣ କାର୍ଯ୍ୟ ଗତ ୧୬ - ୦୧ - ୨୦୨୧ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଜାତୀୟ ରାଜପଥ ବିଭାଗ ପକ୍ଷରୁ ସମୟ ସୀମା ପ୍ରଦାନ କରାଯାଇ ଥିଲା, କିନ୍ତୁ ସେହି ସମୟ ସୀମା ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରି ନ ପାରିବାରୁ ପୁନର୍ବାର ୩୦-୦୬-୨୦୨୩ ତାରିଖ ସୁଦ୍ଧା କାର୍ଯ୍ୟ ଶେଷ କରିବାକୁ ଠିକା ସଂସ୍ଥାକୁ ସମୟ ଦିଆ ଯାଇ ଥିବାବେଳେ ଠିକା ସଂସ୍ଥା ଅତି ତରବରିଆ ଭାବେ ନିମ୍ନମାନର କାର୍ଯ୍ୟ କରି ଛୁ ମାରିଥିବା ଦେଖା ଯାଇଛି । ଫଳରେ ଜାଗା ଜାଗାରେ ପିଚୁ ଉଠିଯାଇ ଗର୍ତ୍ତ ସୃଷ୍ଟି ହୋଇ ଥିବାବେଳେ ମହେଶ୍ୱରପୁର ପୋଲ ଉପରେ ରାସ୍ତାର ଉଭୟ ପାର୍ଶ୍ୱରେ ସମ୍ପୂର୍ଣ ଭାଙ୍ଗି ଖାଲ ସୃଷ୍ଟି ହୋଇଛି କ୍ଷ ସାଧାରଣ ବର୍ଷା ହେଲେ ଖାଲରେ ପାଣି ଜମି ରହି ମାଛ ଗଡିଆ ର ଭ୍ରମ ସୃଷ୍ଟି କରୁଛି କ୍ଷ ଦୂର ଦୁରାନ୍ତରୁ ଆସୁଥିବା ସାଇକେଲ, ମୋଟରସେଇକେଲ ଆରୋହୀ ପଡି ଖଣ୍ଡିଆ ଖାବରା ହେବା ନିତି ଦିନିଆଁ ଘଟଣା ପାଲଟିଛି କ୍ଷ ଦୀର୍ଘ ଦିନରୁ ଏହି ପୋଲ ଉପରେ ରାସ୍ତା ଭାଙ୍ଗି ଯାଇଥିଲେ ମଧ ଠିକା ସଂସ୍ଥା ମରାମତି କରିବାର ନାମ ଧରୁ ନ ଥିବାରୁ ତାହା ଏବେ ମରଣ ଯନ୍ତା ପାଲଟିଛି । ଏହି ରାସ୍ତାରେ ଦୈନିକ ହଜାର ହଜାର ସଂଖ୍ୟାରେ ଖଣିଜ ପଥର ବୋଝେଇ ଟ୍ରକ, ଟ୍ରଲର ପ୍ରଭୃତି ଚଳାଚଳ କରୁଥିବାରୁ ସାଧାରଣ ଲୋକଙ୍କ ଧନ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି । ଏହି ରାସ୍ତା ନିର୍ମାଣର ଅବଧି ସରି ଯାଇଥିଲେ ମଧ ନିର୍ମାଣ ଦାୟିତ୍ୱ ନେଇ ଥିବା ଠିକା ସଂସ୍ଥା ୨୦୨୫ - ୨୦୨୬ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ରକ୍ଷଣା ବେକ୍ଷଣ କରିବାନେଇ କାର୍ଯ୍ୟାଦେଶରେ ଉଲେଖ ରହିଥିଲେ ମଧ ଉକ୍ତ ଠିକା ସଂସ୍ଥା ରାସ୍ତା ମରାମତିର ନାଁ ଧରୁ ନ ଥିବାବେଳେ ପଡୋଶୀ ଝାରଖଣ୍ଡ ରାଜ୍ୟରୁ ଓଡିଶା କୁ ସଂଯୋଗ କରୁଥିବା ଏହି ରାସ୍ତାରେ ଚମ୍ପୁଆ ଉପଖଣ୍ଡ କାର୍ଯ୍ୟାଳୟରୁ କେନ୍ଦୁଝର ଜିଲ୍ଲା କାର୍ଯ୍ୟାଳୟକୁ ଛୋଟ ଚପରାଶି ଠାରୁ ବଡ଼ ବଡ଼ିଆ ସରକାରୀ ଅଧିକାରୀ ମାନେ ଦୈନିକ ଯିବା ଆସିବା କରୁଥିଲେ ମଧ ମୃତ୍ୟୁ ଯନ୍ତା ପାଲଟିଥିବା ଏହି ଜାତୀୟ ରାଜପଥ ପ୍ରତି କାହାରି ନଜର ପଡୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି ।

# ଜାତୀୟ ସେବା ଯୋଜନା ଦିବସ ପାଳିତ

ସମ୍ବଲପୁର, ୨୬/୦୯ (ନି.ପ୍ର): ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳଙ୍କ ସଭାପତିତ୍ୱରେ ଜାତୀୟ ସେବା ଯୋଜନା (ଏନ୍. ଏସ୍. ଏସ୍.) ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ମହିଳା ମହାବିଦ୍ୟାଳୟର ଏନ୍.ଏସ୍.ଏସ୍ ୟୁନିଟ ତରଫରୁ ପାଳିତ ଏହି ଉତ୍ସବରେ ଏନ୍.ଏସ୍.ଏସ୍ ଅଧିକାରିଣୀ ପ୍ରଫେସର ମୋନାଶ୍ରୀ ପାଣିଗ୍ରାହୀ ବାର୍ଷିକ ବିବରଣୀ ପାଠ କରିଥିଲେ ଓ ଯୁକ୍ତ ଦୁଇ କାର୍ଯ୍ୟ ନିଷ୍ପାଦନ ଅଧିକାରିଣୀ ପ୍ରଫେସର କେ ମାଧୁରୀ ଜାତୀୟ ସେବା ସଂସ୍ଥାନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଅଧ୍ୟକ୍ଷା ପ୍ରାରମ୍ଭିକ ସ୍ୱାଗତ ସମ୍ଭାଷଣ ପ୍ରଦାନ କରି ଛାତ୍ରୀମାନେ ସେବାକୁ ଜୀବନର ବ୍ରତ ରୂପେ ଗ୍ରହଣ କରିବାପାଇଁ ଆହ୍ୱାନ ଦେଇଥିଲେ । ପ୍ରଶାସନିକ ଅଧିକାରୀ ପ୍ରଫେସର ଉମାଶଙ୍କର ଦାଶ ଛାତ୍ର ଜୀବନରେ ସେବାର ମହତ୍ୱ ଉପରେ ଆଲୋକପାତ କରିଥିଲେ ଓ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ଛାତ୍ରଜୀବନ ସହ ସେବା ଓ ବ୍ୟକ୍ତିତ୍ୱ ଗଠନ ସଂପର୍କରେ ନିଜର ସାରଗର୍ଭକ ଅଭିମତ ପ୍ରଦାନ କରିଥିଲେ । ସଭାର ଶେଷରେ ମୋନାଶ୍ରୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ କେ ମାଧୁରୀ ସଭା ସଂଯୋଜନା କରିଥିଲେ । ଏହି ସଭାରେ ଏନ୍.ଏସ୍.ଏସ୍ ସ୍ୱେଚ୍ଛାସେବୀ, ଛାତ୍ରୀ, ଅଧ୍ୟାପିକା ଓ ଅଧ୍ୟାପକମାନେ ଯୋଗ ଦେଇଥିଲେ ।

# ଗାଜର, ବ୍ରୋକଲି ଏବଂ ବିଲାତି ବାଇଗଣ ଖାଇ ଏଡ଼େଇ ଦେଇ ହେବ ଏହି ରୋଗ

ହୃଦ୍ ରୋଗ ଆଜିକାଲିକା ସମୟ ପାଇଁ ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ପିଲାରୁ ନେଇ ବୟସ୍କ ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତଙ୍କ ଭିତରେ ଏବେ ଏହି ରୋଗ ଦେଖିବାକୁ ମିଳୁଛି। ଦୂଷିତ ପରିବେଶ ଓ ବିଷାକ୍ତ ଖାଦ୍ୟ ଏହାର ମୁଖ୍ୟ କାରଣ। ଆମେ ସୁସ୍ଥକର ଖାଦ୍ୟ ଖାଇଲେ ଏହି ସମସ୍ୟାକୁ ଏଡ଼େଇ ଦେଇ ପାରିବା। ତେବେ, ଚାଲନ୍ତୁ ଜାଣିବା କେଉଁ ସବୁ ଖାଦ୍ୟ ଖାଇଲେ ଆମେ ହୃଦ୍ ରୋଗରୁ ମୁକ୍ତି ପାଇପାରିବା।



♦ ଗାଜର ଖାଇବା ହୃତ୍‌ପିଣ୍ଡ ପାଇଁ ଖୁବ୍ ଭଲ ହୋଇଥାଏ। ଏଥିରେ ପ୍ରଚୁର ପରିମାଣର କ୍ୟାରୋଟିନଏଡ୍‌ସ୍ ଥାଏ। ଏଥିରେ ଥିବା ଶକ୍ତିଶାଳୀ ଆଣ୍ଟି ଅକ୍ସିଡାଣ୍ଟ୍ ହୃଦ୍ ରୋଗୀଙ୍କ ପାଇଁ ଖୁବ୍ ଭଲ ହୋଇଥାଏ।

♦ ବିଲାତି ବାଇଗଣ ଖାଇବା ମଧ ଖୁବ୍ ଉପକାରୀ। ଏଥିରେ ଥିବା ଲାଇକୋଫିନ୍ ହୃତ୍‌ପିଣ୍ଡକୁ ସୁସ୍ଥ ରଖିଥାଏ। କଞ୍ଚା ବିଲାତି ବାଇଗଣ ଖାଇବା ବି ଖୁବ୍ ଭଲ।

♦ ବ୍ରୋକୋଲି ଏକ ଖୁବ୍ ଭଲ ପରିବା। ଏଥିରେ ଥିବା ଭିଟାମିନ୍ ସି ହୃଦ୍ ରୋଗ ଦମନ କରିବା ପାଇଁ ଯଥେଷ୍ଟ।

♦ ଯେତେ ପାରୁଛନ୍ତି ବିଭିନ୍ନ ପ୍ରକାରର ଶାଗ ଖାଆନ୍ତୁ। ଏହା କବେଳ ହୃଦ୍ ରୋଗ ନୁହେଁ, ଆହୁରି ଅନେକ ପ୍ରକାର ରୋଗକୁ ଭଲ କରିଥାଏ।

♦ ପିଆଜ ଓ ରସୁଣ ବି ହୃଦ୍ ରୋଗୀଙ୍କ ପାଇଁ ଭଲ ହୋଇଥାଏ। ଆପଣଙ୍କ ହୃଦ୍ ସମସ୍ୟା ଥିଲେ ଏହାକୁ ଭକ୍ଷଣ କରିପାରିବେ।

♦ ଆଳୁରେ ପ୍ରଚୁର ପରିମାଣର ପଟାସିୟମ ଅଛି। ତେଣୁ ଆଳୁ ଖାଇବା ଦ୍ୱାରା ହୃଦ୍ ରୋଗ ସହ ରକ୍ତ ଚାପ ବି ନିୟନ୍ତ୍ରଣରେ ରହିଥାଏ।

# ‘ରାମାୟଣ’ର ସମୁଦ୍ର ଓ ‘ଭାଗବତ’ର ନଦୀ

ଆଦିକବି ବାଲ୍ମୀକିଙ୍କ ‘ରାମାୟଣ’ ତ୍ରେତୟା ଯୁଗର ଶ୍ରୀରାମଙ୍କ କଥା। ବ୍ୟାସଦେବଙ୍କ ‘ଶ୍ରୀମଦ୍ ?ଭାଗବତ’ ଦ୍ୱାପର ଯୁଗର ଶ୍ରୀକୃଷ୍ଣଙ୍କର ଗାଥା। ଏ ଦୁଇ ଯୁଗର ଦୁଇ ନାୟକଙ୍କ ମଧ୍ୟରେ ଗୋଟିଏ ସୁନ୍ଦର ସଂଯୋଗ ସୂତ୍ର ‘ଶ୍ରୀମଦ୍ ?ଭାଗବତ’ରେ ବର୍ଣ୍ଣିତ ହୋଇଛି। ମଥୁରାରେ, କଂସ ବନ୍ଦୀଶାଳାରେ ଶ୍ରୀକୃଷ୍ଣ ଜନ୍ମହେବା ସମୟର କଥା। ‘ଶ୍ରୀମଦ୍ ?ଭାଗବତ’ର ଦଶମ ସ୍କନ୍ଧ, ଚତୁର୍ଥ ଅଧ୍ୟାୟରେ ବ୍ୟାସଦେବ ବର୍ଣ୍ଣନା କରିଛନ୍ତି- ଯୋଗମାୟାଙ୍କ ପ୍ରଭାବରେ କଂସ କାରାଗାରର ପ୍ରହରୀମାନେ ଅଚେତନ ହୋଇ ଶୋଇ ରହିଲେ। ବିଶାଳ ଲୁହା କବାଟ, ଲୁହା କିଳିଣୀ ଓ ଶକ୍ତ ଶିକୁଳିଦ୍ୱାରା କାରାକକ୍ଷ ବନ୍ଦ ରହିଥିଲା। ତାହା ତତ୍‌କ୍ଷଣାତ୍ ଖୋଲିଗଲା। ସୂର୍ଯ୍ୟୋଦୟ ହେଲେ ଯେପରି ଅନ୍ଧକାର ଦୂର ହୋଇଯାଏ, ସେହିପରି ବସୁଦେବ କୃଷ୍ଣଙ୍କୁ ଧରି ଆସିବାମାତ୍ରେ ଏହା ଘଟିଲା। ସେତେବେଳେ ଧୀରେ ଧୀରେ ମେଘ ଗର୍ଜନ କରୁଥିଲା ଓ ବୃଷ୍ଟିପାତ ହେଉଥିଲା। ଶେଷଦେବ (ଅନନ୍ତ) ନିଜର ସହସ୍ରଫଣା ଟେକି, ବର୍ଷା ପାଣି ନପଡ଼ିବା ପାଇଁ ବସୁଦେବଙ୍କ ପଛେ ପଛେ ଯିବାକୁ ଲାଗିଲେ। ଏହି ପ୍ରସଙ୍ଗରେ, ବ୍ୟାସଦେବ ବର୍ଣ୍ଣନା କରିଛନ୍ତି ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କ ମଧ୍ୟରେ ଥିବା ଏକ ସଂଯୋଗର କାହାଣୀ। ସେ କହିଛନ୍ତି- ବାରମ୍ବାର ବର୍ଷା ହେବା ଫଳରେ ଯମୁନା ଖୁବ୍ ବଢ଼ିଥିଲା। ତାହାର ଜଳରାଶି ଗଭୀର ଥିଲା। ଉଚ୍ଚ ଲହରୀ ଉଠୁଥିଲା ଏବଂ ଜଳସ୍ରୋତରେ ଭଉଁରୀ ସୃଷ୍ଟି ହେଉଥିଲା। କିନ୍ତୁ ସୀତାପତି ଭଗବାନ ଶ୍ରୀରାମଙ୍କୁ ଯେପରି ସମୁଦ୍ର ବାଟ ଛାଡ଼ି ଦେଇଥିଲା, ସେହିପରି ଯମୁନା ନଦୀ ଭଗବାନ ଶ୍ରୀକୃଷ୍ଣଙ୍କ ପାଇଁ ବାଟ ଖୋଲିଦେଲା। ଏ ପ୍ରସଙ୍ଗରେ ସ୍ମରଣ କରିବାର କଥା, ଯେ ତ୍ରେତୟା ଯୁଗରେ ଶ୍ରୀରାମ ସମୁଦ୍ରରେ ସେତୁବନ୍ଧ ବାନ୍ଧିବାକୁ ଯିବା ବେଳେ, ସାଗର ରାଜାଙ୍କ ସମ୍ମତି ମିଳି ନଥିଲା। ସେଥିରେ ଶ୍ରୀରାମ କ୍ରୁଦ୍ଧ ହୋଇ, ଶରମାରି ସାଗରର ଜଳ ଶୁଖାଇ ଦେବାକୁ ଉଦ୍ୟତ ହୋଇଥିଲେ। ତାହା ଦେଖି ସାଗରରାଜ ଭୟଭୀତ ହୋଇ ତାଙ୍କର ଶରଣ ପଶିଥିଲେ ଏବଂ ସେତୁବନ୍ଧ ପାଇଁ ପଥ ଦେଇଥିଲେ। ଦ୍ୱାପର ଯୁଗରେ କିନ୍ତୁ ଶ୍ରୀକୃଷ୍ଣଙ୍କୁ ଦେଖି କାଳିନ୍ଦୀ କୃତାର୍ଥ ହେବା ସହିତ ଭୟରେ ବାଟ ଛାଡ଼ି ଦେଇଥିଲା। ଜଗନ୍ନାଥ ଦାସ ତାଙ୍କ ନବାକ୍ଷରୀ ଓଡ଼ିଆ ଭାଗବତରେ ଏହାର ବର୍ଣ୍ଣନା କରି କହିଛନ୍ତି- “ହରିଙ୍କ ଦେଖି ଭୟ କଲା। ବାଲିବନ୍ତରେ ବାଟ ଦେଲା।”



# ମଧୁର ସ୍ୱର ପାଇଁ........

➔ ମଧୁର ସ୍ୱର ପାଇଁ ପ୍ରଚୁର ପାଣି ପିଅନ୍ତୁ। ଏହାଦ୍ୱାରା ସ୍ୱର ତନ୍ତ୍ରୀ ଶୁଷ୍କ ହୁଏ ନାହିଁ। ଭିଟାମିନ ଏ, ସି ଓ ଇ ଯୁକ୍ତ ଖାଦ୍ୟ ଉପରେ ଅଧିକ ଗୁରୁତ୍ୱ ଦିଅନ୍ତୁ। ସୁରା ଓ କଫି ପାନରୁ ବିରତ ରହନ୍ତୁ।

➔ ଉଚ୍ଚ ସ୍ୱରରେ କଥା ହୁଅନ୍ତି ନାହିଁ। ଏହାଦ୍ୱାରା ସ୍ୱର ତନ୍ତ୍ରୀ ଉପରେ ଅଧିକ ଚାପ ପଡ଼େ। ସ୍ୱର କର୍କଶ ହୁଏ। ଧୀର ସ୍ୱରରେ କଥାବାର୍ତ୍ତା କଲେ ସ୍ୱରମଧୁର ରହେ।

➔ କଣ୍ଠ ସଫା ପାଇଁ ଆଜିକାଲି ବଜାରରେ କେତେକ ମାଉଥ ୱାସ୍ ମିଳଉଛି। ମାତ୍ର ଏଗୁଡ଼ିକ ଅଧିକ ଦିନ ବ୍ୟବହାର କଲେ ସ୍ୱର ତନ୍ତ୍ରୀ ପ୍ରଭାବିତ ହୋଇପାରେ। ଗଳାକୁ ସଫା ହେବା ପରିବର୍ତ୍ତେ ବସିଯାଇପାରେ।

➔ ସୁସ୍ଥ ଗଳା ପାଇଁ ଧୂମପାନ କ୍ଷତିକାରକ। ଏହାଦ୍ୱାରା ସ୍ୱାଭାବିକ ସ୍ୱର ବଦଳିଯାଏ। ଧୂମପାନଠାରୁ ଦୂରେଇ ରହନ୍ତୁ।

➔ ଦିନକୁ ଏକ ଚାମଚ ମହୁ ସେବନ କରନ୍ତୁ। ଏହା କଫରେ ଥିବା ଜୀବାଣୁ ନାଶକରେ ଏବଂ ଗଳାକୁସୁସ୍ଥ ରଖେ।

➔ ମହୁ ମିଶ୍ରିତ ସବୁଜ ଚାହା ସେବନ କଲେ ଗଳା ସଫଳ ରହେ। ସଂକ୍ରମଣ ଆଶଙ୍କା କମେ। ସ୍ୱର ମଧୁର ହୁଏ।



# ଓଜନ ହ୍ରାସ କରିବାକୁ ଚାହୁଁଥିଲେ ପ୍ରଥମେ କମାନ୍ତୁ ବେଲି ଫ୍ୟାଟ୍; ଏହି ସବୁ ପାନୀୟ କରେ ସାହାଯ୍ୟ

ଆଜିକାଲି ମେଦବହୁଳତା ଏକ ଗମ୍ଭୀର ସମସ୍ୟା, ଯାହା କେବଳ ଆପଣଙ୍କ ସୌନ୍ଦର୍ଯ୍ୟକୁ ହ୍ରାସ କରେ ନାହିଁ ବରଂ ଆପଣଙ୍କୁ କର୍କଟ, ମଧୁମେହ, ରକ୍ତଚାପ ଏବଂ କୋଲେଷ୍ଟ୍ରଲ ଭଳି ଅନେକ ଗମ୍ଭୀର ରୋଗ ମୁଖରେ ମଧ ପକାଇଥାଏ। ଓଜନ ବଢ଼ିବା ଯେତେ ସହଜ, ଏହାକୁ କମାଇବା ସେତେ କଷ୍ଟକର।

ଓଜନ ହ୍ରାସ କରିବାର ଅସଂଖ୍ୟ ଉପାୟ ଇଣ୍ଟରନେଟରେ ଆପଣଙ୍କ ପାଇଁ ସହଜରେ ଉପଲବ୍ଧ ହୋଇପାରେ। କିନ୍ତୁ ଏହା ଆପଣ କେବେ ଅବିଶ୍ୱାସ କରିବେ ନାହିଁ ଯେ ଶାରୀରିକ କାର୍ଯ୍ୟକଳାପ ସହିତ ଓଜନ ହ୍ରାସ ପାଇଁ ଖାଦ୍ୟପେୟର ଯତ୍ନ ନେବା ବି ଜରୁରି। ଯଦି ଆପଣ ବିଭିନ୍ନ ପ୍ରକାରର ଓଜନ ହ୍ରାସ କରିବାର ଉପାୟ ଆପଣେଇ ଥକି ଯାଇଛନ୍ତି ତେବେ ପ୍ରଥମେ ଆପଣଙ୍କୁ ବେଲି ଫ୍ୟାଟ୍ ବା ପେଟରେ ଜମିଥିବା ଚର୍ବି ହ୍ରାସ କରିବାକୁ ଚେଷ୍ଟା କରିବା ଉଚିତ୍।





ଶରୀରର ଓଜନ ହ୍ରାସ କରିବାକୁ ସୁସ୍ଥ ଏବଂ ହର୍ବାଲ୍ ଖାଦ୍ୟପାନୀୟର ଯଥେଷ୍ଟ ଆବଶ୍ୟକତା ରହିଛି। ଗ୍ରୀନ୍ ଟି ବା ସବୁଜ ଚା’ରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଏବଂ କ୍ୟାଫେନ୍ ଆପଣଙ୍କ ମେଟାବୋଲିଜିମ୍ ବୃଦ୍ଧି କରି ଓଜନ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରିବା ସହ ହଜମ ପ୍ରକ୍ରିୟାକୁ ମଧ ସୁସ୍ଥ ରଖିଥାଏ। ତେଣୁ ଆପଣ ପ୍ରତିଦିନ ସବୁଜ ଚା’ ପାନ କରିପାରନ୍ତି।

ଅଦା ଚା ମଧ ଆପଣଙ୍କ ହଜମ ପ୍ରକ୍ରିୟାରେ ଉନ୍ନତି ଆଣିପାରେ। ପ୍ରତିଦିନ ଅଦା ପକା ନାଲି ଚା’ ପିଉଥିବା ବ୍ୟକ୍ତିଙ୍କର ହଜମ ପ୍ରକ୍ରିୟା ସୁସ୍ଥ ରହିବା ସହ ଓଜନ ବି ନିୟନ୍ତ୍ରଣରେ ରହିଥାଏ।

କଦଳୀପତ୍ରର ବ୍ୟବହାର ଆପଣଙ୍କ ହଜମ ପ୍ରକ୍ରିୟାରେ ଉନ୍ନତି ଆଣିବାରେ ସାହାଯ୍ୟ କରିଥାଏ ଏବଂ ଏହା ଆପଣଙ୍କୁ ଓଜନ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ଏହାର ନିୟମିତ ବ୍ୟବହାର ମଧ ମେଟାବୋଲିଜିମରେ ଉନ୍ନତି ଆଣେ। ଯଦି ପାରୁଛନ୍ତି ମଝିରେ ମଝିରେ କଦଳୀପତ୍ରରେ ଖାଆନ୍ତୁ।

ତୁଳସୀ ଚା ’ନିୟମିତ ପିଇବା ଆପଣଙ୍କ ଶରୀର ପାଇଁ ଖୁବ୍ ଭଲ। ତୁଳସୀ ଚା’ ପିଇଲେ ଆପଣ ଖାଉଥିବା ଖାଦ୍ୟ ଶୀଘ୍ର ହଜମ ହୋଇଥାଏ। ଏହା ବ୍ୟତୀତ ଶରୀର ଭିତରେ ଥିବା ମଇଳା ବାହାର କରିବାରେ ଏହା ସହାୟ ହୋଇଥାଏ।

# ନଖାଇକି ନୁହେଁ, ଖାଇକି କରନ୍ତୁ ଓଜନ ହ୍ରାସ: ରାତିରେ ପିଇବାକୁ ହେବ ଏହି ସବୁ ପରିବାରେ ତିଆରି ସୁପ୍



ଆଜିକାଲି ଓଜନ ହ୍ରାସ ନିଶା ସଭିଙ୍କୁ ଘାରିଛି। ସଭିଏଁ ଚାହାନ୍ତି ଫିଟ୍ ରହିବାକୁ। ମାତ୍ର ଖାଦ୍ୟକୁ ନିୟନ୍ତ୍ରଣରେ ରଖି ଫିଟ୍ ରହିବାକୁ କେହି ବି ଚାହାନ୍ତି ନାହିଁ। ସଭିଏଁ ଚାହାନ୍ତି ଆମେ ସବୁ ସ୍ୱାଦିଷ୍ଟ ଜିନିଷ ଖାଇବା ପରେ ଯେପରି ନିଜ ଓଜନକୁ ନିୟନ୍ତ୍ରଣରେ ରଖିପାରୁ। ତେବେ ଏପରି କିଛି ଖାଦ୍ୟ ଅଛି ଯାହାକୁ ଆପଣ ଖାଇବା ପୂର୍ବରୁ ଗ୍ରହଣ କରିବା ଦ୍ୱାରା ନିଜ ଓଜନକୁ ନିୟନ୍ତ୍ରଣରେ ରଖିପାରିବେ।

କିଛି ଲୋକଙ୍କ କହିବା ମୁତାବକ କିଛି ଖାଇବା ମାତ୍ରେ ତୁରନ୍ତ ସେମାନଙ୍କ ଓଜନ ବଢ଼ିଯାଏ। ଓଜନ କମାଇବା ଚକ୍କରରେ ଅନେକ ସମୟରେ ନିଜ ପ୍ରିୟ ଖାଦ୍ୟକୁ ବି ତ୍ୟାଗ କରିବାକୁ ବି ପଡ଼ିଥାଏ। ମାତ୍ର ଏପରି କେତେ ଦିନ ବା କରିହେବ, କେତେ ଦିନ ବା ଖାଇବା ଉପରେ ଆୟତ୍ତ ରଖିବେ ଆପଣ? ଏମିତି ବି ହୁଏ ଖାଦ୍ୟ କମାଇବା ଦ୍ୱାରା ଗ୍ୟାସ୍ ହେତୁ ମୋଟାପଣ ବଢ଼ିଥାଏ। ତେଣୁ, ଖାଇବା କମାଇ ଓଜନ କମାଇବା ଚିନ୍ତା କରିବା ନିହାତି ଭୁଲ୍ ନିଷ୍ପତ୍ତି। ଆପଣ ଯଦି ନିଜ ଓଜନ କମାଇବାକୁ ଚାହାନ୍ତି ତ ନିମ୍ନରେ ଯେଉଁ ସୁପ୍ ବିଷୟରେ ଲେଖାଯାଇଛି ତାହାକୁ ପ୍ରତିଦିନ ଖାଇବା ପୂର୍ବରୁ ପିଅନ୍ତୁ।

ପ୍ରଥମେ ୩ଟି ବିଲାତି ବାଇଗଣ, ୩ଟି ଗାଜର, ଏକ ଫୁଲକୋବି, ୬ଟି ପିଆଜ ନିଅନ୍ତୁ। ତାହାକୁ ଖୁବ୍ ? ସାନ ସାନ କରି କାଟିଦିଅନ୍ତୁ। ଏହା ସହିତ ୩ ବିଡ଼ା ଧନିଆ ପତ୍ର ବି କାଟିକି ରଖନ୍ତୁ। ପାରୁଛନ୍ତି ଯଦି ଅଧା ଗିନା ବିନ୍ସ କଟା ବି ନିଅନ୍ତୁ। ସବୁକୁ ମିଶାଇ ପାଣି ଦେଇ ସିଝେଇ ଦିଅନ୍ତୁ। ସେଥିରେ ଆବଶ୍ୟକ ପରିମାଣର ଲଙ୍କାଗୁଣ୍ଡ ଓ ଲୁଣ ମିଶାଇ ଦିଅନ୍ତୁ। ନିଜର ରୁଚି ଅନୁସାରେ ପାଣି ମାରିପାରନ୍ତି କିମ୍ବା ଅଧିକ ବି ଦେଇପାରନ୍ତି। ଏହି ସୁପ୍‌କୁ ଖାଦ୍ୟ ଖାଇବାର ୧୦ ମିନିଟ୍ ପୂର୍ବରୁ ପିଅନ୍ତୁ। ପାରୁଛନ୍ତି ଯଦି ରାତିରେ ଆଉ କିଛି ନଖାଇ ଏହାକୁ ପିଇକି ଶୋଇପାରନ୍ତି। ପ୍ରତିଦିନ ଏହାକୁ ପିଇବା ଦ୍ୱାରା ଆପଣଙ୍କ ଓଜନ ନିଶ୍ଚୟ ନିୟନ୍ତ୍ରଣରେ ରହିବ।

# ମୁଣ୍ଡବ୍ୟଥାର କାରଣ

ମୁଣ୍ଡବ୍ୟଥାକୁ ସମସ୍ତେ ଏକ ସାଧାରଣ ସମସ୍ୟା ଭାବୁଥିଲେ ମଧ୍ୟ ତାହା ପଛରେ ଲୁଚି ରହିଥାଏ ଅନେକ ଗମ୍ଭୀର କାରଣ। ଯାହା ଆଗକୁ ଯାଇ ସୃଷ୍ଟି କରିପାରେ ଏକ ଜଟିଳ ସମସ୍ୟା। ତେଣୁ ସମସ୍ତ ଥାଉଁ ଥାଉଁ ଏହାର କାରଣ ଜାଣିବା ସହ ସଠିକ୍ ଉପଚାର କରିବା ଅତ୍ୟନ୍ତ ଆବଶ୍ୟକ। ତେବେ ଆସନ୍ତୁ ଜାଣିବା ମୁଣ୍ଡବ୍ୟଥା ପଛରେ ଲୁଚି ରହିଥିବା ଛୋଟବଡ଼ କାରଣ ସମ୍ପର୍କରେ..।

♦ ଯଦି ବିନା କାରଣରେ ମୁଣ୍ଡବ୍ୟଥା ହେଉଥାଏ, ତେବେ ତାହା ବ୍ରେନ ଟ୍ୟୁମର ହେବାର ସଙ୍କେତ ହୋଇପାରେ।

♦ ଉଚ୍ଚ ରକ୍ତଚାପ କାରଣରୁ ମୁଣ୍ଡବ୍ୟଥା ଓ ଛାତିର ଯନ୍ତ୍ରଣା ଆଦି ଅନୁଭବ ହୋଇଥାଏ। ସେଥିପାଇଁ ଅସହ୍ୟ ମୁଣ୍ଡବ୍ୟଥା ହେଲେ ତୁରନ୍ତ ରକ୍ତଚାପ ପରୀକ୍ଷା କରିବାର ଉଚିତ।

♦ ହଠାତ୍ ମୁଣ୍ଡରେ ଅସହ୍ୟ ଯନ୍ତ୍ରଣା ଅନୁଭବ ହେବା ସହ ଯଦି ଶରୀରର ଗୋଟିଏ ପାର୍ଶ୍ୱ ସଠିକ୍ ଭାବେ କାର୍ଯ୍ୟ ନକରେ, ତେବେ ତାହା ଷ୍ଟ୍ରୋକର ସଙ୍କେତ ହୋଇପାରେ।

♦ ଯଦି ଆପଣଙ୍କ ଠାରେ ମୁଣ୍ଡବ୍ୟଥା ଜନିତ ସମସ୍ୟା ଦେଖାଦେଇଥାଏ, ତେବେ ତାହା ଦୃଷ୍ଟିଶକ୍ତି ହ୍ରାସ ପାଇବାରେ ଲକ୍ଷଣ ହୋଇପାରେ।

♦ ଅଧିକାଂଶ ସମୟ ଚିନ୍ତାଗ୍ରସ୍ତ ରହିବା ଯୋଗୁଁ ଶରୀରର ରକ୍ତ ସଞ୍ଚାଳନ ବଢ଼ି ଯାଇଥାଏ। ଏହାର ସିଧାସଳଖ ପ୍ରଭାବ ମସ୍ତିଷ୍କ ଉପରେ ପଡ଼ିବା ଯୋଗୁଁ ମଧ୍ୟ ମୁଣ୍ଡବ୍ୟଥା ହୋଇପାରେ।



# ରାଜସ୍ଥାନରେ ଥିଲା ଡାଇନୋସର ପାର୍କ

ଜୈସଲମେର ଠାରୁ ୧୦ କି.ମି. ଦୂରରେ ଅର୍ଥାତ୍ ଜୈସଲମେର-ଯୋଧପୁର ହାଇୱେ ନିକଟରେ ଥିବା ଥାଇଆଟ ଗ୍ରାମ ନିକଟରେ ଆବିଷ୍କାର କରାଯାଇଛି ଏକ ଚମତ୍କାର। ବୈଜ୍ଞାନିକମାନେ ଜାଣିପାରିଛନ୍ତି ଯେ, ଏଠାରେ ପ୍ରାୟ ୧୮୦ ମିଲିଅନ୍ ବର୍ଷ ତଳେ ଏକ ଡାଇନୋସର ପାର୍କ ରହିଥିଲା। ରାଜସ୍ଥାନ_ୟୁନିଭର୍ସିଟିର ପ୍ରଫେସର ଧୀରେନ୍ଦ୍ର ପାଣ୍ଡେଙ୍କ ଦ୍ୱାରା ଏହାର ଜିଓଲୋଜି ଡିପାର୍ଟମେଣ୍ଟରେ ଏକ ଗବେଷଣା ପାଇଁ ସାରା ବିଶ୍ୱର ପାଖାପାଖି ୩୪ ଜଣ ବୈଜ୍ଞାନିକ ଯୋଗ ଦେଇଥିଲେ। ତେବେ ଜୈସଲମେରର ବିଭିନ୍ନ ସ୍ଥାନ ଭ୍ରମଣ କାଳରେ ସେମାନେ ଆବିଷ୍କାର କରିଥିଲେ ଦୁଇଟି ଜୁରାସିକ୍ ଡାଇନୋସରର ପାଦଚିହ୍ନ। ଗୋଟିଏ ପାଦଚିହ୍ନ ଛୋଟ ଥିଲା ବେଳେ ଅନ୍ୟଟି ଥିଲା ବଡ଼। ଏହାର ଫଟୋଗ୍ରାଫ ମଧ୍ୟ ବୈଜ୍ଞାନିକମାନେ ଉଠାଇଛନ୍ତି। ତେବେ ଏଥିରୁ ଜଣାଯାଉଛି ଯେ, ରାଜସ୍ଥାନର ମରୁଭୂମି ଅଞ୍ଚଳରେ ଦିନେ ଡାଇନୋସର ବସବାସ କରୁଥିଲେ। ଏହି ପାଦଚିହ୍ନ ହିଁ ହେଉଛି ଏହାର ପ୍ରଥମ ପ୍ରମାଣ। ଚିହ୍ନଟ କରାଯାଇଥିବା ପ୍ରଥମ ପାଦଚିହ୍ନର ଲମ୍ୱା ଖୁବ୍ ଛୋଟ ମାତ୍ର ପାଞ୍ଚ ସେ.ମି. ଲମ୍ୱା ଏବଂ ଦ୍ୱିତୀୟ ପାଦଚିହ୍ନଟି ବଡ଼ ପାଖାପାଖି ୩୦ ସେ.ମି. ଲମ୍ୱା। ଏଥିରୁ ଜଣାଯାଉଛି, ଏହି ଡାଇନୋସରମାନେ ସବୁଠାରୁ ବଡ଼ କୁମ୍ଭୀରଠାରୁ ବି ଆହୁରି ବୃହତ ହୋଇଥିବେ। ଖାଲି ଲମ୍ୱାରେ ନୁହେଁ କୁମ୍ଭୀରଠାରୁ ବହୁ ବିପଜ୍ଜନକ ଥିବେ ଏମାନେ। ଭାରତରେ ଥିବା ବାଘମାନଙ୍କ ଦାନ୍ତଠାରୁ ଏମାନଙ୍କ ଦାନ୍ତ ତିନିଗୁଣା ଲମ୍ୱା ବୋଲି ବୈଜ୍ଞାନିକମାନେ ଜଣାଇଛନ୍ତି।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୭ ସେପ୍ଟେମ୍ବର ୨୦୨୩, ବୁଧବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## କଳୁଷିତ ଭିତ୍ତିଭୂମି..

ଏକ ଦର୍ଶନୀୟ ଉଦ୍‌ଘାଟନୀ ଉତ୍ସବ ସହିତ ହାଙ୍ଗ୍‌ଝୁଠାରେ ଆରମ୍ଭ ହୋଇ ସାରିଛି ଏସୀୟ କ୍ରୀଡ଼ା ପ୍ରତିଯୋଗିତା। ଚୀନ୍‌ର ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍ ଖୁବ୍ କମ୍ ଶବ୍ଦ ପ୍ରୟୋଗ କରି ଉଦ୍‌ଘାଟନୀ ଉତ୍ସବର ଆଖି ଝଲସାଇ ଦେବା ଭଳି ଆଲୋକମାଳା, ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଏବଂ ଅପୂର୍ବ ତାଳମେଳ ମଧ୍ୟରେ ଏହି ବୃହତ୍ କ୍ରୀଡ଼ା ପ୍ରତିଯୋଗିତାକୁ ଆରମ୍ଭ କରିବାର ଘୋଷଣା କରିଛନ୍ତି। କ୍ରୀଡ଼ାରେ ରାଜନୀତିର ସ୍ଥାନ ରହିବା ଉଚିତ ନୁହେଁ- ଏକଥା ପ୍ରାୟ ସମସ୍ତେ କହିଥାନ୍ତି । କିନ୍ତୁ ଭୂ- ରାଜନୀତି କେବେହେଲେ କ୍ରୀଡ଼ାଠାରୁ ଦୂରେଇ ଯାଇ ପାରିବ ନାହିଁ ; ବିଶେଷକରି ଏସୀୟ ବାତାବରଣରେ ତ ଆଦୌ ନୁହେଁ । ତେବେ ଚୀନ୍ ଯାହା ଆବଶ୍ୟକ କରେ, ତାହା ହେଉଛି, କ୍ରୀଡ଼ା ପରିପ୍ରେକ୍ଷୀରେ ଏହାର ସାମାଜିକ ଏବଂ ରାଜନୀତିକ ସାମର୍ଥ୍ୟକୁ ପ୍ରଦର୍ଶନ କରିବା । ହାଙ୍ଗ୍‌ଝୁ ଚୀନ୍ 'ନିୟନ୍ତ୍ରତ' ଜାତୀୟ ରୁଚିକୁ ପ୍ରତିଫଳିତ କରିଥିଲା, ଯେତେବେଳେ କି ଏହାର ଘରୋଇ ବ୍ୟବସ୍ଥା ଅର୍ଥାତ୍ ଶକ୍ତିଶାଳୀ ଚୀନୀୟ ବ୍ୟବସ୍ଥାରେ ମାକାଉ, ହଂକଂ, ଉତ୍ତର କୋରିଆ, ଏବଂ ଅବଶ୍ୟ ତାଇୱାନ୍, ଯାହାର ସୀମା ଉପରେ ଚୀନ୍‌ର ଲୋଲୁପ ଦୃଷ୍ଟି ରହିଛି ତଥା ପାକିସ୍ତାନ ପାଇଁ ମଧ ଏହା ନିଜର ଦୁଆର ଖୋଲା ରଖି ଏହି କ୍ରୀଡ଼ାର ମହାକୁମ୍ଭକୁ ଉଦ୍‌ଘାଟନ ଦିଗରେ ଆଗେଇ ନେଇଥିଲା । ୩୮ଟି ଶୃଙ୍ଖଳାରେ ୬୩୪ ଜଣ ଖେଳାଳିଙ୍କ ସହିତ ଭାରତ ଏହି କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଏହାର ସର୍ବବୃହତ୍ ଦଳ ପ୍ରେରଣ କରିଛି, ଯଦ୍ୟପି ଅରୁଣାଚଳ ପ୍ରଦେଶରୁ ଶେଷ ମୁହୂର୍ତ୍ତରେ ତିନିଜଣ ଉସୁ କ୍ରୀଡ଼ାବିତ୍- ନ୍ୟମାନ୍ ୱାଙ୍ଗ୍, ଓନିଲୁ ଟେଗା ଏବଂ ମେପଙ୍ଗ୍ ଲାମ୍‌ଙ୍କ ଷ୍ଟାପଲଡ୍ ଭିସା ପ୍ରସଙ୍ଗକୁ ଏଥିରୁ ଦୂରେଇ ରଖିଛି । କ୍ରୀଡ଼ାର ଆୟୋଜନ କରିଥିବା ଚୀନ୍ ନିକଟରେ ଏହାର ରାଜନୀତିକ ତାକତ ପାଇଁ ଏହି ନିର୍ଲଜ ପାତରଅନ୍ତର ନୀତିକୁ ହଜମ କରିଦେବାର ଶକ୍ତି ରହିଛି, ଯାହା ଏହାର ଅତୃପ୍ତ ସୀମା ସମ୍ପ୍ରସାରଣ ଉଚ୍ଚାକାଂକ୍ଷା ଉପରେ ପର୍ଯ୍ୟବସିତ, ଯେପରିକି ନିରନ୍ତର ଭାବରେ ଏହାର ନୂତନ ନକ୍ସା ଜାରି କରିବାରେ ବହୁବାର ଦେଖାଯାଇ ଆସିଛି । କହିବା ବାହୁଲ୍ୟ, ଯଦି ଏସିଆ ମହାଦେଶର ସବୁ ରାଷ୍ଟ୍ର ଗୋଟିଏ ସ୍ୱରରେ କଥା କୁହନ୍ତି, ତା'ହେଲେ ଜନସଂଖ୍ୟା, ଦେଶ ସମୂହ, ସାମର୍ଥ୍ୟ ଏବଂ ଅର୍ଥନୀତିକ ଅଭିଳାଷଗୁଡ଼ିକ ଦୃଷ୍ଟିରୁ ଏହି ମହାଦେଶ ଏକ ଅଞ୍ଚଳ ଭାବରେ ବିଶ୍ୱ ବ୍ୟାପାରରେ ନିଜର ଏକ ବଡ଼ ଭୂମିକାକୁ ନିର୍ଦ୍ଧାରିତ କରି ପାରିବ । କିନ୍ତୁ ଏହା ଆଜି ପର୍ଯ୍ୟନ୍ତ କ୍ୱଚିତ୍ ହୋଇ ପାରିଛି, କାରଣ ଦୁଇ ଭାଗରେ ବିଭକ୍ତ ହୋଇ ଯାଇଥିବା ବିଶ୍ୱର ଚାପ ଏହା କରିବାକୁ ଦେଇନାହିଁ କି ଦେବନାହିଁ ମଧ୍ୟ । ଯଦି ଚୀନ୍ ଏହି ବିଭାଜନର ପ୍ରାଚ୍ୟ ପକ୍ଷରେ ମହାଶକ୍ତି ଭାବରେ ରହି ଏହାର ପ୍ରଭୁତ୍ୱପଣିଆକୁ ଜାହିର କରିବାର ଉଦ୍ୟମ କରିଛି ତ ଅପର ପକ୍ଷରେ ଭାରତ ବର୍ତ୍ତମାନ ସମୟରେ ଏହାର ପାଶ୍ଚାତ୍ୟ-ଅଭିମୁଖୀ ନୀତିଗୁଡ଼ିକ ଦ୍ୱାରା ଏହାର ଓଜନରେ ଭାରସାମ୍ୟ ରକ୍ଷା କରିବାକୁ ଚେଷ୍ଟା ଚଳାଇଛି । କ୍ରୀଡ଼ାକୁ ରାଜନୀତି ଦ୍ୱାରା ବାନ୍ଧି ନ ଦିଆଯିବା ଉଚିତ୍ ବୋଲି ନିଷ୍ପତ୍ତି ନେଇ ଚୀର ଉପରୋକ୍ତ ଭେଦଭାବ ପ୍ରଦର୍ଶନ ନୀତି ସତ୍ତ୍ୱେ ଭାରତ ଏଠାକୁ ନିଜର କ୍ରୀଡ଼ାବିତ୍ରୀମାନଙ୍କୁ ପ୍ରେରଣ କରିଛି । ଅନ୍ୟଥା ଏହା ଚାହିଁଥିଲେ ଏହି ଅଞ୍ଚଳରେ ଏକ ଉଦୀୟମାନ ଶକ୍ତି ଭାବରେ ନିଜକୁ ଏହି କ୍ରୀଡ଼ା ପ୍ରତିଯୋଗିତାରୁ ଦୂରେଇ ରଖି ପାରିଥାନ୍ତା। ପରନ୍ତୁ, ଭାରତ ନିଜର କ୍ରୀଡ଼ାବିତ୍ରୀମାନଙ୍କର ପ୍ରଦର୍ଶନ ଉପରେ ଧାନ କେନ୍ଦ୍ରିତ କରି ଏକ ବିଜ୍ଞ ନିଷ୍ପତ୍ତି ଗ୍ରହଣ କରିଛି ବୋଲି କୁହାଯାଇପାରେ। ଅରୁଣାଚଳ ପ୍ରଦେଶର କ୍ରୀଡ଼ାବିତ୍ରୀମାନଙ୍କ ପ୍ରତି ପ୍ରଦର୍ଶନ କରାଯାଇଥିବା ବ୍ୟବହାର କାରଣରୁ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଶେଷ ମୁହୂର୍ତ୍ତରେ ତାଙ୍କର ଚୀନ୍ ଗସ୍ତକୁ ବାତିଲ୍ କରିଛନ୍ତି । ତେବେ ଏହା ଭାରତର କ୍ରୀଡ଼ାବିତ୍ରୀମାନଙ୍କ ଲକ୍ଷ୍ୟ ପ୍ରତି କଦାଚିତ୍ ହାନି ପହଞ୍ଚାଇବ ।୧୯୮୨ରେ ନୂଆଦିଲ୍ଲୀ ଏସିଆଡ୍ ପରଠାରୁ ନିୟମିତ ଭାବରେ ଏହା ନିଜର ପ୍ରଦର୍ଶନର ଶ୍ରେଷ୍ଠତା ବଜାୟ ରଖୁଛି ଏବଂ ଏହି ଆଞ୍ଚଳିକ କ୍ରୀଡ଼ା ପ୍ରତିଯୋଗିତାରେ ଯୋଗଦେବା ପରଠାରୁ ୧୨ ଗୋଟି ଏସିଆଡ୍ ମଧ୍ୟରୁ ଏହା ୧୦ଟିରେ ପଦକ ତାଲିକାର ଶୀର୍ଷ ଦେଶ ମଣ୍ଡନ କରି ଆସିଛି । କିନ୍ତୁ ସାମ୍ପ୍ରତିକ ସମୟରେ ଭାରତର କ୍ରୀଡ଼ାବିତ୍ରୀମାନଙ୍କ ମଧ୍ୟରେ ଅପୂର୍ବ ଉତ୍ସାହ ଦେଖା ଦେଇଛି ଏବଂ ସେମାନଙ୍କ ସହିତ ରହିଛି ଶହେ କୋଟିରୁ ଅଧ୍ୟକ ଦେଶବାସୀଙ୍କ ଭାବଗତ ସମ୍ପର୍କ ଯାହା କ୍ରିକେଟ୍ ବାଦ୍ ଅନ୍ୟାନ୍ୟ କ୍ରୀଡ଼ା ଆଡ଼କୁ ସମ୍ପ୍ରସାରିତ ହୋଇଥବାରୁ ଅନେକ କ୍ରୀଡ଼ାବିତ୍‌ଙ୍କ ପାଇଁ ନିଜକୁ ପ୍ରତିପାଦିତ କରିବାକୁ ଏସିଆଡ୍ ଏକ ସୁବର୍ଣ୍ଣ ସୁଯୋଗ କହିଲେ ଅତୁକ୍ତି ହେବନାହିଁ, ବିଶେଷକରି ଚେସ୍ ଏବଂ ବ୍ୟାଡ୍‌ମିଣ୍ଟନ୍ ଖେଳାଳିମାନଙ୍କ ବ୍ୟତୀତ ଟ୍ରାକ୍ ଏବଂ ପଡ଼ିଆର କ୍ରୀଡ଼ାବିତ୍ରୀମାନଙ୍କ ପାଇଁ, କୁସ୍ତିଯୋଦ୍ଧାମାନଙ୍କ ପାଇଁ, ବକ୍ସର ଏବଂ ସୁଟରମାନଙ୍କ ପାଇଁ । ଏମାନଙ୍କ ବ୍ୟତୀତ ପୁରୁଷ ହକି ଖେଳାଳିମାନଙ୍କୁ ମଧ୍ୟ କୌଣସିମତେ ଅଣଦେଖା କରିହେବ ନାହିଁ, ଯେଉଁମାନଙ୍କଠାରୁ ପ୍ରାୟ ସବୁ ସମୟରେ ପଦକ ଅର୍ଜନ କରିବା ଆଶା କରାଯାଇଥାଏ । ଭାରତ ପ୍ରଥମେ ଜାକର୍ତ୍ତା ସଂସ୍କରଣରେ ଅର୍ଜନ କରିଥିବା ମୋଟ ୭୦ଟି ପଦକକୁ ମୋଟାମୋଟି ହାସଲ କରିବାର ଆଶା ପୋଷଣ ତ କରିବ, କିନ୍ତୁ ପଦକ ସଂଖ୍ୟା ଦୃଷ୍ଟିରୁ ଏହା ସର୍ବୋତ୍କୃଷ୍ଟ ଏସିଆଡ୍ ହେଉ ବୋଲି ମଧ ଏହା ଚାହିଁବ । ଭାରତୀୟ କ୍ରୀଡ଼ାବିତ୍ରୀମାନଙ୍କ ପାଇଁ ଭାରତର ପରିବେଶ ବର୍ତ୍ତମାନ ଅନେକାଂଶରେ ବଦଳି ସାରିଛି, ବିଶେଷତଃ ଜାଭେଲିନ୍ ଫିଙ୍ଗାଳି ନୀରଜ ଚୋପ୍ରାଙ୍କର ଉଲ୍ଲେଖନୀୟ ପ୍ରଦର୍ଶନ ପରେ । ତାଙ୍କର ପ୍ରେରଣାଦାୟୀ ସ୍ୱର୍ଣ୍ଣ ପଦକ ଲାଭ ସୁଚାଇ ଦେଇଛି ଯେ କିଛି ବି ଅସମ୍ଭବ ନୁହେଁ ଏବଂ ଅନେକ କ୍ରୀଡ଼ାବିତ୍ ଏହି କଥାରେ ବିଶ୍ୱାସ କରି ନିଜକୁ ପଦକ ବିଜୟୀ କରାଇବାର ଅଭିମୁଖେ ନେଇଯିବେ ।

# ଓଡ଼ିଶା : ଆକର୍ଷଣୀୟ, ଶାନ୍ତ, ଅବର୍ଣ୍ଣନୀୟ



### ଡ଼ଃ.ଅରୁନ୍ଧତୀ ଦେବୀ

ଆକର୍ଷଣୀୟ, ଶାନ୍ତ, ଅବର୍ଣ୍ଣନୀୟ ଓଡ଼ିଶା ଏହି ତିନୋଟି ଶବ୍ଦର ସମାହାର କହିଲେ ଅତ୍ୟୁକ୍ତି ହେବନାହିଁ। ଭାରତର ପୂର୍ବ ଉପକୂଳରେ ଅବସ୍ଥିତ ଓଡ଼ିଶା ରମଣୀୟ ସ୍ଥାନ, ଅନନ୍ୟ ସଂସ୍କୃତି ଏବଂ ସୌହାର୍ଦ୍ଦ୍ୟ ଏବଂ ସ୍ନେହଶୀଳ ଲୋକଙ୍କ ଅପୂର୍ବ ସମାହାର। ୪୮୦ କିଲୋମିଟର ଦୀର୍ଘ ଉପକୂଳ, ନଭଶ୍ଚୁମ୍ବୀ ପର୍ବତମାଳା, ଶାନ୍ତ ହ୍ରଦ ଏବଂ ଚଳଚଞ୍ଚଳ ନଦନଦୀ ତଥା ବିଭିନ୍ନ ବନ୍ୟଜନ୍ତୁ ଅଭୟାରଣ୍ୟ, ସମୁଦ୍ରତଟ, ମନ୍ଦିର, ସ୍ମାରକସ୍ଥଳୀ, କଳା ଏବଂ ପର୍ବପର୍ବାଣୀରେ ଭରପୂର ଓଡ଼ିଶା ସମସ୍ତଙ୍କୁ ଏହା ପ୍ରତି ଆକର୍ଷିତ କରିଥାଏ। ପର୍ଯ୍ୟଟନ ଓଡ଼ିଶାର ଅର୍ଥନୀତିକୁ ପ୍ରମୁଖ ଅବଦାନ ଦେଇଥାଏ। ଭାରତର କିଛି ସ୍ଥାନ ସ୍ୱତନ୍ତ୍ର ମାନ୍ୟତାର ଅଧିକାରୀ ଏବଂ ଓଡ଼ିଶା ଏହା ମଧ୍ୟରୁ ଗୋଟିଏ ବୋଲି ନିଶ୍ଚିତ ଭାବେ କୁହାଯାଇପାରିବ। ଭାରତର ଭାସ୍କର୍ଯ୍ୟ ଏବଂ ଜଳାତ୍ମକ ଐତିହ୍ୟର ବାସ୍ତବିକ ସଂଗ୍ରହାଳୟ ଓଡ଼ିଶାର ପର୍ଯ୍ୟଟନକ ହିଁ ବୁଝାଯାଇଥାଏ ଏବଂ କୋଣାର୍କ ଦେଦୀପ୍ୟମାନ ସୂର୍ଯ୍ୟମନ୍ଦିର, ପୁରୀସ୍ଥିତ ଭବ୍ୟ ଶ୍ରୀଜଗନ୍ନାଥ ମନ୍ଦିର ଏବଂ ମନ୍ଦିରମାଳିନୀ ସହର ଭୁବନେଶ୍ୱର ଦେଶବିଦେଶର ପଣ୍ଡିତ ଏବଂ ବିଶେଷଜ୍ଞଙ୍କ ଲାଗି ପ୍ରଥମ ପସନ୍ଦ ହୋଇଥାଏ। କ୍ରମାଗତ ବୃଦ୍ଧି ପାଇଥିବା ଅତ୍ୟାଧୁନିକ ପର୍ଯ୍ୟଟକ ଯେଉଁମାନେ ଓଡ଼ିଶା ପର୍ଯ୍ୟଟନ ପ୍ରତି ଆକର୍ଷିତ ମନ୍ଦିର, ପୁରୀ ପର୍ଯ୍ୟଟନ, ଓଡ଼ିଶା ହସ୍ତତନ୍ତ ଯାହା ସାରା ବିଶ୍ୱରେ ପ୍ରସିଦ୍ଧ ଏବଂ ପୁରୀ ଏବଂ ଗୋପାଳପୁର ସମୁଦ୍ରକୂଳ ସମ୍ପର୍କରେ କିଛି ନା କିଛି ଜ୍ଞାନ ରଖିଥାନ୍ତି।

ପର୍ବପର୍ବାଣି : ଅଗଣିତ ଧର୍ମ, ପୁରାତନ ମନ୍ଦିର, ସ୍ଥାନୀୟ ପୁଣ୍ୟସ୍ଥଳୀ ଏବଂ ପବିତ୍ର ସ୍ଥାନରେ ପରିପୂର୍ଣ୍ଣ ଓଡ଼ିଶାରେ ବାର ମାସରେ ତେର ଯାତ୍ରା ପାଳିତ ହୋଇଥାଏ। ରାଜ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପର୍ବପର୍ବାଣୀ ମଧ୍ୟରେ ପୁରୀ ରଥ ଯାତ୍ରା, ଚନ୍ଦନ ଯାତ୍ରା, କୋଣାର୍କ ନୃତ୍ୟ ଉତ୍ସବ ଅନ୍ୟତମ। ଓଡ଼ିଶାର ପବିତ୍ର ଭୂମିରେ ତିନିଗୋଟି ଧର୍ମ (ହିନ୍ଦୁ, ବୌଦ୍ଧ ଓ ଜୈନ)ର ବିକାଶ ଘଟିଛି ଯାହା ଖୁବ୍ ଧୁମଧାମରେ ଏହାର ଉତ୍ସବ ପାଳନ କରିଥାନ୍ତି। ଓନିଶାର ସାଂସ୍କୃତିକ ଏବଂ ଧାର୍ମିକ ପରମ୍ପରା ଭାରତରେ ଖୁବ୍ ପ୍ରସିଦ୍ଧ।

ସମୁଦ୍ରତଟ : ଓଡ଼ିଶା ଏହାର ରମଣୀୟ ସମୁଦ୍ର କୂଳ ଲାଗି ପ୍ରସିଦ୍ଧ ଯାହା ଜଣକ ଅବକାଶ ଭାବକୁ ଉଦ୍ରେକ କରିଥାଏ। ସ୍ୱର୍ଣ୍ଣିମ ବାଲୁକାରେ କୋମଳ ଖରାର ସ୍ପର୍ଶ ଜଣକୁ ଆନମନା କରିଦେଇଥାଏ। ଭାରତର ପୂର୍ବ ଉପକୂଳର ପ୍ରାଚ୍ୟ ପର୍ବତମାଳାର ବେଷ୍ଟନୀ ମଧ୍ୟରେ ଅବସ୍ଥିତ ଓଡ଼ିଶା ଦେଶର ଅନ୍ୟତମ ସୌନ୍ଦର୍ଯ୍ୟପୂର୍ଣ୍ଣ ସ୍ଥାନ ମଧ୍ୟରୁ ଅନ୍ୟତମ। ପୁରୀ ଏବଂ ଚାନ୍ଦିପୁର ସମୁଦ୍ରକୂଳ ପର୍ଯ୍ୟଟକଙ୍କ ସ୍ମୃତିରେ ଚିରଦିନ ପାଇଁ ସାଇତା ହୋଇ ରହିବା ଭଳି ଅଭିଜ୍ଞତା ପ୍ରଦାନ କରିଥାନ୍ତି।

ପର୍ଯ୍ୟଟନସ୍ଥଳୀ : ଓଡ଼ିଶା ଭ୍ରମଣ ପାଇଁ ଆସୁଥିବା ଦେଶବିଦେଶର ପର୍ଯ୍ୟଟକ ଏହାର ଅଦ୍ଭୁତ ବାସ୍ତୁକଳା ଏବଂ ଐତିହ୍ୟସ୍ଥଳୀର ବିସ୍ମୟକାରୀ ସୌନ୍ଦର୍ଯ୍ୟରେ ପ୍ରଭାବିତ ହୋଇଥାନ୍ତି। ପୁରୀର ଶ୍ରୀଜଗନ୍ନାଥ ମନ୍ଦିର, କୋଣାର୍କ ସୂର୍ଯ୍ୟ ମନ୍ଦିର, ଧଉଳି ଶାନ୍ତିସ୍ତୂପ, ଖଣ୍ଡଗିରି, ଉଦୟଗିରି, ଚିଲିକା ଏବଂ ଆହୁରି ଅନେକ ବୌଦ୍ଧ ଓ ଜୈନ ପର୍ଯ୍ୟଟନସ୍ଥଳୀ ପ୍ରତିବର୍ଷ ଲକ୍ଷ ଲକ୍ଷ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାନ୍ତି।

ତୀର୍ଥସ୍ଥଳୀ : ଅଦ୍ଭୁତ ବାସ୍ତୁକଳା ଏବଂ ଅଗଣିତ ମନ୍ଦିରରେ ପରିପୂର୍ଣ୍ଣ ଓଡ଼ିଶା ବର୍ଷସାରା ଦେଶବିଦେଶର ବିଭିନ୍ନ ସ୍ଥାନରୁ ତୀର୍ଥଯାତ୍ରୀଙ୍କୁ ଆକୃଷ୍ଟ କରିଥାଏ। ବିଶ୍ୱ ଐତିହ୍ୟସ୍ଥଳ କୋଣାର୍କ ସୂର୍ଯ୍ୟ ମନ୍ଦିର ବ୍ୟତୀତ ଓଡ଼ିଶା ଶ୍ରୀଜଗନ୍ନାଥଙ୍କ ଧାମ ବୋଲି ବିବେଚନା କରାଯାଇଥାଏ। ଖ୍ରୀଷ୍ଟପୂର୍ବ ୨୦୦୦ ପୂର୍ବର ଗୌରବମୟ ଇତିହାସ ସହିତ ଜଡ଼ିତ ଓଡ଼ିଶା ରଥଯାତ୍ରା ସମୟରେ ଦେଶବିଦେଶରୁ ଲକ୍ଷାଧିକ ଯାତ୍ରା ପୁରୀରେ ରୁଣ୍ଡ ହୋଇଥାନ୍ତି। ଏଥି ସହିତ ଦେଦୀପ୍ୟମାନ ଲିଙ୍ଗରାଜ ମନ୍ଦିର ଓ ଏବଂ ସୁନ୍ଦର କାରୁକାର୍ଯ୍ୟରେ ଖୋଦିତ ମୁକ୍ତେଶ୍ୱର ମନ୍ଦିରକୁ ଦେଖିବା ପାଇଁ ଲକ୍ଷାଧିକ ତୀର୍ଥଯାତ୍ରୀ ମଧ ଆସିଥାନ୍ତି। ହିନ୍ଦୁ, ଜୈନ ଏବଂ ବୌଦ୍ଧ ଧର୍ମାବଲମ୍ବୀଙ୍କ ଲାଗି ପବିତ୍ର ସ୍ଥଳୀ ଭାବେ ପରିଚିତ ଓଡ଼ିଶା ତୀର୍ଥଯାତ୍ରୀଙ୍କ ଲାଗି ପରମ କେନ୍ଦ୍ରସ୍ଥଳ।

ବନ୍ୟଜନ୍ତୁ : ପ୍ରକୃତିପ୍ରେମୀଙ୍କ ଅନ୍ତିମ ଲକ୍ଷ୍ୟସ୍ଥଳୀ ଭାବେ ଓଡ଼ିଶା ଦୁଃସାହସିକ ବନ୍ୟଜନ୍ତୁ ଭ୍ରମଣ ଲାଗି ସୁଯୋଗ ପ୍ରଦାନ କରିଥାଏ। ଭାରତରେ ବନ୍ୟ ଉଦ୍ୟାନ ଏବଂ ଅଭୟାରଣ୍ୟ ପାଇଁ ପ୍ରସିଦ୍ଧ ଓଡ଼ିଶା ଅଗଣିତ ବିରଳ ବନସ୍ପତି ଏବଂ ଜୀବଜନ୍ତୁ ପ୍ରଜାତିର ଆଶ୍ରୟସ୍ଥଳୀ। ସବୁଠୁ ଗହନ ଜଙ୍ଗଲ ଏବଂ ନାଲି ରେଶମ ପଶମ ଶାର୍ଢ଼ି, ବନ୍ୟ ଉଦ୍ୟାନର ଅଧିକାରୀ ଓଡ଼ିଶା ଏସୀୟ ସିଂହର ଜନ୍ମସ୍ଥଳୀ ଭାବେ ନିଜକୁ ପ୍ରମାଣିତ କରିସାରିଛି। ଓଡ଼ିଶାରେ ୬୬୧୧.୧୨ ବର୍ଗକିଲୋମିଟର ପରିମିତ ସଂରକ୍ଷିତ ଅଞ୍ଚଳ ନେଟୱାର୍କରେ ୧୮ଗୋଟି ଅଭୟାରଣ୍ୟ, ଏକ ଜାତୀୟ ଉଦ୍ୟାନ ଏବଂ ଗୋଟିଏ ପ୍ରସ୍ତାବିତ ଜାତୀୟ ପାର୍କ ଅବସ୍ଥିତ। ଏହି ବନ୍ୟ ଉଦ୍ୟାନଗୁଡ଼ିକ ରାଜ୍ୟର ୪.୨୫ ଭୌଗୋଳିକ ଅଞ୍ଚଳ ଏବଂ ୧୧.୩୭ ବନାଞ୍ଚଳକୁ ନେଇ ଗଠିତ। ଏଥିସହିତ ଓଡ଼ିଶାର ଅତୁଳନୀୟ କଳା ସଂସ୍କୃତି ଓ ପରମ୍ପରା ଦେଶବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହ ପ୍ରତିବର୍ଷ ରାଜ୍ୟକୁ ସେମାନଙ୍କୁ ରାଜ୍ୟକୁ ଟାଣି ଆଣିଥାଏ।


ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ
ଆନ୍ଦୋଳନ, କଟକ,
ମୋ: ୯୯୩୭୧୭୨୮୧୦


### ପର୍ଯ୍ୟଟନ ଓ ସବୁଜ ବିନିଯୋଗ

*ବର୍ତ୍ତମାନ ସାରା ବିଶ୍ୱରେ ପର୍ଯ୍ୟଟନ କ୍ଷେତ୍ର ହେଉଛି ନିରନ୍ତର ଭାବେ ଅଗ୍ରସର ହେଉଥିବା ଏବଂ ଅର୍ଥନୀତିକୁ ବିକାଶ କରୁଥିବା କ୍ଷେତ୍ର। ପର୍ଯ୍ୟଟନ ବିକଶିତ ଦେଶଗୁଡ଼ିକ ପାଇଁ ଆୟର ମୁଖ୍ୟ ଉତ୍ସ ଭାବେ ଉଭା ହୋଇଛି। ପର୍ଯ୍ୟଟକ ଓ ପର୍ଯ୍ୟଟନକୁ ଯୋଡ଼ିବା, ପର୍ଯ୍ୟଟକଙ୍କ ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ୨୭ ତାରିଖରେ ପାଳିତ ହେଉଛି ବିଶ୍ୱ ପର୍ଯ୍ୟଟନ ଦିବସ। ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ବିଷୟ ବସ୍ତୁକୁ ନେଇ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଥାଏ। ଏଥରର ବାର୍ତ୍ତା ରହିଛି 'ପର୍ଯ୍ୟଟନ ଓ ସବୁଜ ବିନିଯୋଗ'। ମିଳିତ ଜାତିସଂଘ ବିଶ୍ୱ ପର୍ଯ୍ୟଟନ ସଂସ୍ଥା ଦ୍ୱାରା ୧୯୮୦ ମସିହାରୁ ଏହି ଦିନଟି ବିଶ୍ୱ ପର୍ଯ୍ୟଟନ ଦିବସ ଭାବେ ପାଳିତ ହେଉଛି। ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆନ୍ତର୍ଜାତିକ ସମୁଦାୟ ମଧ୍ୟରେ ପର୍ଯ୍ୟଟନ ବିଷୟରେ ସଚେତନତା ସୃଷ୍ଟି କରିବା ସହିତ ଏହାର ସାଂସ୍କୃତିକ, ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ମୂଲ୍ୟବୋଧକୁ ସାରା ବିଶ୍ୱରେ ଲୋକଙ୍କ ନିକଟରେ ପହଞ୍ଚାଇବା। ଏହିଦିନ ୟୁଏନ୍‌ଡବ୍ଲ୍ୟୁଟିଓର ଜେନେରାଲ ସେକ୍ରେଟାରି ସମସ୍ତ ଜନସାଧାରଣଙ୍କୁ ବିଶ୍ୱ ପର୍ଯ୍ୟଟନ ଦିବସ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବାକୁ ଆହ୍ୱାନ ଦେଇଥାନ୍ତି। ବିଭିନ୍ନ ପର୍ଯ୍ୟଟନ ଉଦ୍ୟୋଗ, ପର୍ଯ୍ୟଟନ ସହ ସଂପୃକ୍ତ ସଂସ୍ଥା, ସରକାରୀ ଏଜେନ୍ସି ପ୍ରମୁଖ ଏହାକୁ ଆଗ୍ରହର ସହ ମଧ ପାଳନ କରିଥାନ୍ତି। ଏହିଦିନ ପର୍ଯ୍ୟଟନର ପ୍ରଚାର ପ୍ରସାର ପାଇଁ ବିଭିନ୍ନ ପ୍ରକାରର ପ୍ରତିଯୋଗିତ ଓ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥାଏ। ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲିବାକୁ ରିହାତିରେ ଟିକେଟ ଏବଂ ସ୍ୱତନ୍ତ୍ର ଅଫର ପ୍ରଦାନ କରାଯାଇଥାଏ।*

# ବସୁଧୈବ କୁଟୁମ୍ବକମ୍ କଥା ଶିଖାଉଛି ଭାରତ



### ଗୋପାଳ ମହାପାତ୍ର

ସମୟ ବଦଳିବା ସହିତ ବ୍ୟବସ୍ଥା ଏପରିକି ଲୋକଙ୍କର ମାନସିକତାର ପରିବର୍ତ୍ତନ ହେଉଛି। ଏହାର ଉଦାହରଣ ହେଉଛି ଏକବିଂଶ ଶତାବ୍ଦି ତାର ପ୍ରାରମ୍ଭିକ ଦଶକରେ ବିଂଶ ଶତାବ୍ଦିର ଢାଞ୍ଚାକୁ ବଦଳାଇବା ଆରମ୍ଭ କରି ଦେଇଛି। ଯେଉଁ ବିଶ୍ୱସ୍ତରୀୟ ସନ୍ତୁଳନକୁ ଦୁଇ ଧ୍ରୁବୀୟ, ଏକ ଧ୍ରୁବୀୟ କୁହାଯାଉଥିଲା, ଭାରତର 'ବସୁଧୈବ କୁଟୁମ୍ବକମ୍' ଉଦ୍‌ଘୋଷ ଏବେ ଏହାକୁ ବହୁପକ୍ଷିୟ କରାଯିବା ପାଇଁ ବାଟ ଦେଖାଉଛି। ଭାରତ ଜି-୨୦ ସମ୍ମିଳନୀରେ ଅଧକ୍ଷତା କରିଥିଲା। ଦିଲ୍ଲୀରେ ଆୟୋଜିତ ଦୁଇ ଦିନିଆ ସମ୍ମିଳନୀ ପାଁଇ ଏ ଦେଶର ୧୪୦ କୋଟି ଭାରତୀୟ ଅତିଥି ଦେଶମାନଙ୍କୁ ସ୍ୱାଗତ କରି ନିଜକୁ ଗୌରବାନ୍ୱିତ ମନେ କରିଥିଲେ। ଦିଲ୍ଲୀ ସମ୍ମିଳନୀ ପୂର୍ବରୁ ଭାରତ ସରକାର ଦେଶର ବିଭିନ୍ନ ସ୍ଥାନରେ ଜି-୨୦ ସହ ଜଡିତ ସମ୍ମିଳନୀର ଆୟୋଜନ କରିଥିଲେ। ବିଶ୍ୱ ଏବେ ଜଳବାୟୁ ସଙ୍କଟ ଦେଇ ଗତି କରୁଛି। ରୁଷ୍-ୟୁକ୍ରେନ୍ ଯୁଦ୍ଧ ପୁରା ବିଶ୍ୱକୁ ପ୍ରଭାବିତ କରୁଛି ଏତିକିବେଳେ ଭାରତୀୟ ନେତୃତ୍ୱକୁ ସାରା ବିଶ୍ୱ ବିଶ୍ୱାସଭରା ଦୃଷ୍ଟିରେ ଦେଖିବାକୁ ଲାଗିଛି। ଏହା ଏକବିଂଶ ଶତାବ୍ଦିର ଆଗାମୀ ଦିନର ସମୟରେ ବୈଶ୍ୱିକ ଶକ୍ତି ସନ୍ତୁଳନର ନକ୍ସାକୁ ବଦଳାଇ ଦେବାର ସମ୍ଭାବନା ରହିଛି।

ଦେବତା ଦୁଇ ପ୍ରକାରର ବୋଲି କୁହାଯାଏ। ପ୍ରଥମ ପ୍ରକାରର ହେଉଛନ୍ତି ରହସ୍ୟମୟ ଈଶ୍ୱର ଯାହା ବାବଦରେ ଆମମାନଙ୍କୁ କିଛି ଜଣାନଥାଏ। ଦ୍ୱିତୀୟ ପ୍ରକାରର ହେଉଛନ୍ତି ଯାହାଙ୍କ ଶକ୍ତି ଯାହା ବାବଦରେ କିଛି ଜଣାଥାଏ। 'ସୋପିୟନ୍ସ': ମାନବ ଜାତିର ସଂକ୍ଷିପ୍ତ ଇତିହାସର ଲେଖକ ୟୁବାଇ ନୋଆ ହରାରି ତାଙ୍କ ପୁସ୍ତକରେ ଯେଉଁ ଶକ୍ତି କଥା ଉଲ୍ଲେଖ କରିଛନ୍ତି ତାର ଭିନ୍ନ ଭିନ୍ନ ବ୍ୟାଖ୍ୟା କରାଯାଇପାରେ। ଏବେ ବିଶ୍ୱ ବା ଦୁନିଆ ଯେଭଳି ବଦଳିବାରେ ଲାଗିଛି, ଶକ୍ତି ଓ ସମୃଦ୍ଧିର ନୂଆ ସମାନାର୍ଥକ ଶବ୍ଦ ସୃଷ୍ଟି ହେବାରେ ଲାଗିଛି। ସେଥି ମଧ୍ୟରୁ ଏକ ଗୁରୁତ୍ୱପୂର୍ଣ୍ଣ ଶବ୍ଦ ହେଉଛି ଜନସଂଖ୍ୟା। ବିଗତ ଦିନରେ ଯେତେବେଳେ ଜଣାପଡିଲା ଯେ ଭାରତର ଜନସଂଖ୍ୟା ଚୀନର ଜନସଂଖ୍ୟାଠାରୁ ଅଧିକ ହୋଇଛି ସେତେବେଳେ ଏ ପ୍ରସଙ୍ଗ ଚର୍ଚ୍ଚାର ମୁଖ୍ୟ ବିନ୍ଦୁ ପାଲଟିଥିଲା। ଏକବିଂଶ ଶତାବ୍ଦିର ବର୍ତ୍ତମାନ ସମୟରେ ଜନସଂଖ୍ୟାକୁ ଏକ ନକାରାତ୍ମକ ଶବ୍ଦ ବୋଲି କୁହାଯାଇପାରିବ ନାହିଁ। ଭାରତର ସରକାର ଜନସଂଖ୍ୟାକୁ ବିଶ୍ୱ ମଞ୍ଚରେ ଏବଂ ରାଷ୍ଟ୍ରୀୟ ମଞ୍ଚରେ ସକାରାତ୍ମକ ଭାବେ ଦେଶର ସମ୍ପଦ ବୋଲି ଅଭିହିତ କରିଛନ୍ତି।

ଦୁଇଦିନିଆ ଶିଖର ସମ୍ମିଳନୀରେ ଯୋଗ ଦେଇଥିବା ବିଶ୍ୱର ରାଷ୍ଟ୍ରମୁଖ୍ୟ ମାନଙ୍କ ସତ୍କାର ଏ ଦେଶର ୧୪୦ କୋଟି ଜନତା କରିଛନ୍ତି। ଜି-୨୦ ଶିଖର ସମ୍ମିଳନୀକୁ ନେଇ ପ୍ରଧାନମନ୍ତ୍ରୀ ମୋଦୀ କିଛ ଦିନ ତଳେ କହିଥିଲେ ଯେ "ବିଗତ ଦିନରେ ବିଶ୍ୱ ସମୁଦାୟ ଭାରତକୁ ଏକ ବଡ ଉପଭୋକ୍ତାଙ୍କ ବଜାର ଭାବେ ଦେଖି ଆସୁଥିଲା ହେଲେ ଏବେ ବିଶ୍ୱସ୍ତରୀୟ ସମସ୍ୟାର ସମାଧାନ କରିବାର କ୍ଷମତା ଥିବା ଦେଶ ଭାବେ ଦେଖୁଛି।" ଅନେକ ବର୍ଷ ଧରି ଭାରତକୁ ଭୋକିଲା ଲୋକଙ୍କର ଦେଶ ବୋଲି କୁହାଯାଉଥିଲା, କିନ୍ତୁ ଏବେ ଭାରତକୁ କୁଶଳୀ ଓ ବୁଦ୍ଧିମାନ ମାନଙ୍କର ଦେଶ ବୋଲି ସମଗ୍ର ବିଶ୍ୱ ମାନି ନେଲାଣି। ଭାରତକୁ କୋଟି କୋଟି ଯୁବକଙ୍କ ଦେଶ ବୋଲି ମଧ କୁହାଗଲାଣି। ଜି-୨୦ ସମ୍ମିଳନୀ ପୂର୍ବରୁ ପ୍ରଧାନମନ୍ତ୍ରୀ ଦେଇଥିବା ଏହି ଭାଷଣକୁ ଭାରତର ପ୍ରତିଛବି ବୋଲି ମଧ କୁହାଯାଇପାରେ। ୯୦ ଦଶକରେ ଭାରତ ଉପଭୋକ୍ତା ମାନଙ୍କର ଏକ ବୃହତ ବଜାର ଭାବେ ଉଭା ହୋଇଥିଲା। ବିଶ୍ୱ ସମୁଦାୟ ମଧ ଭାରତକୁ ଏହି ଦୃଷ୍ଟିରେ ଦେଖୁଥିଲା। ଥଣ୍ଡା ପାନୀୟ ଠାରୁ ଆରମ୍ଭ କରି ଟିଭି, ଫ୍ରିଜ୍, ଗାଡି ଓ ସୌନ୍ଦର୍ଯ୍ୟ ପ୍ରସାଧନ ସାମଗ୍ରୀର ଅଧିକ ବ୍ୟବସାୟ ଭାରତରେ ହେଉଥିଲା। ଏଣୁ ଏହାକୁ ଏକ ବୃହତ ବଜାର କୁହାଯାଉଥିଲା। ସେ ସମୟରେ ଭାରତର ପରିଚୟ ମଧ ସଂକୀର୍ଣ୍ଣ ଥିଲା। ଯେତେବେଳେ ଭାରତର ପ୍ରକୃତି, ସଂସ୍କୃତି ଏବଂ ରାଜନୀତିର ପରିଚୟକୁ ଏକ ବଜାର ଦୃଷ୍ଟିରେ ଦେଖାଯାଉଥିଲା ସେ ସମୟରେ ୧୯୯୭ରେ ପୂର୍ବ ଏସିଆର ଦେଶ ମାନେ ଆର୍ଥୀକ ସଙ୍କଟ ଦେଇ ଗତି କରୁଥିଲେ। ଏହି ସଙ୍କଟର ସମାଧାନ ପାଇଁ ଏକ ମଞ୍ଚ ଗଠିତ ହୋଇଥିଲା ଯାହା ଏବେ ଜି-୨୦ରେ ପରିଣତ ହୋଇଛି। ୧୯୯୯ ମସିହା ଜୁନ୍ ମାସରେ ଫ୍ରାନ୍ସ, ଜର୍ମାନୀ, କାନାଡା, ଇଟାଲି, ଜାପାନ, ଇଂଲଣ୍ଡ ଏବଂ ଆମେରିକାର ଅର୍ଥମନ୍ତ୍ରୀ ଏବଂ ଏସବୁ ଦେଶର କେନ୍ଦ୍ରୀୟ ବ୍ୟାଙ୍କର ମୁଖ୍ୟ ମାନେ ଏକ ବୈଠକରେ ଏକତ୍ରିତ ହୋଇଥିଲେ। ବୈଠକରେ ଆର୍ଥୀକ ପ୍ରସଙ୍ଗକୁ ନେଇ ବିଚାର ବିମର୍ଷ କରାଯାଇଥିଲା। ଆଜିର ଜି-୨୦ ବିଶ୍ୱର ବୃହତ୍ ଆର୍ଥୀକ ବ୍ୟବସ୍ଥା ମାନଙ୍କର ଗୋଷ୍ଠୀରେ ପରିଣତ ହୋଇଛି।

ଭାରତର ପୂର୍ବର ପରିଚିତ ଏବେ ବଦଳି ଯାଇଛି। ଭାରତର ଅର୍ଥବ୍ୟବସ୍ଥା ଏବେ ୩ ଟ୍ରିଲିୟନ ଅର୍ଥ ବ୍ୟବସ୍ଥାରେ ପହଞ୍ଚିଲାଣି ଏବଂ ଆଗାମୀ କିଛି ବର୍ଷ ମଧ୍ୟରେ ଏହା ୫ ଟ୍ରିଲିୟନ୍‌ରେ ପହଞ୍ଚିବ। ପୂର୍ବରୁ ବିକଶିତ ଦେଶ ମାନଙ୍କର ଯେଉଁ ଆଧିପତ୍ୟ ଥିଲା ତାହା କମିଛି ଓ ବିକାଶଶୀଳ ଦେଶ ମାନଙ୍କର ଗୁରୁତ୍ୱ ବଢିଛି। ଭାରତରେ ଶ୍ରମ, ବୌଦ୍ଧିକ ଏବଂ କୌଶଳ ଶକ୍ତି ଭରପୁର ରହିଛି ଯାହାକୁ ନେଇ ଭାରତର ବିକାଶ ଦିଗରେ ଆଗେଇ ଚାଲିଛି। ଭାରତୀୟ ବଂଶୋଦ୍‌ଭବ ମାନେ ଏବେ ଅନେକ ଦେଶର ରାଷ୍ଟ୍ର ମୁଖ୍ୟ ଭାବେ ଅଧିଷ୍ଠିତ। କରୋନା ମହାମାରୀ ସମୟରେ କାନାଡା, ବ୍ରାଜିଲ୍ ଓ ନିକାରଗୁଆ ଭଳି ଦେଶକୁ ଭାରତ ଔଷଧ ପଠାଇ ନିଜର ବଦାନ୍ୟତା ପ୍ରଦର୍ଶନ କରି ଥିଲା। ଭାରତ କାହାରି ସହ ଯୁଦ୍ଧ ନୁହେଁ ମୈତ୍ରୀ ଚାହେଁ କାରଣ ଭାରତର ମୂଳ ମନ୍ତ୍ର ହେଉଛି "ବସୁଧୈବ କୁଟୁମ୍ବକମ୍"।


ରାମଚନ୍ଦ୍ରପୁର, ରଣପୁର
ମୋ - ୯୪୩୮୪୮୫୦୯୪





## ମୋନାଲିସାର ହସ



### ନୂତନ କୁମାର ବେହେରା

ହସ ତ ସମସ୍ତେ ହସନ୍ତି
ଆନନ୍ଦରେ ହୃଦୟ ପଡ଼ିଲେ ଉଚ୍ଛୁଳି
ସେ ହସର ତରଙ୍ଗ
ମୁହଁରୁ ଅଧରରେ ଯାଏ ଖେଳି
ମନରେ ଭରିଗଲେ ବିଷାଦ
ଆସେ ଅସରନ୍ତି ଦୁଃଚିନ୍ତାର ଭାବନା
କରେ ମସ୍ତିଷ୍କକୁ ଭାରାକ୍ରାନ୍ତ
ପ୍ରାଣ ହୁଏ ଅଧିର ଅସ୍ଥିର
ସମୟ ଆଣିଦିଏ ଅବସାଦ
ଫୁଟେ ଯେବେ ସରସତାର ଫୁଲ
ମହକିତ କରେ ଚଉପାଶ
ଐଶ୍ୱର୍ଯ୍ୟ ପ୍ରାଚୁର୍ଯ୍ୟରେ
ଜୀବନ ହୁଏ ରଙ୍ଗୀନ ସ୍ୱପ୍ନମୟ
ଅଧର ଧାରେ ଝଲସେ ସ୍ମିତ ହସ
ସାରା ଜଗତକୁ କରେ ବଶ
ସେ ହସ ଅମଉଳା ଚିର ଅମ୍ଳାନ ସ୍ନିଗ୍ଧ
ପ୍ରତି ହୃଦୟକୁ କରେ ମୁଗ୍ଧ
ମୋନାଲିସା ଶିଳ୍ପୀର ମାନସ କନ୍ୟା
ପଥର ଦେହର ଜୀବନ୍ତ ପ୍ରତିମୂର୍ତ୍ତି
ସାରା ବିଶ୍ୱରେ ଅନନ୍ୟା
ନମ୍ର ଶାନ୍ତ ସରଳ ଉଦାର ହୃଦୟ
ନାହିଁ ଗ୍ଲାନି ନାହିଁ କିଛି ଅନୁଶୋଚନା
ସେ ସମସ୍ତଙ୍କୁ ଦିଏ ସମ୍ବର୍ଦ୍ଧନା
ଜୀବନ ଜିଇଁବାକୁ କରେ ଆହ୍ୱାନ
ମନରୁ ଦୂରାଇ ଦେଲେ ତିକ୍ତତାର
କ୍ଲେଶ
ରହେ ନାହିଁ ତିଳେ ଅବଶୋଷ
ଆରମ୍ଭ ହୁଏ ଅଭିଯାନ
ସେ ମୋନାଲିସା ପଥରର
କାରୁକାର୍ଯ୍ୟ
ଶିଳ୍ପୀର କଳାକୃତି ଯାଦୁ
ଦର୍ଶକ ଭାବୁକ ହୁଅନ୍ତି ଆଶ୍ଚର୍ଯ୍ୟ
ପଥର ବି ହସି ପାରେ
ପାଷାଣ ହୃଦୟକୁ ତରଳାଏ
ଆତ୍ମାକୁ ଚରମ ପରମ ଶାନ୍ତି ଦିଏ
ସଂସାରରେ ହସ ଅମୂଲ ମୂଲ
ଅତୁଳନୀୟ ହୁଏନା କା' ସାଥେ ତୁଳ
ପାରେ ସେ ବହୁମୂଲ୍ୟ ରତ୍ନକୁ କିଣି
ସେ ଏକ ପରଶମଣି
ପ୍ରତିଟି ହୃଦୟକୁ ଯାଏ ଜିଣି
ମୋନାଲିସା ତାର ପ୍ରତୀକ
ଜୀବନର ଅମାରେ ଉଜ୍ଜ୍ୱଳ
ଆଲୋକେ
ସବୁ ଭୁଲି ଯିଏ ପାରେ ହସି
ତା' ସଂସାରରେ ଭରିଯାଏ ଖୁସି
ଅନ୍ତରରୁ ଅଶାନ୍ତି ହୁଏ ନାଶ
ଦୁଃଖକୁ ସୁଖରେ କରେ ରୂପାନ୍ତର
ସେ ମୋନାଲିସାର ହସ।


କୋହି,ବାରିପଦା, ମୟୂରଭଞ୍ଜ
ମୋ: ୮୦୧୮୩୫୩୩୨୨


## ଜାତୀୟ ଚରିତ୍ର

### ଅମରନାଥ ବାରିକ୍

ତୁ ତ ମୁତୁରୀ ମୁଁ ତ ମୁତୁରୀ
ହେଂସ କାଇଁ ପାଇଁ ଧୋଇବା
ଆଲୋ ମୁତୁରୀ ଆମେ ଦୁହେଁ ଏବେ
ସାଙ୍ଗସୁଙ୍ଗା ହୋଇ ଶୋଇବା ।
ଗୋଟାଏ ଥାଳିରେ ଖାଇବା
ଯାହା ବଞ୍ଚିଯିବ ବଳକା ଅଇଁଠା
ବୁଲା କୁକୁରଙ୍କୁ ଖୋଇବା ।

ଦିନ ରାତି ଆମ ପାଦ ଚାଟିଛନ୍ତି
ତାଙ୍କୁ କିଆଁ ଆମେ ଛାଡ଼ିବା
ସମୁଦ୍ରରୁ ପାଣି ଅନେକ ଆସୁଛି
ଆଞ୍ଜୁଳାଏ କାଢ଼ି ପେଇବା ।
ରାଜନୀତି ଖେଳ କରିବା
ଯେଉଁ କୁଜିନେତା ମୁହଁଟି ଖୋଲିବ
ତାଙ୍କ ମୁଣ୍ଡେ ଅଠା ବୋଳିବା ।

ଜନତାଙ୍କୁ ପୁଣି ଭକୁଆ ସଜେଇ
ଚୋଖା ପଣସ ଖାଇବା
ଇଲେକ୍ସନ ବେଳେ ଖର୍ଚ୍ଚ କରିଥିଲେ
ସବୁ ଏଠୁ ଉଠେଇବା ।
କାହାକୁ ବା କାହିଁ କହିବା !
ପଦାରେ କେବଳ ବିଜେଡ଼ି ବିଜେପି
ଭିତିରିଆ ଏକ ହୋଇବା ।

ଥରେ ଆସିଥାଏ ମଉକା ଜୀବନେ
ହାତଛଡ଼ା କାହିଁ କରିବା
ଉପରେ ଉପରେ ପାଣି ସିଞ୍ଚି ଦେଶ
ଭିତରଟା ଖୋଳ କରିବା ।
ଦୁନିଆ ଯୋକୋନା କାଢ଼ିବା
ଗରିବ ନାମରେ ନିଜ ପକେଟକୁ
ଆଗ ଭଲକରି ଭରିବା ।

ସତ କଥା ଯଦି ଆମେ କହିଦେବା
ଅପ୍ରିୟ ନିହାତି ହୋଇବା
ରାଜନୀତି ଖେଳ ବଡ଼ ଗଣ୍ଡଗୋଳ
ଆମେ ଏଠି କିଆଁ ପଶିବା
କାନ ମୁଣ୍ଡ ଆଉଁସିବା ।
ଗାନ୍ଧୀଜିଙ୍କ ଉପଦେଶ ମାନି ତିନି
ମାଙ୍କଡ଼ ପରିକା ହେବା ।


ଗ୍ରା/ପୋ-କୟାଁ, ଥା-ମଙ୍ଗଳପୁର,
ଜି-ଯାଜପୁର
ଓଡ଼ିଶା, ପିନ୍ ନମ୍ବର - ୭୫୫୦୧୧
ମୋ: ୯୫୪୦୩୦୮୦୯୫


## ଅନିର୍ଦ୍ଦିଷ୍ଟ ବର୍ଷା



### ବିବୁଲ ମହାକୁର

ନା ଲଘୁଚାପ ନା ଆଷାଢ଼ି ବରଷା
ତଥାପି ଦୁଇବୁନ୍ଦା ସ୍ପର୍ଶ କରିଗଲା,
ଭାଙ୍ଗିଦେଲା ବଇଶାଖୀ ନିଦ୍ରା
ଲାଗିଲା ସତେବା ମୌସୁମୀ ଏଥର
ଆଗତୁରା ଆସିଗଲା।

କେଇ ବୁନ୍ଦାର ଭୌଗୋଳିକ କାରଣ
ନା ମେଘ ପାଖରେ ଥିଲା
ନା ଋଣଗ୍ରସ୍ତ କୃଷକ ପାଖରେ
କିଏବା ଆଉ କହି ପାରିଥାନ୍ତା ?

ଯେମିତି ଭୂମିକୁ ସ୍ପର୍ଶ କଲା
ସେମିତି ଭୂମି ସ୍ପର୍ଶରେ ଉଭେଇଗଲା
ମାତ୍ର ଛାଡ଼ିଦେଇଗଲା କେଇ ମୁହୂର୍ତ୍ତର
ପ୍ରେମାଶକ୍ତ ବାସ୍ନା
ଅଗୋଚର ମଞ୍ଜିରେ ପ୍ରାଣ
ଘାସ ଗାଲିଚାରେ ଏକ ଜାଇ ଚିହ୍ନ।

ଭିଜେଇଦେଲା କାଗଜ ଡ଼ଙ୍ଗା
ଲିଭେଇଦେଲା ଅଦୃଶ୍ୟ ଲକ୍ଷ୍ମଣରେଖା
ପ୍ରଶମିତ ହୃଦୟର ବହ୍ନି
ଓଦା ସରସର ନୁଖୁରା ଚାହାଣୀ।
ଚାତକ ତ ଅବାକ୍ !

କ୍ଷଣକେ ଉଡିଗଲା
ମାଟି ଓ ଆକାଶ ମଧେ
ଧାଇଁଗଲା ରମାଇ ରୁ ପପଙ୍ଗା ଯାଏଁ
ଅପସରି ପାଣି ବୁନ୍ଦାକ ପାଇଁ।


ଗ୍ରାମ/ପୋଷ୍ଟ - ବୁର୍ଢ଼ା
ଥାନା - ଲୋଇସିଂହା
ଜିଲ୍ଲା - ବଲାଙ୍ଗୀର
ମୋ: ୮୨୪୯୭୦୨୨୫୨

# ପିତ୍ତ, ବାତ, କଫ ସବୁ ରୋଗକୁ ଭଲ କରେ ଏହି ଗୋଟାଏ ସାମଗ୍ରୀ



ଆମେ ପୂର୍ବରୁ ଅନେକ ଔଷଧୀୟ ଜିନିଷକୁ ନେଇ ଆଲୋଚନା କରିଛେ । ମେଥି ମଧ ସେହିପରି ଏକ ଔଷଧୀୟ ସାମଗ୍ରୀ। ମେଥିରେ ଅନେକ ନ୍ୟୁଟ୍ରିଏଣ୍ଟସ ରହିଛି। ଏହାକୁ ରାତିରେ ଭିଜାଇ ସକାଳୁ ଚୋବାଇ ଚୋବାଇ ଖାଇବା ଦ୍ୱାରା ଏବଂ ଏହାର ପାଣି ପିଇବା ଦ୍ୱାରା ବ୍ୟକ୍ତିର ଅନେକ ସ୍ୱାସ୍ଥ୍ୟଗତ ସମସ୍ୟାର ସମାଧାନ ହୋଇଥାଏ। ଏଥିସହିତ ଏହା ଆମକୁ ଗୁଡ଼ାଏ ରୋଗ କବଳରୁ ମଧ ବଞ୍ଚାଇଥାଏ। ଡାକ୍ତରୀ ପରୀକ୍ଷଣ କହେ ଏହାକୁ ପ୍ରତ୍ୟେକ ଦିନ ଖାଇବା ଦ୍ୱାରା ବ୍ୟକ୍ତିର ପିତ୍ତ,ବାତ, କଫ ଏବଂ ଥଣ୍ଡାଜନିତ ସମସ୍ୟା ଆଦି ଦୂର ହୋଇଥାଏ। ପ୍ରତ୍ୟେକ ଦିନ ମେଥି ଖାଇଲେ ଶରୀରରୁ ବିଷାକ୍ତ ଦ୍ରବ୍ୟ ନାଶ ହେବା ସହ କିଡନି ସୁସ୍ଥ ରହିଥାଏ। ମେଥି ଖାଇବା ଦ୍ୱାରା ବ୍ୟକ୍ତି ଗ୍ୟାସ୍ଟ୍ରିକ୍ ସମସ୍ୟାରୁ ମୁକୁଳିଥାଏ। ଯାହାକି ବ୍ୟକ୍ତିକୁ ଛାତି ପୋଡ଼ାଜଳା ଏବଂ ଏସିଡିଟି ଠାରୁ ମୁକ୍ତ କରିଥାଏ। ଏଥିସହିତ ମେଥି ଖାଇବା ଦ୍ୱାରା ବ୍ୟକ୍ତିର ରକ୍ତଚାପ ସ୍ତର ମଧ ନିୟନ୍ତଣ ରଖିଥାଏ ଏବଂ ଏହା ହୃତ୍‌ଘାତ ହେବାରୁ ବଞ୍ଚାଇବାରେ ମଧ ସାହଯ୍ୟ କରେ। ତେବେ ଭିଜା ଯାଇଥିବା ମେଥିକୁ ଖାଇବା ଦ୍ୱାରା ବ୍ୟକ୍ତିର ହଜମ ପ୍ରକ୍ରିୟାଟି ସହଜ ହୋଇଥାଏ। ମେଥିଦାନା ଶରୀରରୁ ବିଷାକ୍ତ ପଦାର୍ଥ ବାହାରକୁ ବାହର କରି ତ୍ୱଚାକୁ ସୁସ୍ଥ ରଖିଥାଏ। ଯାହାଦ୍ୱାରା ବ୍ରଣ ଓ ଦାଗ ଇତ୍ୟାଦି ସମସ୍ୟା ଆଦିରୁ ବ୍ୟକ୍ତିକୁ ମୁକ୍ତି ମିଳିଥାଏ। ପ୍ରତ୍ୟେକ ଦିନ ଭିଜା ଯାଇଥିବା ମେଥିକୁ ଖାଇଲେ ବ୍ୟକ୍ତିର କେଶ ଶୀଘ୍ର ଧଳା ହୁଏନି ବରଂ ଘନ ଓ କଳା ହୋଇଥାଏ। ଏହାସହିତ କେଶ ଝଡ଼ିବା ମଧ ବନ୍ଦ ହୋଇଥାଏ। ମେଥି ବ୍ୟକ୍ତିର ହଜମ କ୍ରିୟାକୁ ସକ୍ରିୟ କରିବା ସଂଗେସଂଗେ ଏସିଡିଟି ସମସ୍ୟାକୁ ଦୂର କରିଥାଏ। ଏହା ପାଇଲ୍ସ ଜନିତ ସମସ୍ୟାଠାରୁ ଦୂରାଇଥାଏ। ମେଥିଦାନା ସେବନ କଲେ ବ୍ୟକ୍ତିକୁ ବହୁତ ଥର ପରିସ୍ରା ଲାଗିବା ବା ପରିସ୍ରା ସଂକ୍ରମଣ ଭଳି ସମସ୍ୟା ଠାରୁ ମଧ ମୁକ୍ତି ମିଳିଥାଏ।

## ରୁପି ସମସ୍ୟା : ଏହା ପଛର କାରଣ କ'ଣ ଓ ଏହାକୁ କିପରି ନିୟନ୍ତ୍ରଣରେ ରଖିହେବ ?

ଅନେକଙ୍କ କ୍ଷେତ୍ରରେ ଡ୍ୟାଡରଫ୍ ବା ରୁପି ସମସ୍ୟା ଦେଖାଦେଇଥାଏ । କେତେକଙ୍କ କ୍ଷେତ୍ରରେ ବର୍ଷସାରା ରୁପି ସମସ୍ୟା ଲାଗି ରହିଥାଏ । ବିଶେଷକରି ଶୀତଦିନରେ ଏହା ଅତ୍ୟଧିକ ପରିମାଣରେ ହୋଇଥାଏ । ହେଲେ ଏହା ପଛର କାରଣ କ'ଣ ଓ ଏହାକୁ କିପରି ନିୟନ୍ତଣରେ ରଖିହେବ, ଜାଣି ରଖିବା ଜରୁରୀ ।

- ରୁପି ହେବାର ବିଭିନ୍ନ କାରଣ ରହିଛି
- ରୁପି ହେବା ଜେନେଟିକ୍ କାରଣରୁ ହୋଇପାରେ
- ଏହାସହ କେଉଁ ପରିବେଶରେ ରହୁଛନ୍ତି, ତାହା ମଧ ଗୁରୁତ୍ୱପୂର୍ଣ୍ଣ
- ଅତ୍ୟଧିକ ପ୍ରଦୂଷଣ ମଧ ରୁପିର କାରଣ ହୋଇପାରେ
- ଶୀତଦିନେ ହିଁ ସବୁଠୁ ଅଧିକ ରୁପି ହୋଇଥାଏ
- ବାୟୁମଣ୍ଡଳରେ ଶୁଷ୍କତା ରୁପି ସମ୍ୟା ବଢ଼ାଇଥାଏ
- ରୁପିକୁ ସମ୍ପୂର୍ଣ୍ଣ ହଠାଇବା କଷ୍ଟକର ବ୍ୟାପାର
- ରୁପିକୁ ନିୟନ୍ତଣ କରିବା ପାଇଁ ଷ୍ଟିରଏଡ ଲୋସନ, ଆଂଟି ଡ୍ୟାଂଡରଫ୍ ସାମ୍ପୁ ବ୍ୟବହାର କରନ୍ତୁ
- ଡାକ୍ତରଙ୍କ ପରାମର୍ଶ ପରେ ହିଁ ଲୋସନ କିମ୍ବା ସାମ୍ପୁ ବ୍ୟବହାର କରନ୍ତୁ
- ରୁପି ନିୟନ୍ତଣ ପାଇଁ ମୁଣ୍ଡରେ ଲେମ୍ବୁ ଲଗାଇପାରିବେ
- ଅନ୍ୟ କିଛି ପ୍ରସଙ୍ଗ ଉପରେ ମଧ ଦୃଷ୍ଟି ଦେବାକୁ ପଡ଼ିବ
- ବାହାରକୁ ଗଲେ ଚୁଟିକୁ ଘୋଡ଼ାଇ ରଖିବା ମଧ ଜରୁରୀ
- ଏକ ସନ୍ତୁଳିତ ଖାଦ୍ୟ ଓ ଜୀବନ ଶୈଳୀ ମଧ ଗୁରୁତ୍ୱପୂର୍ଣ୍ଣ



## ଦାନ୍ତ ଚିକିତ୍ସାର ପୁରାତନ ପଦ୍ଧତି



ମନୁଷ୍ୟ ଶରୀରର ଏକ ପ୍ରମୁଖ ଅଙ୍ଗ ହେଉଛି ଦାନ୍ତ। ତେଣୁ ମନୁଷ୍ୟର ଦାନ୍ତଜନିତ ସମସ୍ୟା ରହିବା ସ୍ୱାଭାବିକ। ଏହି ବାବଦରେ ସ୍ଲୋଭେନିଆର ଐତିହାସିକଗଣ ଚମକ୍ରାର ତଥ୍ୟ ପ୍ରକାଶ କରିଛନ୍ତି। ସେଠାରେ ମିଳିଥିବା ଆଦିମାନବର ଦାନ୍ତରେ ମହମର ଆସ୍ତରଣ ଲାଗିଥିବାରୁ ଗବେଷକଗଣ ଦନ୍ତ ଚିକିତ୍ସା ସମ୍ପର୍କରେ ଅନୁମାନ ଲଗାଇପାରିଛନ୍ତି। ଏହି ମହମର ପରସ୍ତ ଏକପ୍ରକାର ଚିକିତ୍ସା ବୋଲି ଅନୁମାନ କରାଯାଉଛି। କାରଣ ଏବେ ପର୍ଯ୍ୟନ୍ତ ସ୍ଲୋଭେନିଆର ପୁରାତନତ ବଇଦମାନେ ବିଭିନ୍ନ ପ୍ରକାର ମଲମ ଦାନ୍ତରେ ଲଗାଇ ଦାନ୍ତବିନ୍ଧାର ଉପଶମ କରିଥାନ୍ତି। ଗବେଷକଙ୍କ ମତରେ ଯଦିଓ ମହମର ପ୍ରଲେପ ଦନ୍ତ ଚିକିତ୍ସା ପାଇଁ ଲଗାଯାଇଥିବାର ଅନୁମେୟ, ହେଲେ ଏ ବାବଦରେ ଅଧିକ ତଥ୍ୟ ହସ୍ତଗତ ହୋଇନାହିଁ। ଅନ୍ୟ ଏକ ବିଶେଷଜ୍ଞ ଦଳଙ୍କ ମତରେ ଆଦିମାନବର ଜୀବିତ କିମ୍ବା ମୃତାବସ୍ଥାରେ ଏହି ପ୍ରଲେପ ଲଗାଯାଇଛି କି ନାହିଁ, ତାହା ମଧ୍ୟ ଜଣାପଡ଼ି ନାହିଁ।

# ମୋବାଇଲ୍‌ରୁ ମୁକ୍ତି ଚାହୁଁଛନ୍ତି କି ?

**ପ୍ରତ୍ୟେକ ଶତାବ୍ଦୀରେ କିଛି ନା କିଛି ବୈଷୟିକ ବିପ୍ଳବ ହୋଇଛି। ଏକବିଂଶ ଶତାବ୍ଦୀର ପ୍ରଥମ ଚତୁରାର୍ଦ୍ଧରେ ଏହାର ଶ୍ରେୟ ମୋବାଇଲ୍‌କୁ ଦିଆଯାଇପାରେ । ଏଥିଯୋଗୁ ଆମର ବହୁତ ଅଗ୍ରଗତି ହୋଇଛି ଏବଂ ଏହାଯୋଗୁଁ ଅନେକ ବିପଦର ମଧ ସାମନା କରିବାକୁ ପଡୁଛି । ଆଜି ମୋବାଇଲ୍ ଆମ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟି ଯାଇଛି ଏହାକୁ ଅସ୍ୱୀକାର କରାଯାଇପାରିବ ନାହିଁ। କାର୍ଯ୍ୟ, ଉତ୍ପାଦକତା, ମନୋରଞ୍ଜନ ଏବଂ ଯୋଗାଯୋଗରେ ଏହାର ଏକ ମୁଖ୍ୟ ଭୂମିକା ରହିଛି।**



### କିନ୍ତୁ କେତେ ଏବଂ କିପରି ?

ଆଜି ଯେତେବେଳେ ଆପଣ ଯେତେବେଳେ ଆତ୍ମ-ବିକାଶ ପାଇଁ କୌଣସି ବିଶେଷଜ୍ଞଙ୍କଠାରୁ ପରାମର୍ଶ ନିଅନ୍ତି କିମ୍ବା ଶୁଣନ୍ତି ସେମାନେ ମୋବାଇଲ୍ ବ୍ୟବହାରର ସୀମା ବିଷୟରେ ନିଶ୍ଚିତ ଭାବରେ କହିଛନ୍ତି ।

ଅଫିସରେ କାମ କରିବା ହେଉ କି ଶୋଇବା ସମୟ ହେଉ କିମ୍ବା ସକାଳେ ଉଠିବା କିମ୍ବା ଗାଡି ଚଳାଇବା ହେଉ ଏମିତିକି ରାସ୍ତାରେ ଚାଲିବା ସମୟରେ କି ଗୋଟେ ସ୍ଥାନରେ କିଛି ସମୟ ଅପେକ୍ଷା ହେଉ ଆମେ ମୋବାଇଲ୍ ବ୍ୟବହାର ଛାଡି ପାରୁନାହୁଁ । ସେଥିପାଇଁ ଯେତେବେଳେ ଭଲ ସ୍ୱାସ୍ଥ୍ୟ ପାଇଁ ପର୍ଯ୍ୟାପ୍ତ ନିଦ ଦରକାର ବୋଲି କୁହାଯାଏ ସେବେ ଶୋଇବାର ଏକ ଘଣ୍ଟା ପୂର୍ବରୁ ମୋବାଇଲ୍ ବନ୍ଦ କରିବାକୁ ମଧ କୁହାଯାଏ ।

ଯଦିଓ ଆପଣଙ୍କର ମୁଣ୍ଡ ବୁଲାଉଛି କି ଆଖି କିମ୍ବା କାନରେ ଯନ୍ତ୍ରଣା ଯୋଗୁଁ ଆପଣ ଡାକ୍ତରଙ୍କ ପାଖକୁ ଯାଉଛନ୍ତି ତେବେ ଡାକ୍ତରଙ୍କ ପ୍ରଥମ ପ୍ରଶ୍ନ 'ଦିନରେ ଆପଣ କେତେ ଘଣ୍ଟା ମୋବାଇଲ୍ ବ୍ୟବହାର କରନ୍ତି ।' ଧ୍ୟାନର ଅଭାବ କିମ୍ବା ଧ୍ୟାନର ଅବନତିର ସମସ୍ୟାର ମୂଳରେ ମଧ ମୋବାଇଲ୍ ଫୋନ୍ ପ୍ରାୟତ ଦୋଷୀ ବୋଲି ଜଣାପଡିଛି ।

### ମୋବାଇଲ୍ ଏକ ନିଶା କାହିଁକି ?

ମନୋରଞ୍ଜନର ଅନେକ ଉତ୍ସ ଅଛି କିନ୍ତୁ ବର୍ତ୍ତମାନ ଆମର ଦୃଷ୍ଟିଭଙ୍ଗୀ ବଦଳିଛି । ବର୍ତ୍ତମାନ କେବଳ କେହି ଜଣେ ମନୋରଂଜନ ବୋଲି ଖାଲି ଦେଖିବା ସେମିତି ଆବଶ୍ୟକ ନୁହେଁ ପ୍ରତ୍ୟେକ ବ୍ୟକ୍ତି ନିଜେ ଏକ କ୍ଷୁଦ୍ର ଚଳଚ୍ଚିତ୍ର କିମ୍ବା ଭିଡିଓ ତିଆରି କରି ଏହାକୁ ସୋସିଆଲ ମିଡିଆରେ ସେୟାର କରିପାରିବ ଏବଂ ତତକ୍ଷଣାତ୍ ଲାଇକ ଓ କମେଣ୍ଟ ପାଇପାରିବ । ମୋବାଇଲ ଆସିଲା ପରେ ମନୋରଞ୍ଜନର ସଂଜ୍ଞା ମଧ ବଦଳିଯାଇଛି । ଆଗରୁ ବହି , ଟିଭି, ରେଡିଓ କି ସେହିଭଳି କିଛି ଆମ ପାଇଁ ମନୋରଞ୍ଜନର ମାଧମ ଥିଲା କିନ୍ତୁ ଆଜି ସେଥିରେ ଦେଉଥିବା ସବୁ ବିଷୟ ଏବଂ ତାଠୁ ଆହୁରି ଅଧିକ ମୋବାଇଲରେ ଉପଲବ୍ଧ ତେଣୁ ଖାଲି ଯୁବପିଢି ନୁହେଁ ପ୍ରାୟ ସବୁ ବୟସବର୍ଗରେ ମୋବାଇଲର ଆଦର ବଢି ଯାଇଛି । ଯେପରି ଗୃହିଣୀଟିଏ ତାର ପ୍ରିୟ ଧାରାବାହିକ ଦେଖିବାପାଇଁ ରୋଷେଇ ବନ୍ଦ କରି ଡ୍ରଇଂ ରୁମକୁ ଯିବାକୁ ପଡୁନାହିଁ । ରୋଷେଇ କରିବା ସହ ସେ ଧାରାବାହିକର ଆନନ୍ଦ ବି ସେଇ ରୋଷେଇଘରେ ନେଇପାରୁଛି । ଇଣ୍ଟରନେଟ ମାଧ୍ୟମରେ ମୋବାଇଲରେ ଜଣେ ଯେଉଁ ବିଷୟରେ ଚାହୁଁଛି ସେଇ ବିଷୟରେ ତଥ୍ୟ, ଚିତ୍ର ଓ ଭିଡିଓ ଦେଖି, ଶୁଣି ଓ ପଢି ପାରୁଛି । ଖାଲି ଦେଖିବା ପଢିବା ଶୁଣିବା ନୁହେଁ ନିଜର ପାରଦର୍ଶିତା ଥାଉ ବା ନଥାଉ ସେ ମଧ ସମ୍ପୃକ୍ତ ବିଷୟରେ ନିଜର ମତମତାକୁ ସେୟାର କରିପାରୁଛି । ତେଣୁ ମୋବାଇଲର ଆଦର ଏତେ ବଢି ଯାଇଛି ଯେ ଏହା ଏକ ନିଶା ପରି ପ୍ରାୟ ସମସ୍ତଙ୍କୁ ଗ୍ରାସ କରିବାକୁ ବସିଛି । ସବୁଠୁ ବଡକଥା ହେଲା ଟାଇମପାସ । ଆମକୁ ଯେତେବେଳେ ବି ଟିକିଏ ଖାଲି ସମୟ ମିଳୁଛି ଆମ ଛୋଟ ଛୋଟ ଭିଡିଓ ଇତ୍ୟାଦି ଦେଖିବା ଆରମ୍ଭ କରିଦେଉଛି । ବହିପରି ତାକୁ ସମ୍ପୂର୍ଣ ପଢିବା ଆବଶ୍ୟକ ପଡୁନାହିଁ ।

କେବଳ ଯୋଗାଯୋଗର ମାଧମ ପାଇଁ ତିଆରି ହୋଇଥିବା ମୋବାଇଲ୍ ବର୍ତମାନ ବିଶ୍ୱର ସବୁ ବ୍ୟବହାରକୁ ନିଜ କବଳକୁ ନେଇଯିବାକୁ ବସିଲାଣି । ସୋସିଆଲ ନେଟଓ୍ୱାର୍କ, ଚଳଚ୍ଚିତ୍ର, ଖେଳ, ମନୋରଂଜନ ,ବ୍ୟାଙ୍କିଙ୍ଗ ଇତ୍ୟାଦି ସବୁ ବିଷୟ ଆଜି ମୋବାଇଲରେ ଉପଲବ୍ଧ ।

### ବିପଦ:

ଅନାବଶ୍ୟକ ଭାବେ ସରଫିଙ୍ଗ କରିବା ଦ୍ୱାରା ସମୟର ଅପଚୟ ସହ ବେଳେବେଳେ ବିପଦପୂର୍ଣ ସାଇଟ ଦ୍ୱାରା ଭାଇରସ ଯୋଗୁଁ ଆର୍ଥିକ ଠକେଇରେ ପଡିବାର ସମ୍ଭାବନା ଥାଏ । ସାମାଜିକ ଗଣମାଧମରେ ଅଜଣା ଲୋକଙ୍କ ସହ ବନ୍ଧୁତା କରିବା ଯେତିକି ମଜାଦାର ସେତିକି ବିପଦପୂର୍ଣ ମଧ । ନଜାଣି ନଶୁଣି ଆମେ ଲୋକଙ୍କ ଫାସରେ ପଡ଼ିଥାଉ ଏବଂ ଅଜାଣତରେ ବିପଦକୁ ଠେଲି ହେଇଯାଉ । ରାସ୍ତାରେ ଚାଲୁଥିବା ସମୟରେ ଇୟରଫୋନ୍ ବ୍ୟବହାର ଯୋଗୁଁ ଆମକୁ ଯିବାଆସିବା କରୁଥିବା ଗାଡି ଶବ୍ଦ ଶୁଣିବାରେ ଅସୁବିଧା ହୋଇଥାଏ ଏବଂ ଦୁର୍ଘଟଣା ଘଟିବାର ସମ୍ଭାବନା ବହୁତ ବଢିଯାଇଥାଏ । ସେହିପରି ଅଫିସରେକାମ କରିବା ସମୟରେ ଇୟରଫୋନ୍ ବ୍ୟବହାର କାମ କରିବାର କ୍ଷମତାକୁ ହ୍ରାସ କରିଥାଏ ବୋଲି ଅନୁସନ୍ଧାନରୁ ଜଣାପଡିଛି । ଆଜିକାଲି ପ୍ରାୟ ପିତାମାତା ମାନଙ୍କର ଅଭିଯୋଗ ଯେ ପିଲାମାନେ ମୋବାଇଲ ଯୋଗୁଁ ଠିକରେ ଉତ୍ତର ଦେଉନାହାନ୍ତି । ଆମକୁ ଏହାପରି ଅନେକ ସମସ୍ୟା ମୋବାଇଲ ଯୋଗୁ ସାମନା କରିବାକୁ ପଡୁଛି ।

### କେମିତି ମୁକ୍ତି ପାଇବେ:

ଏହାର ଉପଯୋଗ ବୁଝି ଏହାର ସଂତୁଳନ ରକ୍ଷା କରି ବ୍ୟବହାର କରିବା ପାଇଁ ଚେଷ୍ଟା କରିବା । ଏଥିରୁ ମୁକ୍ତି ପାଇବାକୁ ହେଲେ ପ୍ରଥମେ ନିଜକୁ ହିଁ ଚେଷ୍ଟା କରିବାକୁ ପଡ଼ିବ । ହଜେଇଦେଇଥିବା ପୁରୁଣା ରୁଚି ସବୁକୁ ଫେରେଇ ଆଣିବାକୁ ପଡ଼ିବ । ଯେପରି ଚିତ୍ର କରିବା , ବହି ପଢିବା ଉଦ୍ୟାନ କାମ କରିବା । ଏବଂ ସବୁଠୁ ବଡକଥା ହେଲା ନିଜ ପରିବାର ସହିତ ସମୟ ଦେଲାବେଳେ ମୋବାଇଲଠୁ ସମ୍ପୂର୍ଣ ଦୂରେଇ ରହିବ ।

# କୋଲେଷ୍ଟରଲ କମାଏ ନାଲିଲଙ୍କା



ଦୀର୍ଘାୟୁ ହେବାକୁ ଚାହୁଁଛନ୍ତି ? ତେବେ ନାଲି ଲଙ୍କା ଖାଆନ୍ତୁ। ଏଥିରେ ଥିବା କୋଲେଷ୍ଟରଲ ହ୍ରାସକାରୀ ଉପାଦାନ ଆପଣଙ୍କ ପାଇଁ ଲାଭଦାୟକ ହୋଇପାରେ ବୋଲି ଗବେଷକମାନେ କହିଛନ୍ତି। ନାଲି ଲଙ୍କା ସମୁଦାୟ ମୃତ୍ୟୁହାର-ମୁଖ୍ୟତଃ ହୃଦରୋଗ କିମ୍ବା ଷ୍ଟ୍ରୋକ ମୃତ୍ୟୁହାରରେ ୧୩ ପ୍ରତିଶତ ହ୍ରାସ କରିପାରେ। ଦୈନିକ ନାଲିଲଙ୍କା ଖାଉଥିବା ବ୍ୟକ୍ତିଙ୍କ ଠାରେ କୋଲେଷ୍ଟେରୋଲ ହ୍ରାସ ପାଇଥିବା ଅଧ୍ୟୟନରୁ ଜଣାପଡ଼ିଥିଲା। ନାଲି ଲଙ୍କାରେ ମୃତ୍ୟୁହାର ଧୀର ହୋଇପାରିବ, ଏହାର ନିର୍ଣ୍ଣାୟକ ସ୍ତରରେ ଗବେଷକମାନେ ପହଂଚିନଥିଲେ ମଧ୍ୟ ସେଥିରେ ଥିବା ମୁଖ୍ୟ ଉପାଦାନ କ୍ୟାପସାଇସିନ କୋଲେଷ୍ଟେରୋଲ ହ୍ରାସରେ ପ୍ରଭାବଶାଳୀ ବୋଲି ଆମେରିକାର ଭରମୋଣ୍ଟ ୟୁନିଭର୍ସିଟିର ମୁସ୍ତାଫା ଚୋପାନ କହିଛନ୍ତି। ଅଧ୍ୟୟନ ଲାଗି ଦୀର୍ଘ ୨୩ବର୍ଷଧରି ୧୬ ହଜାରରୁ ଅଧିକ ଆମେରିକୀୟଙ୍କୁ ପରୀକ୍ଷା କରାଯାଇଥିଲା। ତେବେ ଚିକିତ୍ସା କ୍ଷେତ୍ରରେ ଲଙ୍କା ଜାତୀୟ ଉତ୍ପାଦକୁ ଏପର୍ଯ୍ୟନ୍ତ ଲାଭକାରୀ ବୋଲି ମନେ କରାଯାଇନାହିଁ। ନାଲି ଲଙ୍କା ଖାଇ ନଥିବା ବ୍ୟକ୍ତିଙ୍କ ତୁଳନାରେ ନାଲି ଲଙ୍କା ଖାଇଥିବା ବ୍ୟକ୍ତିଙ୍କ ଠାରେ କୋଲେଷ୍ଟେରୋଲ ସ୍ତର ହ୍ରାସ ପାଇଥିଲା। ପ୍ଲସ ଓ୍ୱାନ ଜର୍ଣ୍ଣାଲରେ ଅଧ୍ୟୟନ ପ୍ରକାଶ ପାଇଛି।



## ହୀରାକୁଦ ଜଳଭଣ୍ଡାରରୁ ୧୪ ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି

ସମ୍ବଲପୁର, ୨୬/୦୯ (ନି.ପ୍ର): ଆଜି ମଧ୍ୟାହ୍ନ ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ୧୦ଟି ସ୍ଲୁଇସ୍ ଗେଟ୍ ବନ୍ଦ କରାଯାଇଛି। ଫଳରେ ଏବେ ମୋଟ୍ ୧୪ଟି ସ୍ଲୁଇସ୍ ଗେଟ୍ ଦେଇ ମହାନଦୀକୁ ବନ୍ୟାଜଳ ନିଷ୍କାସନ ଜାରୀ ରହିଛି । ବନ୍ଧର ବାମ ପାର୍ଶ୍ୱ ଡାଇକ୍ ର ୮ଟି ଏବଂ ଡାହାଣ ପାର୍ଶ୍ୱ ଡାଇକ୍ ର ୬ଟି ସ୍ଲୁଇସ୍ ଗେଟ୍ ଖୋଲା ରହିଛି। ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୩ ଲକ୍ଷ ୪୭ ହଜାର ୧୪୨ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ୧୪ଟି ସ୍ଲୁଇସ୍ ଗେଟ୍, ବିଭିନ୍ନ ପାୱାର ଚାନେଲ ଓ ସ୍ପିଲୱେ ଦେଇ ପ୍ରତି ସେକେଣ୍ଡରେ ୨ ଲକ୍ଷ ୬୪ ହଜାର ୫୫୧ ଘନଫୁଟ୍ ରୁ ଉର୍ଦ୍ଧ୍ୱ ଜଳ ମହାନଦୀକୁ ଛଡାଯାଉଛି । ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୨୮.୫୪ ଫୁଟ୍ ରହିଛି। ଜଳଭଣ୍ଡାରର ଜଳ ପତନ ଉପରେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଓ ବିଶେଷଜ୍ଞ ମାନେ ତୀକ୍ଷ୍ମ ଦୃଷ୍ଟି ରଖିଛନ୍ତି ।

## ମାତିଛନ୍ତି ଏରଗୁଲା ଗ୍ୟାଙ୍ଗ୍: ଟାର୍ଗେଟରେ ବ୍ୟାଙ୍କ ଫେରନ୍ତା, ଟେର୍ ପାଉନି ପୁଲିସ୍



ଜୟପୁର, ୨୬/୦୯ (ନି.ପ୍ର): ବ୍ୟାଙ୍କରୁ ଟଙ୍କା ଉଠାଉଛନ୍ତି କି ? ତେବେ ସାବଧାନ। ପିଛା କରୁଛି ଏରଗୁଲା ଗ୍ୟାଙ୍ଗ୍। ଲୁଟ୍ ପରେ ଟଙ୍କା ନେଇ ଆଖି ପିଛୁଳାକେ ଗାଏବ ହୋଇ ଯାଉଛନ୍ତି। ଜୟପୁର ଗୁପ୍ତଦାସ କଲୋନିରୁ ଗତ ୧୫ତାରିଖରେ ଡିକି ଭାଙ୍ଗି ୩ଲକ୍ଷ ଲୁଟିଛନ୍ତି। ସିସି କ୍ୟାମେରା ଫୁଟେଜ୍‌ରେ ଗ୍ୟାଙ୍ଗ୍ ସଦସ୍ୟ ଚିହ୍ନଟ ହୋଇଥିଲେ ମଧ୍ୟ ପୁଲିସ୍ ଏଯାବତ୍ କୌଣସି ଥଳକୂଳ ପାଉନି।

ଗୁପ୍ତଦାସ କଲୋନିର ଜୋହରାଜ ପଟ୍ଟନାୟକ ଗତ ୧୫ତାରିଖରେ ଜୟପୁର ଷ୍ଟେଟ ବ୍ୟାଙ୍କ ବଜାର ଶାଖାରୁ ୩ଲକ୍ଷ ଟଙ୍କା ଉଠାଇଥିଲେ। ସ୍କୁଟି ଡିକିରେ ଟଙ୍କା ରଖି ଶାଳୀଙ୍କ ସହ ଫେରିଥିଲେ। ଶାଳୀଙ୍କୁ ଅଫିସରେ ଛାଡ଼ିବା ପରେ ଜୋହରାଜ ଘରକୁ ଫେରିଥିଲେ। ଗୁରୁତ୍ୱପୂର୍ଣ୍ଣ କାମରେ ପୁଣି ବାହାରକୁ ଯିବାକୁ ଥିବାରୁ ଡିକିରୁ ଟଙ୍କା ବାହାର ନ କରି ଘରକୁ ଯାଇ ୩ ମିନିଟ୍ ମଧ୍ୟରେ ବାହାରକୁ ଆସିଥିଲେ। ବାହାରକୁ ଆସିବା ପରେ ସ୍କୁଟି ଡିକି ଭଙ୍ଗା ଯାଇଥିବା ଦେଖି ବିଚଳିତ ହୋଇଯାଇଥିଲେ। ଡିକି ଖୋଲିବା ପରେ ଟଙ୍କା ନଥିବା ଦେଖି ବ୍ୟସ୍ତବିବ୍ରତ ହୋଇ ଜୟପୁର ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ୍ ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଲୁଟେରାଙ୍କ ଟେର ପାଇନି। ସିସିଟିଭି ଫୁଟେଜ୍ ଯାଞ୍ଚ ପରେ ଜୋହରାଜଙ୍କ ସ୍କୁଟି ପଛରେ ୩ଟି ବାଇକ୍ ପିଛା କରୁଥିବା ପୁଲିସ୍ ଅନୁମାନ କରିଛି।

ଜୟପୁର ମେନ୍ ରୋଡ୍, ଷ୍ଟେଟ୍ ବ୍ୟାଙ୍କ ବଜାର ଶାଖା ସମ୍ମୁଖ, ବାଣିଜ୍ୟ କର ଅଫିସ୍ ଛକ, ପାୱାର୍ ହାଉସ୍ ଛକରୁ ସଂଗ୍ରହ ହୋଇଥିବା ସମସ୍ତ ଫୁଟେଜ୍‌ରେ କଳା ରଙ୍ଗର ୩ଟି ୟୁନିକର୍ଣ୍ଣ ବାଇକ ଜୋହରାଜଙ୍କ ପିଛା କରୁଥିବା ସ୍ପଷ୍ଟ ହୋଇଛି। ୩ଟି ବାଇକରେ ଥିବା ୬ ଗ୍ୟାଙ୍ଗ୍ ସଦସ୍ୟ ଏରଗୁଲା ଗ୍ୟାଙ୍ଗର। ଜୋହରାଜ ସ୍କୁଟି ରଖି ଘର ଭିତରକୁ ଯିବା ପରେ ଗୋଟିଏ ବାଇକରେ ଥିବା ଏରଗୁଲା ଗ୍ୟାଙ୍ଗର ସଦସ୍ୟ ଡିକି ଭାଙ୍ଗୁଥିବା ବେଳେ ଅନ୍ୟ ଦୁଇ ବାଇକରେ ଥିବା ୪ ସଦସ୍ୟ ଲୋକଙ୍କ ଉପରେ ନଜର ରଖିଥିଲେ। ଟଙ୍କା ମିଳିବା ପରେ ୩ଟି ବାଇକରେ ସମସ୍ତେ ଫେରାର୍ ହୋଇ ଯାଉଥିବା କ୍ୟାମେରାରେ ରେକର୍ଡ ହୋଇଛି। ଫୁଟେଜ୍ ଆଧାରରେ ଜୟପୁର ପୁଲିସ୍ ଲୁଟେରା ଗ୍ୟାଙ୍ଗକୁ ଧରିବା ପାଇଁ ଭୁବନେଶ୍ୱର କମିସନରେଟ୍ ପୁଲିସ୍ ସହ ବିଭିନ୍ନ ଜିଲ୍ଲା ପୁଲିସର ସହାୟତା ଲୋଡିଛି।

ପୂର୍ବରୁ ଏହି ଗ୍ୟାଙ୍ଗ୍ ରାୟଗଡ଼ା ସମେତ ବ୍ରହ୍ମପୁର, ଭୁବନେଶ୍ୱରରେ ସକ୍ରିୟ ଥିଲେ। ୬ମାସ ତଳେ କମିସନରେଟ୍ ପୁଲିସ୍ ଏରଗୁଲା ଗ୍ୟାଙ୍ଗର ୮ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୨୦୧୯ରେ ଏରଗୁଲା ଗ୍ୟାଙ୍ଗ୍ ସଦସ୍ୟ ରାୟଗଡ଼ା ଆନ୍ଧ୍ର ବ୍ୟାଙ୍କ ସମ୍ମୁଖରୁ ସ୍ୱଂୟ ସହାୟକ ଗୋଷ୍ଠୀ ସଦସ୍ୟଙ୍କ ନିକଟରୁ ୨ଲକ୍ଷ ଟଙ୍କା ଝାମ୍ପି ନେଇଥିଲେ। ରାୟଗଡ଼ା ପୁଲିସ୍ ଆନ୍ଧ୍ରର ବିଭିନ୍ନ ସ୍ଥାନରେ ଚଢ଼ଉ କରି ଏହି ଗ୍ୟାଙ୍ଗ ସଦସ୍ୟଙ୍କୁ ଗିରଫ କରିବା ସହ ଲୁଟ୍ ଟଙ୍କା ଉଦ୍ଧାର କରିଥିଲା। ଏବେ ଏରଗୁଲା ଗ୍ୟାଙ୍ଗ୍ ସଦସ୍ୟ କୋରାପୁଟ, ଜୟପୁର ମୁହାଁ ହୋଇଛନ୍ତି। ଗ୍ୟାଙ୍ଗ୍ ସଦସ୍ୟଙ୍କ ଘର ଆନ୍ଧ୍ରପ୍ରଦେଶରେ ହୋଇଥିବା ବେଳେ ଓଡ଼ିଶାରେ ପଶି ଲୁଟ୍ କରୁଛନ୍ତି। ଗ୍ୟାଙ୍ଗର ନେଟୱର୍କ ଆନ୍ଧ୍ର-ଓଡ଼ିଶା ସମେତ ଅନ୍ୟ ରାଜ୍ୟକୁ ମଧ୍ୟ ଲମ୍ବିଥିବା ପୁଲିସ୍ ତଦନ୍ତରୁ ଜଣାପଡିଛି।

## ବିଧାନସଭାସ୍ତରୀୟ ଫୁଟବଲ ମହାକୁମ୍ଭ ମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ

ନୂଆପଡ଼ା, ୨୬/୦୯ (ନି.ପ୍ର): ଖଡ଼ିଆଳ ସହର ସ୍ଥିତ ରାଜା ଆର୍ତତ୍ରାଣ ହାଇସ୍କୁଲ୍ ପଡ଼ିଆରେ ଆରମ୍ଭ ହୋଇଛି ବିଧାନ ସଭାସ୍ତରୀୟ ଫୁଟବଲ ମହାକୁଂଭ। ଖଡ଼ିଆଳ ବିଧାନସଭା ଅନ୍ତର୍ଗତ ଖଡ଼ିଆଳ, ବୋଡ଼େନ ଓ ସିନାପାଲି ବ୍ଲକର ପ୍ରତି ଗ୍ରାମ ପଂଚାୟତ ଓ ଖଡ଼ିଆଳ ଏନ୍ଏସି ର ୭୦ଟି ଫୁଟବଲ ଦଳ ଏଥିରେ ଅଂଶଗ୍ରହଣ କରୁଛନ୍ତି। ଏନେଇ ଆଜି ଏକ ବିରାଟ ଶୋଭାଯାତ୍ରା ବାହାରିଥିଲା। ମାଆ ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରି ଆୟୋଜକ କମିଟିର ସଦସ୍ୟ, ସତୁରୀଟି ଦଳର ଖେଳାଳି, ସମସ୍ତ ପଂଚାୟତ ପ୍ରତିନିଧିଙ୍କ ସମେତ ଚାରିଟି ରାମକାଠି ଦଳ, ଛଅଟି ଘୁମୁରା ଦଳ ଓ ଗୋଟିଏ ଦୂଲଦୁଲି ବାଜା ଶୋଭାଯାତ୍ରାରେ ଅଂଶଗ୍ରହଣ କରି ସହର ପରିକ୍ରମା କରିଥିଲା ଓ ଖେଳ ପଡ଼ିଆରେ ପହଂଚିଥିଲା। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆ, ନୂଆପଡା ସ୍ପୋର୍ଟ ଏସୋସିଏସନ ଜିଲ୍ଲା ସଭାପତି ସରୋଜ ସାହୁ(ଭୈରବ) ଯୋଗଦାନ କରି ଓଡିଶା କାହିଁକି ସାରାଭାରତ ବର୍ଷରେ ଏପରି ଏକ ବିଶାଳ ଟୁର୍ଣ୍ଣାମେଂଟ ଆୟୋଜନ ସେ ପ୍ରଥମ ଥର ଦେଖୁଥିବା ପ୍ରକାଶ କରିବା ସହ ଏହାଦ୍ୱାରା ଗ୍ରାମାଂଚଳ ଫୁଟବଲର ବିକାଶ କରିବ ବୋଲି କହିଥିଲେ। ଖଡ଼ିଆଳ ବିଧାୟକ ତଥା ଟୁର୍ଣ୍ଣାମେଂଟର ମୁଖ୍ୟ ଆୟୋଜକ ଅଧିରାଜ ପାଣିଗ୍ରାହୀ ଆମ ଅଂଚଳରେ ପୁଣିଥରେ ଫୁଟବଲ ଖେଳ ଲୋକପ୍ରିୟତା ହାସଲ କରି ପାରିବ ବୋଲି ମତ ଦେଇଥିଲେ। ଆୟୋଜକ କମିଟିର ସାୟୋଜକ ଜିତେନ୍ଦ୍ର ନାଥ ପଟ୍ଟନାୟକ ମଂଚ ପରିଚାଳନା କରିଥିବା ବେଳେ ଖଡ଼ିଆଳ କ୍ରିକେଟ ଏସୋସିଏସନର ସମ୍ପାଦକ ଛବି ସାଗର ,ସନ୍ତୋଷ କୁମାର ପଟ୍ଟନାୟକ ସମେତ ସମସ୍ତ କେସିଏସଏ ସଦସ୍ୟ ମାନେ ସହଯୋଗ କରୁଛନ୍ତି । ପରେ ସମ୍ବଲପୁରୀ ଗାୟିକା ଅର୍ଚ୍ଚନା ପାଢୀଙ୍କ ଆର୍କେଷ୍ଟ୍ରା ସହ ଲିଟିଲ୍ ଷ୍ଟାର ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାପରେ ଫ୍ଲଡ ଲାଇଟ୍ରେ ଗୋଡ଼ାଲ ଦଳ ଓ ଖଇରା ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏହି ଟୁର୍ଣ୍ଣାମେଂଟ ଅକ୍ଟୋବର ବାର ତାରିଖରେ ସରିବ। ଚମ୍ପିୟାନ ଦଳ ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ନଗଦ ଅର୍ଥ ରାଶି ପ୍ରଦାନ କରାଯିବ ।

## ଫୁଲବାଣୀ ସ୍ୱେଚ୍ଛାସେବୀ ମହାସଂଘର ସଦସ୍ୟ ଓ ସଦସ୍ୟାଙ୍କ ଯୋଜନା ଓ ସମନ୍ୱୟ ବୈଠକ

କନ୍ଧମାଳ, ୨୬/୦୯ (ନି.ପ୍ର): ଫୁଲବାଣୀ ସ୍ୱେଚ୍ଛାସେବୀ ମହାସଂଘର ସମସ୍ତ ସଭ୍ୟ ଅନୁଷ୍ଠାନର ସାଧାରଣ ବୈଠକ ଶାନ୍ତି ମୈତ୍ରୀ, ବାଲିଗୁଡା ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ବୈଠକରେ ମହାସଂଘ (ପି.ଏ.ଜି.)ର ଅଧକ୍ଷ ରାମ ଚନ୍ଦ୍ର ଦାସ ପୌରହିତ କରିଥିବା ବେଳେ ଅନ୍ୟ ସଦସ୍ୟ ଅନୁଷ୍ଠାନ ମାନଙ୍କର ମୂଖ୍ୟ ଅଧିକାରୀ ଯଥା ନୀପିଡିତ,ଜାଗୃତି; ବନବାସୀ ସେବା ସମିତୀ; ଶାନ୍ତି ମୈତ୍ରୀ, ସ୍ୱାତୀ; ସମନ୍ୱୟ, ଏ.ସି,ଏମ, ହାଇ ହୋପ ସୋସାଇଟି; ଫାରେଲ; ଆଜକା; ଲଭ ଇଣ୍ଡିଆ; ପ୍ରଦାତା; ନିୟୁ ଭିଜନ ଇଣ୍ଡିଆ, ସେବା, ଆମ ଗାଁ, ସାଲୁଙ୍କି, କଳିଙ୍ଗ ସେବା ସଦନ, ସାହାରା, ସେବା ଜାଗତ ଓ କେ.ଜି.ଏସ.ଭି.ଏସ ଉପସ୍ଥିତ ରହି ପି.ଏ.ଜି ର ବିଭିନ୍ନ କାର୍ଯ୍ୟପ୍ରଣାଳି ବିଷୟରେ ଆଲୋଚନା କରିଥିଲେ । ସଭାର ପ୍ରାରମ୍ଭରେ ଶାନ୍ତି ମୈତ୍ରୀ ର ଅଧକ୍ଷ ଭଗବାନ ଜେନା ସମସ୍ତ ସଦସ୍ୟ ଙ୍କୁ ସ୍ୱାଗତ କରିଥିଲେ । ଏଥିରେ ଜିଲ୍ଲା ପ୍ରଶାସନ କିପରି ସାମାଜିକ ଅନୁଷ୍ଠାନ ମାନଙ୍କ ସହିତ ସଂଯୋଜନା କରି ଜିଲ୍ଲାରେ ଗତ ୨୦୧୬ ମସିହାରୁ ବନ୍ଦ ହୋଇଥିବା ଜିଲ୍ଲା ପ୍ରଶାସନ ଓ ସ୍ୱେଚ୍ଛାସେବୀ ସମନ୍ୱୟ ବୈଠକକୁ ପୁର୍ନରବାର କରି ବିକାଶ କାର୍ଯ୍ୟକ୍ରମ କୁ ତୃଣମୂଳ ସ୍ତରରେ ସୁଦୃଢ କରିବା ବିଷୟ ରେ ବିସ୍ତୃତ ଆଲୋଚନା କରାଯାଇଥିଲା । ସାମାଜିକ ଅନୁଷ୍ଠାନ ର ବିକାଶ ମୂଳକ କାର୍ଯ୍ୟକ୍ରମ ଗୁଡିକୁ ଜିଲ୍ଲା ଓ ବ୍ଲକ ପ୍ରଶାସନ କୁ ଅବଗତ କରିବା ସହିତ ଲୋକ ମାନଙ୍କ ସମସ୍ୟା କୁ ଗୁରୁତ୍ୱ ସହିତ ପ୍ରତିପାଦନ କରିବା ପାଇଁ ସମସ୍ତେ ପ୍ରୟାସ ରଖିବେ ବୋଲି ମତ ରଖିଥିଲେ । ସଭ୍ୟ ଅନୁଷ୍ଠାନ ପଂଚାୟତ , ବ୍ଲକ ଓ ଜିଲ୍ଲା ରେ ପ୍ରଶାସନର କାର୍ଯ୍ୟକ୍ରମକୁ ସଫଳ ରୁପାୟନ ପାଇଁ ବିଭିନ୍ନ ସଭା ସମିତି ରେ ଆଲୋଚନା ଜାରି ରଖିବା ପାଇଁ ପି.ଏ.ଜି ର ଆବାହକ ଇଂ ହରିଶଙ୍କର ରାଉତ କହିଥିଲେ । ଲିଙ୍ଗରାଜ ପ୍ରଧାନ, ଷଷ୍ଠି ପ୍ରସାଦ ମିଶ୍ର, କିଶୋର ବଳିଆର ସିଂ, ଚନ୍ଦ୍ରକାନ୍ତ ନାୟକ, ବରଦା ପ୍ରସନ୍ନ ନାୟକ, ଡା ଦିପକ ରଞ୍ଜନ ସ୍ୱାଇଁ, ଅଶୋକ ପ୍ରଧାନ, ଅମିତ କୁମାର ନାୟକ, ସୁକାନ୍ତ ନାୟକ, ବିମଳ କିଶୋର ପରିଛା, ରବିନ୍ଦ୍ର କୁମାର ପଣ୍ଡା ଅନୁଷ୍ଠାନ ର ବିଭିନ୍ନ କାର୍ଯ୍ୟଖସଡା ଦିଗରେ ମତ ରଖିଥିଲେ । କାର୍ଯ୍ୟକ୍ରମ ଶେଷରେ କୈଳାସ ଚନ୍ଦ୍ର ଦଣ୍ଡପାଟ ଧନ୍ୟବାଦ ଅର୍ପଣ କରିଥିଲେ । ଦିର୍ଘ ୩୬ ବର୍ଷ ଫୁଲବାଣୀ ସ୍ୱେଚ୍ଛାସେବୀ ମହାସଂଘ ର କାର୍ଯ୍ୟଶୈଳିକୁ ଓଡିଶା ର ଅନ୍ୟ ଜିଲ୍ଲା ମାନେ ଆଦର୍ଶ ଭାବେ ଗ୍ରହଣ କରିବା ଆମ ସମସ୍ତ ଙ୍କ ପାଇଁ ଗର୍ବ ଓ ଗୌରବ । ଏହି ଗାରିମା ଆମେ ସମସ୍ତ ସଭ୍ୟ ଅନୁଷ୍ଠାନ ଅଖୁଣ୍ଡ ରଖିବା ପାଇଁ ସଂକଳ୍ପ ନେଇଥିଲେ । ସଭାର ଆଭିମୁଖ୍ୟ ସଫଳତା ସହିତ ସଂଚାଳନ ହୋଇଥିବାରୁ ସମସ୍ତେ ଖୁସି ବ୍ୟକ୍ତ କରିଥିଲେ ।

## ବଲାଙ୍ଗୀରରେ ବିଶାଳ ଆଦିବାସୀ ସାଂସ୍କୃତିକ ଶୋଭାଯାତ୍ରା, କଲ୍ୟାଣ ମଣ୍ଡପରେ ନୂଆଁଖାଇ ଜୁହାର ଭେଟ

ବଲାଙ୍ଗୀର, ୨୬/୦୯ (ନି.ପ୍ର): ଜ଼ିଲ୍ଲା ଆଦିବାସୀ କଲ୍ୟାଣ ସଂଘ ତରଫରୁ ବଲାଙ୍ଗୀର ସହର ରେ ବିରାଟ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ହଜାର ହଜାର ସଂଖ୍ୟାରେ ଆଦିବାସୀ ମାନେ ସମଲେଇ ମନ୍ଦିର ରେ ପୂଜାର୍ଚନା କରିଥିଲେ। ଆଦିବାସୀ ମାନେ ପାରମ୍ପରିକ ବେଶଭୁଷା ସହିତ ନୃତ୍ୟ, ଗୀତ, ବାଦ୍ୟ, ସଙ୍ଗୀତର ତାଳେ ତାଳେ ନାଚି ନାଚି ଶୋଭାଯାତ୍ରା ରେ ସହର ପରିକ୍ରମା କରିଥିଲେ। ଶୋଭାଯାତ୍ରା ଅବସରରେ ଆଦିବାସୀମାନଙ୍କ ସମସ୍ୟା ସମ୍ବଳିତ ଦଶ ଦଫା ଦାବୀ ପତ୍ର ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କ ଉଦ୍ଧେଶ୍ୟରେ ବଲାଙ୍ଗୀର ଜ଼ିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରିଥିଲେ। ଜ଼ିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜ଼ିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ। ଦାବୀଗୁଡିକ ମଧ୍ୟରେ ଗୋଣ୍ଡି, କୁଇ, ହୋ, ମୁଣ୍ଡାରୀ, ଭୂମିଜ, ଆଦିବାସୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ କରିବା, ଆଦିବାସୀ ଗାଁ, ବସ୍ତି, ପଡ଼ା ମାନଙ୍କରେ ନେଟୱାର୍କ ସଂଯୋଗ କରିବା, ଆଦିବାସୀ ଛାତ୍ରଛାତ୍ରୀ ମାନଙ୍କୁ ଉଚ୍ଚଶିକ୍ଷା ପାଇଁ ପ୍ରତି ବ୍ଲକ ରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା କରିବା, ଆଦିବାସୀ ଅଧ୍ୟୁଷିତ ପଶ୍ଚିମ ଓଡିଶା ର କେନ୍ଦୁପତ୍ର ତୋଳାଳୀ ବନ୍ଧାଳୀ ମାନଙ୍କ ଆର୍ଥିକ ବିକାଶ ପାଇଁ କେନ୍ଦୁପତ୍ରରୁ ୧୮ ପ୍ରତିଶତ ଜିଏସଟି ପ୍ରତ୍ୟାହାର କରି ଉକ୍ତ ଟଙ୍କା କେନ୍ଦୁପତ୍ର ଶ୍ରମିକ ମାନଙ୍କୁ ପ୍ରଦାନ କରିବା, ଉଚ୍ଚତମ ନ୍ୟାୟାଳୟ ଙ୍କ ଆଦେଶ ଅନୁସାରେ ସମୟସିମା ମଧ୍ୟରେ ନକଲି ଆଦିବାସୀ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ମାଳି, ରଣା ଓବିସୀ ଜାତିକୁ ଆଦିବାସୀ ତାଲିକାରେ ଅନ୍ତର୍ଭୁକ୍ତ ନ କରିବା, ଆଦିବାସୀ ମାନଙ୍କ ଭୁସମ୍ପତି କୁ ଅଣ ଆଦିବାସୀ ମାନଙ୍କୁ ହସ୍ତାନ୍ତର ନକରିବା ଏବଂ ଅଣ-ଆଦିବାସୀ ମାନେ ବେଆଇନ ଖର୍ଦି ସୂତ୍ରେ ଦଖଲ କରୁଥିବା ଜମି କୁ ଆଦିବାସୀ ମାନଙ୍କୁ ଫେରସ୍ତ କରିବା, ଆଦିବାସୀ ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ଜଙ୍ଗଲ ଜମି ଅଧିକାର ସ୍ୱୀକୃତି ଆଇନ ଅନୁସାରେ ଛାଡ଼ି ହୋଇଥିବା ଆଦିବାସୀ ହିତାଧିକାରୀଙ୍କୁ ଜଙ୍ଗଲ ଜମିର ପଟ୍ଟା ପ୍ରଦାନ କରିବା, ବଜାର ଦର ବୃଦ୍ଧିକୁ ଦୃଷ୍ଟିରେ ରଖି ଆଦିବାସୀ ଛାତ୍ରଛାତ୍ରୀ ଙ୍କ ଷ୍ଟାଇପେଣ୍ଡ ବୃଦ୍ଧି କରିବା, ପ୍ରଭୃତି ପରେ ଶୋଭାଯାତ୍ରା ରେ ଆଦିବାସୀମାନେ କଲେଜଛକ ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ନୂଆଁଖାଇ ଜୁହାର ଭେଟ କାର୍ଯ୍ୟକ୍ରମ ରେ ଆଦିମ ସଂସ୍କୃତି ନୃତ୍ୟ, ଗୀତ, ସଂଗୀତ ପରିବେଷଣ କରିଥିଲେ କ୍ଷ ନୂଆଁଖାଇ ଭେଟଘାଟ ଉପଲକ୍ଷେ ଜ଼ିଲ୍ଲା ଆଦିବାସୀ କଲ୍ୟାଣ ସଂଘର ଜ଼ିଲ୍ଲା ସଭାପତି ଶ୍ୟାମ ସୁନ୍ଦର ଭୋଇ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭା ରେ ମୁଖ୍ୟଅତିଥି ଭାବରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି,ବ୍ଲକ ସଭାପତି ବଳଦେବ ଭୋଇ, ନିମାଇଁ ଚରଣ ଝାଙ୍କର, ପକ୍ଷଲେଶ୍ୱର ଭୋଇ,ଭୁବନେଶ୍ୱର କୁଅଁର, ଦଶରଥ ଛତ୍ରିଆ, ଚନ୍ଦ୍ର ବରିହା, ରସିକ ଧରୁଆ, ସନ୍ତୋଷ ପୁଟା, ରାଜୀବ କୁଅଁର, ମନରଞ୍ଜନ ଭୋଇ, ସୁରଥ ଧରୁଆ, ଚୌବନ କିଶୋର ମାଝି,ପ୍ରଫୁଲ୍ଲ କୁମାର ତୁମୁନିଆଁ, ଅଚ୍ୟୁତ ଧରୁଆ, ପ୍ରମୁଖ ଉଦବୋଧନ ଦେଇଥିଲେ। ଆଦିବାସୀ ସଂସ୍କୃତି ସୁରକ୍ଷା ପାଇଁ ଚଳିତ ବର୍ଷ ଆଦିବାସୀ ମହୋତ୍ସବ ପାଳନ କରିବା, ଆଦିବାସୀ ଦେବକ୍ଷଦେବୀ ପୀଠ ର ନିର୍ମାଣ, ମରାମତି ଓ ସୌନ୍ଦର୍ଯ୍ୟକରଣ କରିବା, ଆଦିବାସୀ ସଂସ୍କୃତି ଭବନ ନିର୍ମାଣ, ଆଦିବାସୀ ଏକତା ସଦଭାବନା ବୃଦ୍ଧି ପାଇଁ ସଂଗଠନକୁ ମଜବୁତ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା।

## ଲୋକ କଳାକାରଙ୍କୁ ପ୍ରଦାନ କରାଗଲା ଅଣ ସଂଗଠିତ ଶ୍ରମିକ ପରିଚୟ ପତ୍ର

ମାଲକାନଗିରି, ୨୬/୦୯ (ନି.ପ୍ର): ଆଜି ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଠାରେ ବିଶିଷ୍ଟ କୋୟା ଲୋକ କଳାକାର, ଶ୍ରୀମତୀ ଶାନ୍ତି କବା ସୀଙ୍କୁ ଅଣ ସଙ୍ଗଠିତ ଶ୍ରମିକ ପରିଚୟ ପତ୍ର ପ୍ରଦାନ କରାଯାଇଛି। ସୂଚନା ଥାଉ କି, ଅଣ ସଂଗଠିତ ଶ୍ରମିକ ସୁରକ୍ଷା କଲ୍ୟାଣ ବୋର୍ଡରେ ନୂତନ ଭାବେ କଳାକାର ଏବଂ ତତ୍ ସମ୍ବନ୍ଧୀୟ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କୁ ପଞ୍ଜୀକରଣ କରିବାର ସୁବିଧା ପ୍ରଦାନ ପରେ ଆଜି ଜିଲ୍ଲାର ବିଶିଷ୍ଟ କୋୟା ଲୋକ କଳାକାର ଶ୍ରୀମତୀ କବାସୀ ନିଜକୁ ପଞ୍ଜୀକରଣ କରିବା ପାଇଁ ଦରଖାସ୍ତ ମାଧ୍ୟମରେ ଆବେଦନ କରିଥିଲେ ଏବଂ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଏଥିରେ ତତ୍ପରତା ପ୍ରଦର୍ଶନ କରି ତାଙ୍କର ଦରଖାସ୍ତକୁ ଅନୁମୋଦନ କରି ଅଣ ସଙ୍ଗଠିତ ଶ୍ରମିକ ପରିଚୟ ପତ୍ର ହସ୍ତାନ୍ତର କରିଥିଲେ। ଏହାଦ୍ୱାରା ସମସ୍ତ କଳାକାର ଏବଂ ଲୋକ ବାଦ୍ୟ ଓ ଲୋକ ନୃତ୍ୟରେ ସଂଶ୍ଳିଷ୍ଟ ବ୍ୟକ୍ତିମାନେ ଉତ୍ସାହିତ ହୋଇ ନିଜକୁ ପଞ୍ଜୀକରଣ କରିବା ପାଇଁ ଜିଲ୍ଲା ଶ୍ରମ ଅଧିକାରୀ ଶରତ ପାଣିଗ୍ରାହି ଅନୁରୋଧ କରିଛନ୍ତି। ସେ ଆହୁରି ମଧ୍ୟ ସୂଚନା ଦେଇଛନ୍ତି ଯେ ଏଥିରେ ମୃତ୍ୟୁକାଳୀନ ସହାୟତା ଦୁଇ ରୁ ଚାରି ଲକ୍ଷ ପର୍ଯ୍ୟନ୍ତ ପାଇବାର ବ୍ୟବସ୍ଥା ରହିଛି ଏବଂ ଆବଶ୍ୟକ ସ୍ଥଳେ କାର୍ଯ୍ୟ କ୍ଷମତା କ୍ଷତି ଅନୁପାତରେ ଅନୁକମ୍ପା ରାଶି ପାଇବାର ବ୍ୟବସ୍ଥା ରହିଛି। ଏଥିରେ ପଞ୍ଜୀକରଣ ନିମନ୍ତେ ୱେବସାଇଟରେ ଆବେଦନ କରିପାରିବେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ପ୍ରମିଳା ମାଝୀ ଓ ସହକାରୀ ଶ୍ରମ ଅଧିକାରୀ ପୂର୍ଣ୍ଣିମା ଡୁରୁକା ଉପସ୍ଥିତ ଥିଲେ।

## ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ ତରଫରୁ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ

ଭୁବନେଶ୍ୱର, ୨୬/୦୯ (ନି.ପ୍ର): ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ, ଓଡ଼ିଶା ଫାର୍ମାସୀ କଲେଜ ଆସୋସିଏସନ, ମାଇକ୍ରୋ ଲାବ ଆନୁକୂଲ୍ୟରେ ସୋମବାର ଦିନ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ୨୦୦ରୁ ଉର୍ଦ୍ଧ୍ୱ ଫାର୍ମାସିଷ୍ଟ ୟୁସିଡିଏ ଅଫିସ୍ ଅଟଳ ଭବନରୁ ଏକ ବିଶାଳ ପଦଯାତ୍ରାରେ ବାହାରି ରାମ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ସମାଜ ପ୍ରତି ଫାର୍ମାସିଷ୍ଟ ମାନଙ୍କ କର୍ତବ୍ୟ ପରାୟଣ ଓ ଅବଦାନକୁ ସର୍ବସମ୍ମୁଖରେ ଅବଗତ କରାଇବା ଏହି ପଦଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବୋଲି ୟୁସିଡ଼ିଏର ସଭାପତି ତଥା ଓପିସିଏର ଚେୟାରମ୍ୟାନ ପି. ସତ୍ୟନାରାୟଣ ବକ୍ତବ୍ୟ ରଖିଥିଲେ। ଏହି ପଦଯାତ୍ରାକୁ ଭେଷଜ ନିୟନ୍ତ୍ରକ ଓଡ଼ିଶା ଅଶୋକ କୁମାର ପାତ୍ର ଶୁଭାରମ୍ଭ କରି କହିଥିଲେ ଯେ, ଫାର୍ମାସିଷ୍ଟ ବିନା ଚିକିତ୍ସା ପ୍ରଣାଳୀ ପକ୍ଷପାତ ସଦୃଶ। ଔଷଧ ପ୍ରକ୍ରିୟାକରଣ ଠାରୁ ଆରମ୍ଭ କରି ବିତରଣ ପର୍ଯ୍ୟନ୍ତ ଫାର୍ମାସିଷ୍ଟ ମାନଙ୍କ ଅବଦାନ ଅତୁଳନୀୟ।

କାର୍ଯ୍ୟକ୍ରମରେ ୟୁସିଡ଼ିଏର ସାଧାରଣ ସମ୍ପାଦକ ପ୍ରଶାନ୍ତ ମହାପାତ୍ର ,ଓପିସିଏର ସମ୍ପାଦକ ଡ. ମନୋଜ କୁମାର ଦାସ, ମାଇକ୍ରୋ ଲାବର ଉପସଭାପତି ସନ୍ତୋଷ କୁମାର ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ପାଖାପାଖି ୨୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ଡ଼ାଇବେଟିସ, ଲିପିଡ଼ ପ୍ରୋଫାଇଲ, ଏଚ୍‌ବିଏୱାନସି ରକ୍ତ ପରୀକ୍ଷା କରାଯାଇଥିଲା।

## ସ୍ୱାସ୍ଥ୍ୟ ସଚେତନତା ଓ ଚିକିତ୍ସା ଶିବିର

ସମ୍ବଲପୁର, ୨୬/୦୯ (ନି.ପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ତେଲିତିଳେଇମାଲ ପଂଚାୟତର ଡନସେନାଡିହି ଠାରେ ଏକ ସ୍ୱାସ୍ଥ୍ୟ ସଚେତନତା ଓ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ନାବାର୍ଡର ଆଦିବାସୀ ଉନ୍ନୟନ ପାଣ୍ଠି ସହାୟତାରେ ସୋସିଆଲ ଏକ୍ସନ ଫର ରୁରାଲ କମ୍ୟୁନିଟି(ସାର୍କ) ପକ୍ଷରୁ ଏହି ସ୍ୱାସ୍ଥ୍ୟ ସଚେତନତା ଓ ଚିକିତ୍ସା ଶିବିର ଆୟୋଜନ କରାଯାଇଥିଲା। ସାର୍କ ସଂପାଦକ ଅଶୋକ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଚେତନତା ଶିବିରରେ ତାଲିମ ଦାତା ଭାବେ ଜୀବର୍ଦ୍ଧନ କ୍ଷେତୀ, ବିଭୁତି ପଟେଲ, ସିଏଚଓ ଶୀଳ୍ପା ଛଞ୍ଚାଣ, ଏଏନଏମ ବାସୁମତୀ ପ୍ରଧାନଙ୍କ ସହିତ ଡାକ୍ତର ରାଜାରାମ ଷଡଙ୍ଗୀ ଯୋଗ ଦେଇ ପ୍ରତ୍ୟେକ ବ୍ୟକ୍ତିର ଜୀବନ ଶୈଳୀ, ଖାଦ୍ୟ ପେୟ ସହ ସରକାରଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନା ସଂପର୍କରେ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ। ଏହାପରେ ଡା.ଷଡଙ୍ଗୀଙ୍କ ପରାମର୍ଶରେ ଆୟୋଜିତ ଚିକିତ୍ସା ଶିବିରରେ ୫୦ରୁ ଉର୍ଦ୍ଧ୍ୱ ରୋଗୀଙ୍କୁ ଚିକିତ୍ସା ପ୍ରଦାନ ପୂର୍ବକ ମାଗଣା ଔଷଧ ବଂଟନ କରାଯାଇଥିଲା।

## ଦୂର୍ଗାପୂଜା ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକା ପାଇଁ ଲେଖା ଆହ୍ୱାନ

ସମ୍ବଲପୁର, ୨୬/୦୯ (ନି.ପ୍ର): ଚଳିତ ବର୍ଷ ପଡିଆବାହାଲ ଦୂର୍ଗାପୂଜା ୫୦ ବର୍ଷରେ ପହଂଚିବା ସହ ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ଯାଉଛି । ଏହି ଅବସରରେ ୫୦ ବର୍ଷର ସ୍ମୃତି ଓ ସ୍ମାରକୀକୁ ନେଇ ଏକ ସୁଶୋଭିତ ସ୍ମରଣୀକା ପ୍ରକାଶ କରାଯିବାକୁ କମିଟି ନିଷ୍ପତ୍ତି ନେଇଛି। ଏଥିପାଇଁ ୫୦ ବର୍ଷ ଇତିହାସର ସ୍ମୃତି ଓ ସ୍ମାରକୀର ଲେଖା, ଫଟୋ ଓ ମାଁଦୂର୍ଗା ଦେବୀଙ୍କ ଉପରେ ଲେଖା ଆହ୍ୱାନ କରାଯାଉଛି । ଲେଖା ଗୁଡିକ ଯେ କୌଣସି ଭାଷାରେ ସ୍ୱଷ୍ଟ ଟାଇପ କରି କିମ୍ବା ଏ-ଫୋର ସାଇଜ ପେପରରେ ଅକ୍ଟୋବର୍ ୧୫ ତାରିଖ ସୁଦ୍ଧା ୯୪୩୭୪୦୫୪୫୫/ ୯୪୩୭୪୦୨୮୯୩ ହ୍ୱାର୍ଟସ୍ ଆପ୍ ଓ ରେ କିମ୍ବା ସଂପାଦକ, ଦୂର୍ଗାପୂଜା ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ସ୍ମରଣୀକା ପଡିଆବାହାଲ,ସମ୍ବଲପୁର ପିନ୍-୭୬୮୧୧୨ ଠିକଣାରେ ପଠାଇବାକୁ କମିଟି ପକ୍ଷରୁ ସୂଚୀତ କରାଯାଇଛି ।

## ବଲାଙ୍ଗୀର ଜିଲ୍ଲା ସିନିୟର ନକଆଉଟ ଫୁଟବଲ

### ରେଲୱେ ଏମ୍ଏସ୍, କୁଶମେଲ, ରେଙ୍ଗଟାସିଲ, ଚନ୍ଦ୍ରପୁର, ଘୁଚେପାଲି, ବଙ୍ଗୋମୁଣ୍ଡା, କୁତମୁଣ୍ଡା, ଦେଦର୍ହୋ,ଭାଟିପଡା, ତେନ୍ତୁଳିଖୁଂଟି ଓ ସୁଜିଆ ବିଜୟୀ

ବଲାଙ୍ଗୀର, ୨୬/୦୯ (ନି.ପ୍ର): ବଲାଙ୍ଗିର ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ୧୦ ଗୋଟି ପଡିଆରେ ଫୁଟବଲ ଖେଳ ଅନୁଷ୍ଠିତ ହୋଇଯାଇଛି । ଖୁଜେନପାଲି ପଡିଆରେ ରେଲୱେ ଏମ୍ଏସ୍ ଡ୍ରାଇବ୍ରେକରରେ ୩-୦ ଗୋଲରେ କୁରୁଲ କୁ ହରାଇ ବିଜୟୀ ହୋଇଛି। ଅତିଥି ଭାବେ କ୍ରୀଡା ସଂସଦର ବରିଷ୍ଠ ସଦସ୍ୟ ବିକ୍ରମାନନ୍ଦ ବହିଦାର, ବରିଷ୍ଠ ନାଗରିକ ଯୁଧିଷ୍ଠିର ସିଂ, କ୍ରିଡା ସଂସଦର ଯୁଗ୍ମ ସଂପାଦକ ଶତୃଘନ ସିଂ, ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର, ଏଥେଲେଟ୍ ସଂପାଦକ ବିଭୁତି ଭୂଷଣ ପଣ୍ଡା ଓ ପୂର୍ବ ଖେଳାଳି ଯୁଗେଶ୍ୱର ସାହୁ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ସୁଦୟ ବାରିକ, ନରସିଂସ୍ୱାମୀ ନାଇଡୁ, ଶୁଭ୍ରାଂଶୁ ରାଉତ ଓ ଅବଦୁଲ ମୁଜିବ ପରିଚାଳନା କରିଥିଲେ। ପଲ୍ଲିଶ୍ରୀ ଷ୍ଟାଡିୟମ ସଦାଇପାଲି ଠାରେ କୁସମେଲ ୪-୦ ଗୋଲରେ ବିଡିଘାଟକୁ ହରାଇ ବିଜୟୀ ହୋଇଛି। ଅତିଥି ଭାବେ ପୂର୍ବତନ ସଦର ବ୍ଲକ ଅଧ୍ୟକ୍ଷ ଗୋଲାପ ବାଗ, ପୂର୍ବ ଖେଳାଳି ପ୍ରଦୀପ ମହାରଣା ଓ ସାଇଟ ସଂପାଦକ ଇଂ. ନାରାୟଣ ପ୍ରସାଦ ମିଶ୍ର ଯୋଗଦେଇଥିଲେ। ଖେଳକୁ ସୁଧାଂଶୁ ସେଠ, ସୁଦର୍ଶନ ସେଠ, ସୁରେଶ ନାଏକ ଓ ସଂଜିବ ମହାରଣା ପରିଚାଳନା କରିଥିଲେ। ଚୁଡାପାଲି ପଡିଆରେ ରେଙ୍ଗଟାସିଲ ୫-୦ ଗୋଲରେ ରାମଚନ୍ଦ୍ରପୁର କୁ ହରାଇ ବିଜୟୀ ହୋଇଥିଲେ। ଅତିଥି ଭାବେ ତୁଷୁରାବାହାଲ ସରପଂଚ ଜନାଦନ ମହାପାତ୍ର ଓ ବିଜୟ ମେହେର ଯୋଗ ଦେଇଥିଲେ। ଖେଳକୁ ଜଳନ୍ଧର ସାହୁ, ଉମେଶ ଭୋଇ, ପୁରୁଷୋତମ ବୁଡେକ ଓ ବୈକୁଣ୍ଠ ଜେନା ପରିଚାଳନା କରିଥିଲେ । ଜରାସିଂହା ମିନି ଷ୍ଟାଡିୟମ ଠାରେ ଚନ୍ଦ୍ରପୁର ୨-୦ ଗୋଲରେ ବର୍ଲାକୁ ଓ ଘୁଚେପାଲି ୧-୦ ଗୋଲରେ ତୁଷୁରାକୁ ହରାଇ ବିଜୟୀ ହୋଇଛନ୍ତି। ଅତିଥି ଭାବେ ପୂର୍ବ ଖେଳାଳି ନବୀନ ବାରିକ, ସଚିଦାନନ୍ଦ ପାଢ଼ି ଓ ପ୍ରବୀର ସିଂ ନିନା ଯୋଗ ଦେଇଥିଲେ। କଂଟାବାଞ୍ଜି ରେଲୱେ ପଡିଆରେ ବଙ୍ଗୋମୁଣ୍ଡା ୧-୦ ଗୋଲରେ କୋଷ୍ଟାଲ ୧୧କୁ ହରାଇ ବିଜୟୀ ହୋଇଛି। ଖେଳକୁ ରାଜେନ୍ଦ୍ର ଧରୁଆ, ଉପେନ୍ଦ୍ର ଚନ୍ଦନ, ବିଜୟ ଖମାରୀ ଓ ଉମେଶ ଧରୁଆ ପରିଚାଳନା କରିଥିଲେ। ପାଟଣାଗଡ ପଡିଆରେ କୁତମୁଣ୍ଡା ୩-୦ ଗୋଲରେ ଭରୁଆମୁଣ୍ଡାକୁ ହରାଇ ବିଜୟୀ ହୋଇଛି। ଅତିଥି ଭାବେ ପିସିସି ସଭ୍ୟ ଅନିଲ ମେହେର ଯୋଗ ଦେଇଥିଲେ। ଖେଳକୁ ଖୁସିରାମ ମଲ୍ଲିକ, ତ୍ରିନାଥ ଚନ୍ଦନ, ଚୈତନ୍ୟ ସାହୁ ଓ ରାଜେନ୍ଦ୍ର ସେଠ ପରିଚାଳନା କରିଥିଲେ। ଖପ୍ରାଖୋଲ ପଡିଆ ଦେଦର୍ହୋ ୧-୦ ଗୋଲରେ ମହରାପଦର କୁ ହରାଇ ବିଜୟୀ ହୋଇଥିଲେ। ଖେଳକୁ ଦୋଳଗୋବିନ୍ଦ ମୁଣ୍ଡା, ସଦାନନ୍ଦ ସାହୁ, ଶ୍ରୀରାମ ସାହୁ ଓ କ୍ଷୀରସିନ୍ଧୁ ବେହେରା ପରିଚାଳନା କରିଥିଲେ। ଟିଟିଲାଗଡ ସିଟି ସ୍କୁଲ ପଡିଆରେ ଭାଟିପଡା ଟିଟିଲାଗଡ ୧-୦ ଗୋଲରେ ନାନେଝରକୁ ହରାଇ ବିଜୟୀ ହେଲା। ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ଗୀତା ବିଶି, ମଣିଗାଁ ସରପଂଚ ହିମାଦ୍ରି ଖର୍ସେଲ ଓ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ଟିଟିଲାଗଡ ବ୍ଲକ ଅଧ୍ୟକ୍ଷ ପଦ୍ମନ ପ୍ରଧାନୀ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଲୋଇସିଂହା ମିନି ଷ୍ଟାଡିୟମ ଠାରେ ଅନୁଷ୍ଠିତ ଖେଳରେ ତେନ୍ତେଲଖୁଂଟି ଟ୍ରାଇବ୍ରେକର ୬-୫ ଗୋଲରେ ଲୋଇସିଂହା ଏଏ କୁ ହରାଇ ବିଜୟି ହେଲା। ଅତିଥି ଭାବେ ଲୋଇସିଂହା ଏଥେଲେଟିକ୍ ଏସୋସିଏସନ ସଭାପତି ଦିଲିପ ବେହେରା ଯୋଗ ଦେଇଥିଲେ। ସୁଜିଆ ପଡିଆ ଠାରେ ଅନୁଷ୍ଠିତ ଖେଳରେ ସୁଜିଆ ୫-୧ ଗୋଲରେ ସଲତରପାଲିକୁ ହରାଇ ବିଜୟୀ ହେଲା। ଅତିଥି ଭାବେ ରାଜ୍ୟ ପରିଷଦ ବିଜେଡି ସଦସ୍ୟ ନିହାର ରଂଜନ ବେହେରା, ଲୋଇସିଂହା ବିଜେଡି ସଭାପତି ହୃଦାନନ୍ଦ ବେହେରା, ଜିଲ୍ଲା କ୍ରୀଡାଧିକାରୀ ପରାଶର ବାଗ, କ୍ରୀଡା ସଂସଦ ଫୁଟବଲ ସଂପାଦକ ହେମନ୍ତ କୁମାର ବେହେରା ଉପସ୍ଥିତ ଥିଲେ।

## ପୁରୀ ଆଇଟିଆଇରେ ସମାବର୍ତ୍ତନ ଉତ୍ସବ

ପୁରୀ, ୨୬/୦୯ (ନି.ପ୍ର): ପୁରୀ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ସମାବର୍ତନ ଉତ୍ସବ -୨୦୨୩ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି ।ଅତିଥି ମାନେ ଉପସ୍ଥିତ ସମସ୍ତ ୫୪ ଜଣ ଶ୍ରେଷ୍ଠ ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା କର୍ମ ନିଯୁକ୍ତି ଅଧିକାରୀ ସୁବାସ ଚନ୍ଦ୍ର ବେହେରା ଛାତ୍ର ଛାତ୍ରୀଙ୍କୁ ଶୁଭେଚ୍ଛା ଜଣେଇବା ସହ ଏହା ଭବିଷ୍ୟତ କର୍ମଜୀବନ ପାଇଁ ପ୍ରେରଣା ପ୍ରଦାନ କରିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଜିଲ୍ଲା ଶିଳ୍ପ କେନ୍ଦ୍ର ପରିଚାଳକ ଅମୂଲ୍ୟ ରତ୍ନ ପଣ୍ଡା ଆଇଟିଆଇ ଶିକ୍ଷା ପରବର୍ତୀ ଉଦ୍ୟୋଗିତା ସୁଯୋଗ ଉପରେ ଆଲୋକପାତ କରି ଛାତ୍ରଛାତ୍ରୀ ନିଜକୁ ଜଣେ ଜଣେ ଉଦ୍ୟମୀ ହେବାପାଇଁ ଉତ୍ସାହିତ କରିଥିଲେ । ପୁରୀ ସରକାରୀ ଶିଳ୍ପ ତାଲିମ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଇଂ. ଅରବିନ୍ଦ ଘୋଷ ନିଜ ବକ୍ତବ୍ୟରେ ସରକାରୀ ଆଇଟିଆଇରୁ ଉତୀର୍ଣ୍ଣ ଛାତ୍ରଛାତ୍ରୀ ଭବିଷ୍ୟତ ଜୀବନରେ ସଫଳ ହୋଇ ଅନୁଷ୍ଠାନର ଯଶ ବଢ଼େଇବା ସହିତ ଆଗାମୀ ପିଢ଼ି ପାଇଁ ଉଦାହରଣ ସୃଷ୍ଟି କରିବା ପାଇଁ ଉପଦେଶ ଦେଇଥିଲେ।

# ପ୍ରଫେସର ଆଦିକନ୍ଦ ସାହୁଙ୍କର ପୁସ୍ତକ ଲୋକାର୍ପଣ ଉତ୍ସବ




ଭୁବନେଶ୍ୱର, ୨୬/୦୯ (ନି.ପ୍ର): ପ୍ରମୁଖ ସାରସ୍ୱତ ଅନୁଷ୍ଠାନ 'ଜହ୍ନରାତି ସାହିତ୍ୟ ସଂସଦ' ଆନୁକୂଲ୍ୟରେ ଆଜି ପୂର୍ବାହ୍ନରେ ଶହୀଦନଗର ସ୍ଥିତ ହୋଟେଲ ଏମ୍ପାୟାର ଠାରେ ପ୍ରଫେସର ଆଦିକନ୍ଦ ସାହୁଙ୍କର ତିନୋଟି ପୁସ୍ତକର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ପ୍ରଖ୍ୟାତ କବି ରାଜେନ୍ଦ୍ର କିଶୋର ପଂଡା, ବିଶିଷ୍ଟ ଗାଳ୍ପିକ ଓ ଔପନ୍ୟାସିକ ଡଃ ଗୌରହରି ଦାସ, ବିଶିଷ୍ଟ ଔପନ୍ୟାସିକ ପ୍ରଫେସର ରାମଚନ୍ଦ୍ର ବେହେରା, ବିଶିଷ୍ଟ ନାଟ୍ୟକାର ପ୍ରଫେସର ନିଳାଦ୍ରୀ ଭୂଷଣ ହରିଚନ୍ଦନ, କବି ମମତା ଦାଶ ଏବଂ ଓଡିଆ ବିଶ୍ୱ ବିଦ୍ୟାଳୟର ଭିସି ପ୍ରଫେସର ସବିତା ପ୍ରଧାନ ପ୍ରମୁଖ ଯୋଗଦାନ କରି ପ୍ରଫେସର ଆଦିକନ୍ଦ ସାହୁଙ୍କର ତିନୋଟିଯାକ ପୁସ୍ତକର ଲୋକାର୍ପଣ କରିବା ସହିତ ଆଦିକନ୍ଦ ସାହୁଙ୍କର ସମଗ୍ର ସାରସ୍ୱତ ଜୀବନ ଉପରେ ଆଲୋକପାତ କରିଥିଲେ। ତିନୋଟି ପୁସ୍ତକ 'ସ୍ମୃତି ସେଇ ଏକଲା ମଣିଷର' 'ଆଦିକନ୍ଦ ସାହୁଙ୍କର ନିଜ ନିବନ୍ଧ' ଏବଂ 'ସାହିତ୍ୟ ଓ ସୌନ୍ଦର୍ଯ୍ୟର ପୃଥିବୀ' ବିଷୟରେ ବିଷଦ ଆଲୋଚନା ହୋଇଥିଲା । କବି ରାଜେନ୍ଦ୍ର କିଶୋର ପଂଡା ପ୍ରଫେସର ଆଦିକନ୍ଦ ସାହୁଙ୍କ ଉପରେ ତାଙ୍କ ଦ୍ୱାରା ଲିଖିତ ଏକ ଇଂରାଜୀ ପ୍ରବନ୍ଧ ମଧ୍ୟ ପାଠ କରିଥିଲେ। ଡଃ ଗୌରହରି ଦାସ ପ୍ରଫେସର ଆଦିକନ୍ଦ ସାହୁଙ୍କୁ ରାତିରେ ଫୁଟୁଥିବା ସୁବାସିତ ଫୁଲ ସହିତ ତୁଳନା କରିଥିଲେ ତ ଡଃ ନିଳାଦ୍ରୀ ଭୂଷଣ ହରିଚନ୍ଦନ ଏବଂ ଡଃ ରାମଚନ୍ଦ୍ର ବେହେରା ତାଙ୍କର ବନ୍ଧୁପଣ ଉପରେ ଆଲୋକପାତ କରିଥିଲେ। ଓଡିଶା ସରକାରଙ୍କର ବରିଷ୍ଠ ଅଧିକାରୀ ଅସୀମା ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ପକ୍ଷୀଘର ପ୍ରକାଶନୀର ନିର୍ଦ୍ଦେଶକ ଶ୍ରୀ ବନୋଜ ତ୍ରିପାଠୀ କାର୍ଯ୍ୟକ୍ରମର ସଂଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ଅରୁଣ କୁମାର ସାହୁ, ନାଟ୍ୟକାର ସୁବୋଧ ପଟ୍ଟନାୟକ, କବି କେଦାର ମିଶ୍ର, ଗାଳ୍ପିକା ଡଃ ହିରଣ୍ମୟୀ ମିଶ୍ର, ସଂଜୟ ବରାଳ, କବି ଉମାକାନ୍ତ ରାଉତ, ପ୍ରଫେସର ବାଳକୃଷ୍ଣ ବେହେରା ପ୍ରମୁଖ ପ୍ରଫେସର ଆଦିକନ୍ଦ ସାହୁଙ୍କର ସାହିତ୍ୟ ଓ ଜୀବନ ଉପରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବାରିପଦା, ବାଲେଶ୍ୱର, ସମ୍ବଲପୁର, ରେଢାଖୋଲ , ଝାରଖଣ୍ଡ ପ୍ରଭୃତି ସ୍ଥାନରୁ ପ୍ରଫେସର ଆଦିକନ୍ଦ ସାହୁଙ୍କର ଅନେକ ଛାତ୍ର ଛାତ୍ରୀଙ୍କ ଆଜିର ସଭାରେ ଯୋଗଦାନ ସଭାକୁ ଖୁବ୍ ସୁନ୍ଦର କରି ଗଢିତୋଳିଥିଲା। ବିଶିଷ୍ଟ ଗାଳ୍ପିକା ଡଃ ଅର୍ଚ୍ଚନା ନାୟକ, ପ୍ରାବନ୍ଧିକ ଶ୍ରୀ ହିମାଂଶୁ ପରିଡା, କବି ଅକ୍ଷୟ ବେହେରା, କବି ଦୁର୍ଗା ଶଙ୍କର ଷଡଙ୍ଗୀ ଔପନ୍ୟାସିକା ପୁଷ୍ପାଞ୍ଜଳି କର, କବି ଶାକ୍ୟ ସିଂହ ମହାପାତ୍ର, କବି ଅଭିମନ୍ୟୁ ନାୟକ ଏବଂ କବି ଭଗବାନ ସାହୁ ପ୍ରମୁଖ ଅନେକ କବି ଓ ସାହିତ୍ୟିକ ଆଜିର ଏ ମନୋଜ୍ଞ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଜହ୍ନରାତି ସାହିତ୍ୟ ସଂସଦର ସଂପାଦିକା ବିଶିଷ୍ଟ ନାଟ୍ୟକାର ଓ ଭିଜାମାଟି ପତ୍ରିକାର ସଂପାଦିକା ଶ୍ରୀମତୀ ଚିନ୍ମୟୀ ଷଡଙ୍ଗୀ କାର୍ଯ୍ୟକ୍ରମର ସମସ୍ତ ବ୍ୟବସ୍ଥାପକ୍ଷର ସଂଚାଳନ କରିବା ସହିତ ସମସ୍ତ ଅତିଥି ଏବଂ ଶ୍ରୋତାମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ମଧ୍ୟାହ୍ନ ଭୋଜନ ପରେ ଅର୍ଦ୍ଧଦିବସୀୟ ବ୍ୟାପୀ ଅନୁଷ୍ଠିତ ଉକ୍ତ ସାରସ୍ୱତ କାର୍ଯ୍ୟକ୍ରମର ଉଦଯାପନ ହୋଇଥିଲା।

# କରୋନା ଛଡ଼ାଇନେଲା ସାଙ୍ଗ ପିଲାଙ୍କ ମେଳ: ପାଠ ପଢ଼ାରେ ଡ଼ୋରି ବାନ୍ଧିଲେ ଦୁଖିନି ଓ ସାକର

ଉଦଳା , ୨୬/୦୯ (ନି.ପ୍ର): କପ୍ତିପଦା ବ୍ଲକର ଜଡ଼ିଦା ପଂଚାୟତ ଅନ୍ତର୍ଗତ ଠାକୁରାସାହିର ଦୃଶ୍ୟ । ଉକ୍ତ ଗ୍ରାମର ବାସିନ୍ଦା ଭିଲୁ କିସ୍କୁଙ୍କର କନ୍ୟା ଦୁଖିନି ଏବଂ ଗରା ଟୁଡୁଙ୍କର କନ୍ୟା ସାକର ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେଇଥିବାର ଜଣାଯାଇଛି । ଖବର ନେବାରୁ ଜଣାଯାଇଛି ଏହି ଦୁଇଜଣ କନ୍ୟା ନିକଟରେ ଥିବା ବଡ଼ସିମୁଳିଆ ପ୍ରାଥମିକ ବିଦ୍ୟାଳୟରେ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଛନ୍ତି । ପରେ କରୋନା ଯୋଗୁଁ ବିଦ୍ୟାଳୟ ଛୁଟି ରହିବା ଫଳରେ ସେମାନେ ପାଠ ଠାରୁ ଦୁରେଇ ଯାଇଥିଲେ । ବିଦ୍ୟାଳୟ ଖୋଲିବା ପରେ ଏହି ଦୁଇଜଣ କନ୍ୟା ପୁଣିଥରେ କିପରି ବିଦ୍ୟାଳୟକୁ ଯିବେ ଓ ପାଠ ପଢ଼ିବେ ସେଥିପାଇଁ କୌଣସି ମହଲରେ କିଛି ତତ୍ପରତା ପ୍ରକାଶ ପାଇଲା ନାହିଁ । ଫଳରେ ସବୁଦିନ ପାଇଁ ସେମାନେ ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେବାକୁ ବାଧ ହେଲେ । ଦୁଖିନିଙ୍କୁ ବର୍ତମାନ ବୟସ ୧୬ ବର୍ଷ ଛୁଇଁଥିବା ବେଳେ ସାକରଙ୍କୁ ୧୫ ଛୁଇଁଲା । ଏହି ଦୁଇଜଣ କନ୍ୟା ପୁଣିଥରେ ପାଠ ପଢ଼ିବାକୁ ଚାହୁଁଛନ୍ତି । କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବୀ ହେଉଛି । କରୋନା ଯୋଗୁଁ ଆମ ସାଙ୍ଗ ପିଲାଙ୍କ ମେଳ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି, ଯାହାକି ଆମକୁ ଖୁବ୍ କଷ୍ଟ ଦେଇଛି ବୋଲି ଦୁଖିନି ଓ ସାକର ବ୍ୟକ୍ତ କରିଛନ୍ତି । ଏହି ବୟସର ପିଲାଙ୍କୁ ପାଠ ପଢ଼ା ସହିତ ବାନ୍ଧି ନରଖିବା ଫଳରେ ବାଲ୍ୟ ବିବାହ ଜନିତ ଭୟଙ୍କର ବିପଦ ମାଡ଼ି ଆସୁଛି ବୋଲି ଅନେକ ମତ ଦେଇଛନ୍ତି ।

# ପୁଣି ନୀଳଗିରିରେ ଜାଲ ନୋଟ କାରବାର: ଦୁଇ ଅଟକ

ନୀଳଗିରି, ୨୬/୦୯ (ନି.ପ୍ର): ପୁଣି ନୀଳଗିରିରେ ସକ୍ରିୟ ହୋଇଛି ଜାଲ ନୋଟ କାରବାର ।ଗୋଟିଏ ମାସ ପୂର୍ବରୁ ନୀଳଗିରି ଥାନା ଅଧିନ ସନ୍ତରାଗଡିଆ ମାର୍କେଟରୁ ୩୨ ହଜାର ୭ ଶହ ଟଙ୍କା ସହିତ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲଣ କରିଥିଲା ନୀଳଗିରି ପୋଲିସ ।ଘଟଣାକୁ ମାସେ ନପୁରୁଣୁ ପୁଣି ମାତିଛନ୍ତି ଜାଲ ନୋଟ ବେପାରୀ । ମଙ୍ଗଳବାର ସନ୍ଧ୍ୟା ସମୟରେ ବରହମପୁର ଥାନା ଅଧିନର ଦୁଇ ଜଣ ଜାଲ ନୋଟ କାରବାରି ନୀଳଗିରି ବ୍ଲକ ଅଧିନ ଧୋବଶିଳା ଗ୍ରାମର ଏକ ଦୋକାନରେ କିଛି ସାମଗ୍ରୀ କିଣି ଜାଲ ନୋଟ କାରବାର କରିବାକୁ ଚେଷ୍ଟା କରୁଥିଲେ ।ହେଲେ ଦୋକାନୀ ଜଣକ ଜାଲ ନୋଟ ଗୁଡିକୁ ଜାଣିବା ପରେ ଦୁଇ ଜଣଙ୍କୁ ଭଲ ଭାବରେ ଉତ୍ତମ ମଧ୍ୟମ ଦେଇ ନୀଳଗିରି ପୋଲିସର ଜିମା ଦେଇଥିଲେ । ପୋଲିସ ଦୁଇଜଣଙ୍କୁ ଅଟକ ରଖି ଅଧିକ ପଚରା ଉଚୁରା କରିବା ସହ ତଦନ୍ତ ଜାରି ରଖିଛି ।

# ଧର୍ମପରାୟଣା ମହିଳାଙ୍କ ମୃତ୍ୟୁ

ବସ୍ତା, ୨୬/୦୯ (ନି.ପ୍ର): ବସ୍ତାବ୍ଲକ ମଥାନୀ ପଞ୍ଚାୟତ ସାନଖୁଡି ଗ୍ରାମର ମଦନ ଆଇଚଙ୍କ ଧର୍ମପତ୍ନୀ ବାସନ୍ତି ଆଇଚ (୬୦) ମଙ୍ଗଳବାର ସଧ୍ୟାଂ ୫ଟା୨୦ ମିନିଟରେ ମୃତ୍ୟୁବରଣ କରିଛନ୍ତି । ସେ ଦିର୍ଘଦିନଧରି କର୍କଟ ରୋଗରେ ପିଡିତ ଥିଲେ । ହେଲେସେ ବିଭିନ୍ନ ସ୍ୱେଛାସେବୀ ସଂଗଠନର ସଦସ୍ୟା ଥିବାବେଳେ ପରୋପକାରୀ ଧର୍ମପରାୟଣ ସ୍ୱଷ୍ଟବାଦୀ ମହିଳା ଭାବେ ଅଞ୍ଚଳରେ ବେସ ଯଣାଶୁଣାଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ମଥାନୀ ସେବାସମବାୟ ବିତ କିଶୋର ପାଳ, ପୂର୍ବତନ ସରପଞ୍ଚ ଅନିଲକୁମାର ମହାପାତ୍ର,ସୁଶାନ୍ତ ମଲ୍ଲୀକ ସମାଜସେବୀ ଅମର କୁମାର ପାଳ, ସାମ୍ବାଦିକ ବିଜୟ କୁମାର ଭୂୟାଁ, ଦିଲ୍ଲୀପ ସାହୁ, ନରେନ୍ଦ୍ର ଦଣ୍ଡପାଟ, ଚନ୍ଦନ ଆଇଚ, ସମେତ ବହୁ ମାନ୍ୟଗନ୍ୟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହିତ ଶୋକ ସନ୍ତପ ପରିବାରକୁ ସମବେଦନା ଦେଇଥିଲେ । ମୃତ୍ୟୁ ସମୟରେ ପୁଅ ସଞ୍ଜିବ, ପଲ୍ଟୁ , କାହ୍ନୁ, ବହୁ କବିତା ନାତୀ ନାତୁଣି ଉପସ୍ଥିତ ଥିଲେ। ସାନପୁଅ ପଲ୍ଟୁ ଆଇଚ ମୂଖାଗ୍ନୀ ଦେଇଥିଲେ ।

# ଶିଶୁ ପାଇଁ ଦିନଟିଏ ଶୀର୍ଷକ ସମୀକ୍ଷା ବୈଠକ




ଭଦ୍ରକ, ୨୬/୦୯ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ ସାଳନ୍ଦୀ ସଭାଗୃହ ପରିସରରେ ଶିଶୁପାଇଁ ଦିନଟିଏ ଶୀର୍ଷକ ବୈଠକ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ସରୋଜନ କୁମାର ଦତ୍ତଙ୍କ ସମେତ ଶିଶୁମଂଗଳ କମିଟି ଅଧକ୍ଷ ଡା. ଦେବରାଜ ପାଣିଗ୍ରାହୀ, ସମାଜ ମଙ୍ଗଳ ଅଧିକାରିଣୀ ପୁଷ୍ପଲତା ପାତ୍ର ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର ଦାସ ପ୍ରମୁଖ ଯୋଗଦାନ କରିଥିଲେ। ବାଲ୍ୟବିବାହ, ଶିଶୁ ଶ୍ରମିକ, ଅଧାରୁ ପାଠପଢ଼ା ଛାଡ଼ିଥିବା ଶିଶୁ ସମେତ ବିପନ୍ନ ପରିସ୍ଥିତିରୁ ଶିଶୁଙ୍କୁ ଉଦ୍ଧାର ପାଇଁ ବିଭିନ୍ନ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ତୃଣମୂଳ ସ୍ତରରୁ ପ୍ରତି ଗ୍ରାମରେ ଶିଶୁ ସୁରକ୍ଷା କମିଟି ମାନ ଗଠନ କରି ପରିବାରକୁ ସଚେତନ କରିବା ସହ ପ୍ରତ୍ୟେକ ପିଲା ବିଦ୍ୟାଳୟ ମୁଖୀ ହେବା, ବାଲ୍ୟବିବାହ ଭଳି କୁତ୍ସିତ ପ୍ରଥାକୁ ବନ୍ଦ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ତରଫରୁ ଆଶୀର୍ବାଦ, ବିଜୁ ଶିଶୁ ସୁରକ୍ଷା ଯୋଜନା, ପୃଷ୍ଠପୋଷକତା ଭଳି ଯୋଜନାରେ ହିତାଧିକାରୀଙ୍କୁ ସହାୟତା ପ୍ରଦାନ ନିମନ୍ତେ ତଥ୍ୟ ପ୍ରଦାନ କରିଥିଲେ। ଜିଲ୍ଲା ବାଲ୍ୟବିବାହ ସଂଯୋଜକ ଅସୀମ ଅମିତାଭ ଦାସ ଜିଲ୍ଲାରେ ୦୬ ଗୋଟି ବାଲ୍ୟବିବାହ ରଦ୍ଦ କରିବା ସହ ପିଲାମାନଙ୍କୁ ଧନ୍ଦାମୂଳକ ଶିକ୍ଷାରେ ନିୟୋଜନ ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ତତ୍‌ସହିତ ବିଭିନ୍ନ ଦେବାଳୟ, ଧର୍ମାନୁଷ୍ଠାନ ମାନଙ୍କରେ ବାଲ୍ୟବିବାହ ବନ୍ଦ କରିବା ପାଇଁ ସଚେତନତା ବାର୍ତ୍ତା ପୋଷ୍ଟର ବା କାନ୍ଥରେ ଲିପିବଦ୍ଧ କରିବାପାଇଁ ବୈଠକରେ ସ୍ଥିର ହୋଇଥିଲା। ଅତିରିକ୍ତ ଶିକ୍ଷାଧିକାରୀଙ୍କ ତଥ୍ୟ ଅନୁଯାୟୀ ବହୁ ଶିଶୁ ଅଧାରୁ ପାଠପଢ଼ା ଛାଡ଼ି ଶିଶୁ ଶ୍ରମିକ, ନିର୍ଯ୍ୟାତିତ ହେଉଛନ୍ତି। ପୁନଶ୍ଚ ସେମାନଙ୍କୁ ବିଦ୍ୟାଳୟ ଫେରିବା ବା ଧନ୍ଦାମୂଳକ ଶିକ୍ଷାରେ ପୁନଃ ନିବେଶ ପାଇଁ ଚେଷ୍ଟିତ ହେବାପାଇଁ ଅତିରିକ୍ତ ଜିଲ୍ଲାପାଳ ମତ ପ୍ରଦାନ କରିଥିଲେ। ବର୍ତ୍ତମାନ ପରିସ୍ଥିତିରେ ତ୍ୱରିତସେବା ପାଇଁ ସମସ୍ତ ଅଂଶୀଦାର ପ୍ରମୁଖ ଶିଶୁମାନଙ୍କ ପାଇଁ ତତ୍ପର ହେବା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ଏହି ଆଲୋଚନା ତଥା ସମୀକ୍ଷା ବୈଠକରେ ଶ୍ରମବିଭାଗ, ଶିଶୁସୁରକ୍ଷା ବିଭାଗ, ସମନ୍ୱିତ ଶିଶୁ ବିକାଶ ବିଭାଗ, ପୋଲିସ୍ ପ୍ରମୂଖ ଯୋଗଦାନ କରିଥିଲେ। ଶିଶୁ ସୁରକ୍ଷା ବିଭାଗର ବିଶ୍ୱନାରାୟଣ ପଣ୍ଡା, ବନମାଳୀ ଯେନା, ସ୍ୱାଗତିକା ବାରିକ, ମହେଶ ଚନ୍ଦ୍ର ଦାଶ, ଧୀରଜ ବାରିକ, ଦମୟନ୍ତୀ ଦାସ, ଚିନ୍ମୟ ପଣ୍ଡା ପ୍ରମୂଖ ପରିଚଳନାରେ ସହଯୋଗ କରିଥିଲେ। ପରିଶେଷରେ ଶିଶୁ ସୁରକ୍ଷା ୟୁନିଟ୍‌ର ଆଇନ ପ୍ରେବେସନ ଅଧିକାରୀ ସୁବ୍ରତ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ବର୍ଷିଆନ୍ ବଲିଉଡ୍....

ତାଙ୍କ ନୃତ୍ୟରେ ପ୍ରଭାବିତ ହୋଇ ଲିଜେଣ୍ଡ୍ରୀ ଅଭିନେତା ତଥା ନିର୍ଦ୍ଦେଶକ ଗୁରୁ ଦତ ତାଙ୍କୁ ଅଭିନୟର ତାଲିମ ଦେଇଥିଲେ । ଆଉ ଗୁରୁ ଦତ ହିଁ ପ୍ରଥମେ ତାଙ୍କ ଫିଲ୍ମ ସିଆଇଡିରେ ଅଭିନେତା ଦେବାନନ୍ଦଙ୍କ ବିପକ୍ଷରେ ୱାହୀଦା ରେହମାନଙ୍କୁ ଅଭିନୟର ସୁଯୋଗ ଦେଇଥିଲେ । ପ୍ରଥମ ଫିଲ୍ମରୁ ହିଁ ବଲିଉଡରେ ସଫଳ ହୋଇଥିଲା ୱାହୀଦା । ଏହାପରେ ଏକ ସେ ଏକ ଆକର୍ଷଣୀୟ ସିନେମା ଭେଟି ଦେଇ ଦର୍ଶକଙ୍କ ମନ ଜିଣି ନେଇଥିଲେ । ପ୍ୟାସା, କାଗଜ କେ ଫୁଲ, ଚୌଦଭି କା ଚାନ୍ଦ, ସାହେବ ବିବି ଔର ଗୁଲାମ୍, ଗାଇଡ୍, ଖାମୋସି, ଭଳି ସିନେମାରେ ନିଜ ନିଖୁଣ ଅଭିନୟ ଦ୍ୱାରା ସିନେ ପ୍ରେମୀଙ୍କ ହୃଦୟରେ ସ୍ଥାନ ବନାଇ ପାରିଥିଲେ ୱାହୀଦା ରେହମାନ୍ । ପରବର୍ତୀ ସମୟରେ ଅନେକ ଚରିତ୍ର ଅଭିନୟରେ ବି ନଜର ଆସିଲେ ୱାହୀଦା ରେହମାନ । ଫିଲ୍ମ ଇଣ୍ଡଷ୍ଟ୍ରୀ ପ୍ରତି ତାଙ୍କ ଅବଦାନ ପାଇଁ ୧୯୭୨ରେ ତାଙ୍କୁ ପଦ୍ମଶ୍ରୀ ଓ ୨୦୧୧ରେ ପଦ୍ମ ଭୂଷଣ ସମ୍ମାନରେ ସମ୍ମାନୀତ କରାଯାଇଥିଲା । ଆଉ ଏବେ ସିନେ ଜଗତର ସର୍ବୋଚ୍ଚ ସମ୍ମାନ ଦାଦା ସାହେବ ଫାଲକେ ପୁରସ୍କାର ପାଇବାକୁ ଯାଉଛନ୍ତି ୱାହୀଦା ରେହମାନ ।

## ସହକାରୀ ଜିଲ୍ଲାପାଳଙ୍କ.....

ମିଳିଥିବା ସୂଚନା ଅନୁସାରେ ଗତ ୧୬ ତାରିଖରେ ଫ୍ୟାମିଲି କୋର୍ଟରେ ସୁସ୍ମିତାଙ୍କର ଛାଡ଼ପତ୍ର ମାମଲାର ଶୁଣାଣି ଥିଲା। ସେହିଦିନ ହିଁ ଏଡିଏମ୍ ଅଫିସରେ ଏକ ବୈଠକ ଥିଲା। ତେଣୁ ସେ ସକାଳୁ ଘରୁ ଅଫିସ ଆସି ସଂଧ୍ୟାରେ ଆଉ ଫେରିନଥିଲେ। ଝିଅ ଘରକୁ ନଫେରିବାରୁ ଉଦିତ ନଗର ଥାନାରେ ଅଭିଯୋଗ କରିଥିଲେ ପରିବାର ଲୋକେ। ଖୋଜାଖୋଜି ପରେ ସେ ରେଲୱେ ଷ୍ଟେସନ ପାଖ ଏକ ହୋଟେଲରେ ରହୁଥିବା ପୁଲିସ ଜାଣିବାକୁ ପାଇଥିଲା। ଉଭୟ ପୁଲିସ ଓ ପରିବାର ଲୋକ ତାଙ୍କୁ ଘରକୁ ଯିବାକୁ କହିଥିଲେ ମଧ ସେ ରାଜି ହୋଇନଥିଲେ। ଆଉ ଏହାର ଦୁଇ ଦିନ ପରେ ଅର୍ଥାତ, ୧୯ ତାରିଖରେ ରାଉରକେଲା ସେଞ୍ଚୁରି ପାର୍କର ଏକ ପୋଖରୀରୁ ତାଙ୍କ ମୃତଦେହ ମିଳିଥିଲା। ତେବେ ଏଠି ପ୍ରଶ୍ନ ଉଠୁଛି, ୧୬ ତାରିଖରେ ସୁସ୍ମିତା ଭଲରେ ଅଫିସ ଆସି ସଂଧ୍ୟାରେ ଘରକୁ ନଯାଇ ହୋଟେଲରେ ରହିବା ପଛର କାରଣ କଣ ? ଘର ଲୋକେ ତାଙ୍କୁ ହୋଟେଲରେ ଭେଟିବା ପରେ ସେ ଘରକୁ ଯିବାକୁ କାହିଁକି ରାଜି ହୋଇନଥିଲେ ? ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ ଜିଲ୍ଲାପାଳ ଓ ଏଡିଏମଙ୍କ ପକ୍ଷରୁ କଣ ତାଙ୍କ ଉପରେ ପ୍ରବଳ ଚାପ ଥିଲା କି ? ଯଦି ହଁ, ଜିଲ୍ଲାପାଳ ଓ ଏଡିଏମଙ୍କୁ ତଦନ୍ତ ପରିସରଭୁକ୍ତ କରିବ କି ପୁଲିସ ? ସୁସ୍ମିତାଙ୍କ ମୃତ୍ୟୁ ପାଣିରେ ବୁଡ଼ି ହୋଇଥିବା ପୋଷ୍ଟମର୍ଟମ ରିପୋର୍ଟ କହୁଥିଲେ ମଧ ତାଙ୍କ ବେକର ଦାଗ କେଉଁଠୁ ଆସିଲା ? ଏପରି ନାନା ପ୍ରଶ୍ନ ସାଧାରଣରେ ଉଙ୍କି ମାରୁଛି।

## ଓଡ଼ିଶା ଆପାର୍ଟମେଣ୍ଟ.....

ଏହି ନୂଆ ଆଇନ୍ ପ୍ରଣୀତ ହେବା ଦ୍ୱାରା ଫ୍ଲାଟ୍ ମାଲିକ ସଂଘ ନାମରେ ଆପାର୍ଟମେଣ୍ଟ୍‌ର ସାଧାରଣ ସ୍ଥାନ(କମନ୍ ଏରିଆ), ଖେଳ ପଡ଼ିଆ ଆଦି ପଞ୍ଜୀକୃତ ହେବ। ଆପାର୍ଟମେଣ୍ଟ ମାଲିକାନା ନିୟମ ଓ ରେରା ଆଇନ ମଧ୍ୟରେ ଥିବା ବିରୋଧାଭାସ ଏହି ନୂଆ ଆଇନ୍ ବଳରେ ସମାଧାନ ହେବ ବୋଲି ସରକାର ପୂର୍ବରୁ କହିଥିଲେ। ଏକ ବ୍ୟକ୍ତିଗତ ଆପାର୍ଟମେଣ୍ଟର ମାଲିକାନା ପାଇଁ ବ୍ୟବସ୍ଥା କରିବା ଉଦ୍ଦେଶ୍ୟରେ ଓଡିଶା ଆପାର୍ଟମେଣ୍ଟ ମାଲିକାନା ଅଧିନିୟମ-୧୯୮୨ ପ୍ରଣୟନ କରାଯାଇଥିଲା। ଏହି ଅଧିନିୟମ ତା ୦୧.୦୫.୧୯୮୪ ରିଖ ରେ ଲାଗୁ ହେଲା ଏବଂ ତଦନୁସାରେ ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ନିୟମ-୧୯୯୨ ବିଜ୍ଞାପିତ ହୋଇଥିଲା। ଅଧିନିୟମ ଏବଂ ନିୟମକୁ କାର୍ଯ୍ୟକାରୀ କରିବା ସମୟରେ ଅନୁଭୂତ ହେଲା ଯେ ଏଗୁଡିକରେ କିଛି ବ୍ୟବସ୍ଥାଗତ ତ୍ରୁଟି ରହିଛି। ଉପରୋକ୍ତ ଅଧିନିୟମ ଏବଂ ନିୟମରେ ଦକ୍ଷ ପ୍ରାଧିକାରୀଙ୍କର ଉପଯୁକ୍ତ ପରିଭାଷା, ଅଧିକାର ଏବଂ କ୍ଷମତା ସ୍ୱଷ୍ଟ ଭାବରେ ପ୍ରଦାନ କରାଯାଇନଥିଲା। ଆପାର୍ଟମେଣ୍ଟ ମାଲିକ ମାନଙ୍କ ସ୍ୱାର୍ଥକୁ ସଂପୂର୍ଣ୍ଣ ରୁପେ ରକ୍ଷା କରିବା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ନଥିଲା।

## କ୍ୟାପିଟାଲ ହସ୍ପିଟାଲରେ....

ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରିବା ସହ କ୍ୟାପିଟାଲ ଥାନାରେ ଅଭିଯୋଗ କରିଛନ୍ତି। ଏହାସହ ଛୁଆର ଡିଏନଏ ଟେଷ୍ଟ ପାଇଁ ଦାବି କରିଛନ୍ତି। ଛୁଆର ଉଘଇ ଟେଷ୍ଟ ରିପୋର୍ଟ ନ ଆସିବା ଯାଏ ଛୁଆକୁ ନେବେ ନାହିଁ ବୋଲି ପ୍ରାଣକୃଷ୍ଣ କହିଛନ୍ତି। ସେ ଆହୁରି କରିଛନ୍ତି, ଗତକାଲି ରାତି ୧୦ଟାରେ ମୋ ପୁଅ ହେଲା ବୋଲି ମେଡିକାଲ କର୍ମଚାରୀ କହିଥିଲେ। ପରେ ଛୁଆକୁ ନର୍ସ ଆଣି ମୋ ଶାଶୁକୁ ଦେଇଥିଲେ। ମୁଁ ଛୁଆର ଫଟୋ ଉଠାଇଲା ବେଳେ ପୁଅ ନୁହେଁ ଝିଅ ବୋଲି ଜଣାପଡ଼ିଥିଲା। ମୁଁ ନର୍ସଙ୍କୁ ଏହି ବିଷୟରେ ପଚାରିଥିଲି। ମୋର ପୁଅ ହୋଇଥିଲା, ଝିଅ କ'ଣ ଦେଲେ ବୋଲି ପ୍ରଶ୍ନ କରିଥିଲି। ହେଲେ ସେ କିଛି ନ କହି ପଳାଇ ଯାଇଥିଲେ। କିଛି ସମୟ ପରେ ଡାକ୍ତର ଆସି କହିଥିଲେ ତୁମର ଝିଅ ହୋଇଛି। ଅନ୍ୟ ଜଣଙ୍କର ପୁଅ ହୋଇଛି। ନର୍ସରେ ଭୁଲରେ ପୁଅ ହୋଇଛି ବୋଲି କହିଥିଲେ। ଅନ୍ୟପକ୍ଷରେ କ୍ୟାପିଟାଲ ହସପିଟାଲ ନିର୍ଦ୍ଦେଶକ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି, ସୁପରିଣ୍ଟେଣ୍ଡେଣ୍ଟଙ୍କ ନେତୃତ୍ୱରେ ଗୋଟିଏ ଟିମ୍ ତଦନ୍ତ କରିବ। ଦରକାର ପଡ଼ିଲେ ଛୁଆର ଉଘଇ ଟେଷ୍ଟ କରାଯିବ ବୋଲି କ୍ୟାପିଟାଲ ହସପିଟାଲ ନିର୍ଦ୍ଦେଶକ କହିଛନ୍ତି। ପୁଲିସ ମଧ ଡାକ୍ତର ଓ ନର୍ସଙ୍କୁ ପଚରାଉଚରା କରୁଥିବା ଜଣାପଡ଼ିଛି।

## ପୁଣି ମଣିପୁର....

ରାଜରାସ୍ତାକୁ ଓହ୍ଲାଇଥିଲେ। ଶିକ୍ଷାର୍ଥୀମାନେ ନ୍ୟାୟ ଦାବିରେ ମୁଖ୍ୟମନ୍ତ୍ରୀ ଏନ ବୀରେନ ସିଂହଙ୍କ ବାସଭବନ ଆଡ଼କୁ ଶୋଭାଯାତ୍ରା କରିବାର ଥିଲା। କିନ୍ତୁ ସେମାନଙ୍କୁ ସୁରକ୍ଷାକର୍ମୀମାନେ ଅଟକାଇବାରୁ ସ୍ଥିତି ବେକାବୁ ହୋଇଥିଲା। ବିକ୍ଷୋଭକାରୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ସଂଘର୍ଷ ଦେଖିବାକୁ ମିଳିଥିଲା। ସେମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଲୁହ ବୁହା ଗ୍ୟାସ ଓ ଧୂଆଁ ବାହାରୁଥିବା ବୋମା ମାଡ଼ କରାଯାଇଥିଲା। ଏଥିରେ ଅନେକ ଶିକ୍ଷାର୍ଥୀ ଆହତ ହୋଇଥିଲେ। ସେମାନଙ୍କୁ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଏହାକୁ ନେଇ ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଘଟଣାକୁ ନେଇ ସୋଶାଲ ମିଡିଆରେ ଅପପ୍ରଚାର କରାଯାଉଛି। ଏହାଦ୍ୱାରା ସାର୍ବଜନୀନ ସମ୍ପତ୍ତି କ୍ଷତିଗ୍ରସ୍ତ ହେବା ସହ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବାର ଆଶଙ୍କା ରହିଛି। ତେଣୁ ସରକାର ଆଜି ଠାରୁ ମୋବାଇଲ ଇଣ୍ଟରନେଟ ସେବାକୁ ବନ୍ଦ କରି ଦେଇଛନ୍ତି। ଆଦିବାସୀ ଓ ଅଣଆଦିବାସୀଙ୍କ ସଂଘର୍ଷ ମଣିପୁର ଜଳୁଥିବା ବେଳେ ଦୁଇ ଜଣ ଜୁଲାଇ ୬ରେ ନିଖୋଜ ହୋଇଯାଇଥିଲେ। ଏହାପରେ ତାଙ୍କୁ ହତ୍ୟା କରାଯାଇଥିବା ଏବେ ଖବର ଆସିଛି। ସାମ୍ନାକୁ ଆସିଥିବା ଫଟୋରେ ଦେଖିବାକୁ ମିଳିଛି ଯେ ଜଣେ ୧୭ ବର୍ଷୀୟ ଛାତ୍ରୀ ଓ ସମାନ ବୟସର ଜଣେ ଛାତ୍ର ଗୋଟିଏ ଘାଷ ଗାଲିଚାରେ ବସିଛନ୍ତି। କୌଣସି ସଶସ୍ତ୍ର ବାହିନୀର ଜଙ୍ଗଲ କ୍ୟାମ୍ପର ସେମାନେ ବସିଥିବା ଭଳି ଲାଗୁଛନ୍ତି। ଛାତ୍ରୀ ଜଣଙ୍କ ଧଳା ଟି-ଶାର୍ଟ ପିନ୍ଧିଥିବା ବେଳେ ଛାତ୍ର ଜଣଙ୍କ ଚେକ ଶାର୍ଟ ପିନ୍ଧିଛନ୍ତି। ସେମାନେ କ୍ୟାମେରାକୁ ଚାହିଁଥିବା ବେଳେ ସେମାନଙ୍କ ପଛ ପଟେ ଦୁଇ ଜଣ ବନ୍ଧୁକଧାରୀ କିଛି ଦୂରତାରେ ଛିଡ଼ା ହୋଇଛନ୍ତି। ପରବର୍ତ୍ତୀ ଫଟୋରେ ଦୁଇ ଜଣଙ୍କ ରକ୍ତାକ୍ତ ମୃତଦେହ ତଳେ ପଡ଼ିଥିବା ବେଳର ଦୃଶ୍ୟ ରହିଛି। ତେଣୁ ସେମାନଙ୍କୁ ସଶସ୍ତ୍ର ବନ୍ଧୁକଧାରୀମାନେ ଅପହହରଣ କରିବା ପରେ ହତ୍ୟା କରିଥିବା କୁହାଯାଉଛି। ସେହିପରି ହତ୍ୟା ପୂର୍ବରୁ ନାବାଳିକା ଛାତ୍ରୀଙ୍କୁ ଦୁଷ୍କର୍ମ କରାଯାଇଛି କି ନାହିଁ, ତା'ର ମଧ ତଦନ୍ତ ଆରମ୍ଭ ହୋଇଛି।

## ଦେଶରେ ବଢିବାରେ....

ଆକଳନ ବର୍ଷ ୨୦୨୦-୨୧ ରେ ଏହି ସଂଖ୍ୟା ୮୧,୬୫୩ ଥିଲା । ଏହି ତାଲିକାରେ ବ୍ୟକ୍ତିଗତ କରଦାତା, କମ୍ପାନୀ , ଫାର୍ମ ଓ ବ୍ୟବସାୟୀ ସାମିଲ ରହିଥିଲେ । ୨୦୨୩ ଜୁଲାଇ ୩୧ ତାରିଖ ସୁଦ୍ଧା ଦାଖଲ ହୋଇଥିବା ମୂଲ୍ୟାୟନ ବର୍ଷ ୨୦୨୩-୨୪ ପାଇଁ ମୋଟ ଆଇଟିଆର ସଂଖ୍ୟା ୬.୭୭ କୋଟିରୁ ଅଧିକ , ଯାହାକି ୨୦୨୨ ଜୁଲାଇ ୩୧ ସୁଦ୍ଧା ଦାଖଲ ହୋଇଥିବା ମୂଲ୍ୟାୟନ ବର୍ଷ ୨୦୨୨-୨୩ ପାଇଁ ମୋଟ ଆଇଟିଆର (୫.୮୩ କୋଟି) ତୁଳନାରେ ୧୬.୧ ପ୍ରତିଶତ ଅଧିକ ।

# ଜେଲ କର୍ମଚାରୀଙ୍କ ଦ୍ୱିତୀୟ ଦିନ ଧାରଣା: ଦୁଇ ଅସୁସ୍ଥ କର୍ମଚାରୀଙ୍କୁ ହସ୍ପିଟାଲରେ ଭର୍ତ୍ତି



ନୀଳଗିରି, ୨୬/୦୯ (ନି.ପ୍ର): ନୀଳଗିରି ଉପକାରଗାର ସମ୍ମୁଖରେ ୫ଦଫା ଦାବି ନେଇ ଜେଲ କର୍ମଚାରୀଙ୍କ ପକ୍ଷରୁ ଆମରଣ ଅନଶନ ଧାରଣା ଦିଆଯାଇଛି। ଅଖିଳ ଓଡିଶା ଜେଲ କର୍ମଚାରୀ ମହାସଂଘଙ୍କ ନିର୍ଦ୍ଧେଶ କ୍ରମେ ଦ୍ୱିତୀୟ ଦିନରେ ୱାର୍ଡର ମାନଙ୍କ ଗ୍ରେଡ ପେ ୧୯୦୦ରୁ ୨୦୦୦ ଓ ଚିଫ ୱାର୍ଡରଙ୍କ ଗ୍ରେଡପେ ୨୦୦୦ରୁ ୨୪୦୦କୁ ବୃଦ୍ଧି କରିବା ସହ ୨୦୧୨ ମସିହା ପୁରୁଣା ପଦନ୍ନୋତି ନିୟମ ଲାଗୁକରିବା, ଉପଖଣ୍ଡ ବଦଳି ନିୟମ କୋହଳ କରିବା,ମାସିକ ଖାଦ୍ୟ ଭତ୍ତା ୪୦୦ କୁ ୧୪୦୦ ବୃଦ୍ଧି କରିବା ଓ ୧୩ ମାସିଆ ଦରମା ବୃଦ୍ଧି କରିବା ଏହି ପାଞ୍ଚ ଗୋଟି ଦାବିକୁ ନେଇ ଅଖିଳ ଓଡିଶା ଜେଲ କର୍ମଚାରୀ ମହାସଂଘ ପକ୍ଷରୁ ଗତ ୧୩ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ କଳା ବ୍ୟାଚ ପରିଧାନ କରି ଦାବି ପୂରଣ ପାଇଁ ପ୍ରତିବାଦ କରା ଯାଇଥିଲା। ସରକାର ଏଥିପ୍ରତି ଦୃଷ୍ଟି ନଦେବାରୁ ସୋମବାର ସମଗ୍ର ଓଡ଼ିଶାରେ ଜେଲ କର୍ମଚାରୀମାନେ ଜେଲ ସମ୍ମୁଖରେ କାର୍ଯ୍ୟ ଚାଲୁ ରଖିବା ସହିତ ଶାନ୍ତିପୂର୍ଣ୍ଣ ଭାବେ ଆମରଣ ଅନଶନରେ ବସିଥିବା ବେଳେ ନୀଳଗିରି ଉପ କାରାଗାର ସମ୍ମୁଖରେ ନୀଳଗିରି କମିଟିର ସଭାପତି ଜୟନ୍ତ କୁମାର ସାହୁ ସମ୍ପାଦକ ସଂଜୀବ ଚନ୍ଦନ କୁମାର ଜେନାଙ୍କ ନେତୃତ୍ୱରେ ଅନ୍ୟ କର୍ମଚାରୀମାନେ ଧାରଣାରେ ବସିଥିଲେ। ଆଜି ଦ୍ୱିତୀୟ ଦିନରେ ଧାରଣାରେ ବସିଥିବା ବେଳେ ଜୈନିକା ମହିଳା ୱାଡ଼ର୍ ସେବତୀ ଦାସ ଏବଂ ପରେଶ୍ ଚାନ୍ଦ ନାମକ ଦୁଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ନିକଟସ୍ଥ ନୀଳଗିରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ଏନଏସଏସ ଦିବସ ପାଳିତ




ବାରିପଦା, ୨୬/୦୯ (ନି.ପ୍ର): ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ପରିସରରେ ଏନଏସଏସ ଦିବସ ପାଳିତ ହୋଇଯାଇଛି । ପ୍ରଥମେ ସମସ୍ତ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ମହାବିଦ୍ୟାଳୟ ପରିସରରେ ସଫେଇ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଏନଏସଏସ, ପ୍ରୋଗ୍ରାମ ଅଫିସର ଡକ୍ଟର ସରୋଜ ନାୟକଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସାଧାରଣ ସଭାରେ ଅଧ୍ୟକ୍ଷ ଡ଼କ୍ଟର ସଞ୍ଜୟ କୁମାର ଦେ ମୁଖ୍ୟ ଅତିଥି, ଡକ୍ଟର ତ୍ରିନାଥ ମଲ୍ଲିକ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱେଚ୍ଛାସେବୀ ମାନଙ୍କୁ ଉତ୍ସାହିତ କରିଥିଲେ । ସହକାରୀ ପ୍ରଫେସର ଉମେଶ ଚନ୍ଦ୍ର ମାଝୀ, କେ. ଲକ୍ଷ୍ମୀ ସେନାପତି, ଡକ୍ଟର ଚିତ୍ରସେନ ସେଠୀ, ରାଜକିଶୋର ରାଉଳ, ସନ୍ଦୀପ ସିଂ, ସରୋଜ ଦାସ ନବୀନ ନାଏକ ପ୍ରମୁଖ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଓମ ପ୍ରକାଶ ପଣ୍ଡାଙ୍କ ଆବାହନ ରେ ଅନୁଷ୍ଠିତ ଏହି ସଭାରେ, ବବିତା ବେହେରା, ହେମାନନ୍ଦ ହେମ୍ବ୍ରମ, ସାରଥୀ ମୁର୍ମୁ, ସିଲିପ କୁମାର ବେହେରା, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଓମପ୍ରକାଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ବଲାଙ୍ଗୀ ମହୋତ୍ସବ କମିଟି ପକ୍ଷରୁ ନୂଆଖାଇ ଭେଟଘାଟ

ବାରିପଦା, ୨୬/୦୯ (ନି.ପ୍ର): ଆଜି ବାରିପଦା ରୋଟାରୀ କ୍ଲବ ଠାରେ ରାଜ୍ୟ ସ୍ତରୀୟ ବଲାଙ୍ଗୀ ମୋହତ୍ସବ କମିଟି ପକ୍ଷରୁ ନୂଆ ଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ବଲାଙ୍ଗୀ ମୋହତ୍ସବ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ଡ଼. ବିଜୟ କୁମାର ଅଗ୍ରୱାଲା, ସମ୍ମାନିତ ଅତିଥି ଭାବରେ ଡା. କୈଳାସ ଚନ୍ଦ୍ର ମହାନ୍ତି, ସମାଜସେବୀ କମଳେନ୍ଦୁ ଲାଲ ମହାନ୍ତ, ଇଂ ମନୋଜ କୁମାର ଦଳବେହେରା, ସମାଜସେବୀ ରାକେଶ ସିଂ, ଯୋଗେଶ ଅଗ୍ରୱାଲ, ମହୋତ୍ସବ କମିଟିର ଅଧ୍ୟକ୍ଷ ଅରବିନ୍ଦ ଦାସ, ଉପାଧ୍ୟକ୍ଷ ରାଜୀବ କୁମାର ସେନାପତି ପ୍ରମୁଖ ଯୋଗଦେଇ ଆଞ୍ଚଳିକ କଳା ସଂସ୍କୃତି ଗୁଡିକ ମଧ୍ୟରେ ସମନ୍ୱୟ ସ୍ଥାପନ ହେଲେ ଲୋକ ସଂସ୍କୃତିର ବିକାଶ ହେବା ସହ ଭାଇଚାରା ର ପରମ୍ପରା ସୁଦୃଢ଼ ହୋଇ ପାରିବ ବୋଲି କହିଥିଲେ। ଏହିଅବସର ରେ ଭାଷା ସାହିତ୍ୟ କଳା ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ନାଟ୍ୟକାର କ୍ଷୀରୋଦ ବିହାରୀ ସିଟ, ଡ଼. କୁମାର ବାବୁଲି, ଡ଼. ରମାକାନ୍ତ ମହାନ୍ତ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୃତି ଶିକ୍ଷକ ଡ଼. ଶଶୀଧର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିବା ବେଳେ, ଅନ୍ୟମାନଙ୍କ ମଧ୍ୟରେ ପଣ୍ଡିତ ଭାଗବତ ପଣ୍ଡା, ଇଂ. ଶିରୀଶ ଚନ୍ଦ୍ର ହେମ୍ବ୍ରମ, କୁମାରେଶ ନାୟକ, ପଦ୍ମନାଭ ମହାପାତ୍ର, ଗୋପାଳ ସାଓ, ଦୀପକ କୁମାର ନାୟକ ପ୍ରମୁଖ ନିଜନିଜର ବକ୍ତବ୍ୟ ରଖିଥିଲେ। ବଲାଙ୍ଗୀ ସେନାର ସଦସ୍ୟ ମିଥୁନ ବାରିକ, ଦିଲ୍ଲୀପ କୁମାର ପାତ୍ର, ବିଭୁ ପ୍ରସାଦ ବେହେରା, ବିଜୟ ଜିତ, ସଞ୍ଜୟ କୁମାର ନାଏକ, ସନତ ବାରିକ, ପିତାମ୍ବର ମଲ୍ଲିକ, ସନାତନ ସିଂ, କୁନୁ ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଜେ. କେ. ଡ୍ୟାନ୍ସ ଗ୍ରୁପ ର କଳାକାର ଏବଂ ଏମ. ସାଇ ଜ୍ୟୋତି ଏବଂ ଏମ. ସାଇ ପ୍ରୀତି ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# କମଳ କୁମାରୀ ସଂସ୍କୃତ ମହିଳା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ପ୍ରତିଷ୍ଠା ଦିବସ



ଲଙ୍ଗଳେଶ୍ୱର, ୨୬/୦୯ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ପଞ୍ଚୁପାଲି ଠାରେ ଥିବା କମଳ କୁମାରୀ ସଂସ୍କୃତ ମହିଳା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ସଂଯୋଜକ ଡଃ ଲକ୍ଷ୍ମୀକାନ୍ତ ରଥଙ୍କ ତତ୍ତ୍ୱାବଧାନରେ ରବିବାର ଜାତୀୟ ସେବା ଶିବିରର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଶିବିରକୁ କଲେଜ ଅଧ୍ୟକ୍ଷ ରାଜକିଶୋର ବାରିକ ଉଦଘାଟନ କରିଥିଲେ ।ଦୃଢ ନେତୃତ୍ୱ ବିଶ୍ୱାସ ସ୍ୱେଚ୍ଛାସେବୀ ସୃଷ୍ଟି କରିବାରେ ଜାତୀୟ ସେବା ଶିବିରର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ଏବଂ ଏବଂ ଅଧ୍ୟକ୍ଷ କହିବା ସହ ଆଗାମୀ ଦିନରେ ସମସ୍ତ ଶିବିରାର୍ଥୀ ସେବାକୁ ଆପଣାର ବ୍ରତ ଭାବରେ ଏବଂ ଚାରାରୋପଣ ଏବଂ ରକ୍ତଦାନ କରିବା ପାଇଁ ଶ୍ରୀ ବାରିକ ପରାମର୍ଶ ଦେଇଥିଲେ । ଅଧ୍ୟାପକ ସୁଧୀର କୁମାର ନନ୍ଦ,ବନମାଳୀ ପରିଡା, କୃଷ୍ଣାନନ୍ଦ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରୀମାନଙ୍କୁ ସେବା ଦ୍ୱାରା ପୃଥିବୀ ପୃଷ୍ଠର ସମସ୍ତ କାର୍ଯ୍ୟସାଧନ କରି ହେବ ବୋଲି ପରାମର୍ଶ ଦେଇଥିଲେ । ଅଧ୍ୟାପିକା ସବିତା ସାହୁ,ଚନ୍ଦନ ନନ୍ଦ,ସରୋଜିନୀ ପରିଡା ,ସମେତ ଛାତ୍ରୀମାନେ ଏଥିରେ ସହଯୋଗ କରିଥିଲେ । ଏହି ଅବସରରେ ମହାବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଭୁଷୁଡିଲା ପୁରାତନ ପୋଲ: ପାଞ୍ଚରୁ ଉର୍ଦ୍ଧ୍ୱ ଗାଁ ବାହ୍ୟ ଜଗତରୁ ବିଛିନ୍ନ

ନୀଳଗିରି, ୨୬/୦୯ (ନି.ପ୍ର): ନୀଳଗିରି ବ୍ଲକ ବେଗୁନିଆ ପଞ୍ଚାୟତ ଅଧୀନ ତୋଟାପଡା ରାସ୍ତାରେ ରହିଛି ଏହି ପୁରାତନ ପୋଲ । ସୋନ ନଦୀର ଏହି ଶାଖା ପୋଲଟି ଗତ ମଙ୍ଗଳବାର ସମ୍ପୂର୍ଣ୍ଣ ଭୁଶୁଡି ପଡିଛି । କିଛି ଦିନ ପୂର୍ବରୁ ପୋଲଟିର ଗୋଟିଏ ପାଖ ଭୁଶୁଡି ପଡିଥିଲା । ଏନେଇ ନୀଳଗିରି ବିଧାୟକ ଘଟଣା ସ୍ଥଳରେ ପହଞ୍ଚି ତଦାରଖ କରିବା ସହିତ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ କହିଥିବା ବେଳେ ଲୋକଙ୍କ ସମସ୍ୟାକୁ ଉପଲବ୍ଧି କରି ଯାତାୟାତ ପାଇଁ ଅସ୍ଥାୟୀ ଭାବରେ ବ୍ୟବସ୍ଥା କରିଥିଲେ। ଆଜି ସମ୍ପୂର୍ଣ୍ଣ ଭୁଶୁଡି ପଡିବା ଫଳରେ ଯାତାୟାତ ଠପ୍ ହୋଇ ପଡ଼ିଛି । ଏହାଦ୍ୱାରା ବେଗୁନିଆକୁ ପାଞ୍ଚ ରୁ ଉର୍ଦ୍ଧ୍ୱ ଗାଁକୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଛି । ଉକ୍ତ ଅଞ୍ଚଳ ମାନଙ୍କରେ ଅଧିକାଂଶ ଲୋକ ପରିବା ଚାଷୀ ହୋଇଥିବାରୁ ବାହାରକୁ ଆସିନପାରି ୧୫ କିଲୋମିଟର ବୁଲି ଆସୁଛନ୍ତି । ପ୍ରଶାସନ ଶୀଘ୍ର ସମସ୍ୟାର ସମାଧାନ କରୁ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି ।



# ନୀଳମଣି କଲେଜରେ ଜାତୀୟ ସେବା ଯୋଜନା ଦିବସ ପାଳିତ




ବସ୍ତା, ୨୬/୦୯ (ନି.ପ୍ର): ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଡ଼ଃ ତପନ କୁମାର ବେହେରା ଅଧ୍ୟକ୍ଷତା କରିବା ସହ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସହ ଜାତୀୟ ସେବା ଯୋଜନାର ଆଭିମୁଖ୍ୟ ଓ ଉପାଦେୟତା ବିଷୟରେ ଅବଗତ କରାଇଥିଲେ । ବାଲେଶ୍ୱର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ଅଧ୍ୟାପକ ଶ୍ରବଣ ନାୟକ, ଅଧ୍ୟାପିକା ଇତିଶ୍ରୀ ମହାନ୍ତ ଓ ମମତା ପାତ୍ର ପ୍ରମୁଖ ଯୋଗଦେଇ ଜାତୀୟ ସେବା ଯୋଜନା ଦିବସ ପାଳନ ସମ୍ପର୍କରେ ଆଲୋଚନା କରିଥିଲେ। ସେବା କାର୍ଯ୍ୟ ଛାତ୍ରଛାତ୍ରୀ ମାନଙ୍କର ଚରିତ୍ର ଗଠନ କରିବା ସହ ବ୍ୟବହାରରେ ପରିମାର୍ଜିତ ଆଣିଥାଏ । ପ୍ରୋଗ୍ରାମ ଅଫିସର ଡ଼ଃ ଆରୁଣୀ ମିଶ୍ର କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସ୍ୱେଚ୍ଛାସେବୀ ଶୁଭସ୍ମିତା ରାଜ, ରଞ୍ଜିତା ମୁଣ୍ଡା, ମଧୁସ୍ମିତା ଦାସ,ମନ୍ମଥ ଦଳାଇ ଓ ଜ୍ୟୋତିରଞ୍ଜନ ବର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପାୟଲ ସାସମଲ, ମୋନାଲିସା ପରିଡ଼ା, ଅର୍ଚ୍ଚନା ନାୟକ, ଅନୁପମା ରାଉତ ଓ ସୋନାଲିସା ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ସ୍ୱେଚ୍ଛାସେବୀମାନେ ଏକ ସଚେତନତା ଶୋଭଯାତ୍ରାରେ ଯାଇ ଜନସାଧାରଣଙ୍କୁ ସଚେତନ କରାଇଥିଲେ । ସ୍ୱେଚ୍ଛାସେବୀ ଯଜ୍ଞେଶ୍ୱର ଗିରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୭୦ ଗ୍ରାମ୍ ବ୍ରାଉନ୍ ସୁଗାର ଜବଦ: ୨ ଜଣ ଗିରଫ

ଭଦ୍ରକ, ୨୬/୦୯ (ନି.ପ୍ର): ଜିଲ୍ଲା ଭ୍ରାମ୍ୟମାଣ ସ୍କ୍ୱାଡ୍ ଦ୍ୱାରା ଗୋଟିଏ ହେରୋଇନ୍ ନିଶା କାରବାର କେଶ ଧରାପଡ଼ିଛି। ଭଦ୍ରକ ଟାଉନ୍ଥାନା ଅଧୀନସ୍ଥ ନରିପୁର ରାସ୍ତାରେ ଏହି କେଶ୍କୁ ଚିହ୍ନଟ କରାଯାଇ ୭୦ ଗ୍ରାମ୍ ଓଜନର ବ୍ରାଉନ୍ସୁଗାର (ହେରୋଇନ୍) ସହିତ ଗୋଟିଏ ଫେସିନୋ ସ୍କୁଟି ଜବଦ କରାଯାଇଛି। ଏହି ନିଶା କାରବାର କେଶ୍ଟି ସଂପୃକ୍ତ ଥାନାରେ ପଞ୍ଜିକୃତ ହେବା ସହିତ ୨ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା ଆସାମୀଙ୍କ ମଧ୍ୟରେ ଜଣେ ପୁରୁଷ ଓ ଜଣେ ମହିଳାଥିବା ଜଣାପଡ଼ିଛି।

# ପ୍ରଧାନ ଶିକ୍ଷକଙ୍କ ବଦଳି ଦାବିରେ ବିଦ୍ୟାଳୟ ସମ୍ମୁଖରେ ଛାତ୍ର-ଛାତ୍ରୀ ଓ ଅଭିଭାବକଙ୍କ ଧାରଣା



ଜଳେଶ୍ୱର , ୨୬/୦୯ (ନି.ପ୍ର): ଜଳେଶ୍ୱରସ୍ଥିତ ରାଇବଣିଆର ହାତୀଗଡ ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କ ବିରୋଧରେ କେତେକ ଅଭିଯୋଗ ଥିବାରୁ ଅଭିଭାବକ ମାନେ ଏ ସଂପର୍କରେ ବିଇଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଗତ ୭ ତାରିଖରେ ଏକ ୬ଜଣିଆ ଟିମ୍ ଏ ସଂପର୍କରେ ବିଦ୍ୟାଳୟକୁ ଯାଇ ତଦନ୍ତ କରିଥିଲେ । ଅଭିଭାବକମାନେ ପ୍ରଧାନ ଶିକ୍ଷକଙ୍କ ବଦଳି ଦାବି କରି ଆସୁଥିଲାବେଳେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିବାରୁ ପୂର୍ବ ସୂଚନା ଅନୁଯାୟୀ ଆଜି ଫାଟକରେ ତାଲା ପକାଇଥିଲେ। ଫଳରେ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟତ୍ରୀ ସ୍କୁଲ ହତା ଭିତରକୁ ପ୍ରବେଶ କରିପାରିନଥିଲେ । ସରପଂଚ ପୁଷ୍ପଲତା ଦାସ, ସନୁ ଦାସ, ପ୍ରବୀର ଦାସ, ରଂଜନ ପାତ୍ର, ଉତ୍ତକାନ୍ତି ଜେନା, ଅନନ୍ତ ପାତ୍ର, ଜୟଦେବ ଦାସ, ଆଲେକ୍ସ ବେହେରା, ସୁଜୟ ବାରିକ, ସୌରଭ କଟିସ୍, କମଳଲୋଚନ ଦାସ, ଦୀପକ ଦାସ ଓ ଅନ୍ୟବହୁ ବ୍ୟକ୍ତି ଏହି ତାଲାବନ୍ଦ ଆନ୍ଦୋଳନରେ ଭାଗ ନେଇଥିଲେ । ଏ ସଂପର୍କରେ ଜଳେଶ୍ୱର ଏବିଇଓ ଅଜୟ କୁମାର ଜେନା ଓ ଜ୍ୟୋସ୍ନାରାଣୀ ପ୍ରଧାନ ଯାଇ ଘଟଣାସଂପର୍କରେ ଅଧିକ ତଥ୍ୟ ସଂଗ୍ରହ କରିଛନ୍ତି । ଏଥିଲାଗି ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଆନ୍ଦୋଳନକାରୀଙ୍କୁ ପ୍ରତିଶୃତି ଦେଇଥିଲେ ମଧ୍ୟ ସେମାନେ ଆନ୍ଦୋଳନ ଓହରି ନଥିଲେ । ଏ ସଂପର୍କରେ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ ସେ କହିଲେ ଏହି ଆନ୍ଦୋଳନରେ ନିର୍ଦ୍ଦିଷ୍ଟ କେତେକ ଅଭିଭାବକ ଉଦ୍ଦେଶ୍ୟମୂଳକ ଭାବେ ଏଭଳି ଆନ୍ଦୋଳନ ଚାଲୁ ରଖିଥିବାରୁ ଛାତ୍ରଛାତ୍ରୀ ଭବିଷ୍ୟତ ନଷ୍ଟ ନ କରିବାକୁ ସେମାନଙ୍କୁ ନିବେଦନ କରିଛନ୍ତି ।

# କୃଷକସଭା ପକ୍ଷରୁ ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ବିକ୍ଷୋଭ

ବାଲେଶ୍ୱର, ୨୬/୦୯ (ନି.ପ୍ର): ଅଖିଳ ଭାରତ କୃଷକ ସଭାର ବାଲେଶ୍ୱର ଜିଲ୍ଲା କମିଟି ପକ୍ଷରୁ ମଙ୍ଗଳବାର ଦିନ ପୂର୍ବାହ୍ନରେ ବାଲେଶ୍ୱର ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ଶହଶହ କୃଷକ ବିକ୍ଷୋଭ ପ୍ରଦର୍ଶନ କରି ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୯ଦଫା ଦାବିପତ୍ର ପ୍ରଦାନ କରିଛନ୍ତି । ବର୍ଷୀୟାନ କୃଷକନେତା କୈଳାସ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ ସଂପାଦକ ଅଭୟ ସାହୁ ଓ କୃଷକ ସଭାର ସର୍ବଭାରତୀୟ ଉପସଭାପତି ଆଶୀଷ କାନୁନ୍ଗୋ ସେମାନଙ୍କ ବକ୍ତବ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ କୃଷିନୀତିକୁ ଦୃଢ଼ ସମାଲୋଚନା କରିଥିଲେ। କର୍ପୋରେଟ୍ ହାଉସ୍ ତଥା ପୁଞ୍ଜିପତିଙ୍କ ସ୍ୱାର୍ଥରକ୍ଷା କରିବା ପାଇଁ ଉଭୟ ସରକାର ଉଦ୍ୟମ ଚଳାଉଛନ୍ତି। କୃଷି ଓ କୃଷକର ସ୍ୱାର୍ଥ ରକ୍ଷା ପାଇଁ କୃଷକ ସଭା ଲଗାତର ଆନ୍ଦୋଳନ କରୁଛି । ଧାନର ସହାୟକ ମୂଲ୍ୟ କ୍ୱିଣ୍ଟାଲ୍ ପ୍ରତି ୩ହଜାର ଟଙ୍କା, ବରିଷ୍ଠ କୃଷକ ଓ କୃଷିଶ୍ରମିକମାନଙ୍କୁ ମାସିକ ୫ ହଜାର ଟଙ୍କା ପେନସନ୍, ଚାଷୀ ଓ ଭାଗଚାଷୀମାନଙ୍କ ଠାରୁ ସରକାର ମଣ୍ଡି ଜରିଆରେ ସମସ୍ତ ଧାନ କ୍ରୟ କରିବା, ସବୁ ବ୍ଲକ୍ରେ ଶୀତଳଭଣ୍ଡାର ପ୍ରତିଷ୍ଠା, ଜଙ୍ଗଲ ଜମିରେ ବାସ କରୁଥିବା ଆଦିବାସୀ ଓ ଭୂମିହୀନଙ୍କୁ ଜମିର ପଟ୍ଟା, ନିତ୍ୟବ୍ୟବହାର୍ଯ୍ୟ ପଦାର୍ଥର ଦରବୃଦ୍ଧିରେ ଅଙ୍କୁଶ ଲଗାଇବା ଓ ପଞ୍ଚାୟତ ସ୍ତରରେ ଗୋଶାଳା ପ୍ରତିଷ୍ଠା ପ୍ରଭୃତି ଦାବି ପୂରଣ ପାଇଁ ବିକ୍ଷୋଭ ସମାବେଶରେ କୃଷକ ନେତାମାନେ ଦୃଢ଼ ଦାବି କରିଥିଲେ। ଆସନ୍ତା ଡିସେମ୍ବର ୪ ତାରିଖ ଦିଲ୍ଲୀରେ କୃଷକମାନଙ୍କର ମହାସମାବେଶକୁ ସଫଳ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। କୃଷକ ସଭାର ରାଜ୍ୟ ଉପସଭାପତି ନିରଞ୍ଜନ ବାରିକଙ୍କ ନେତୃତ୍ୱରେ ଗୌରାଙ୍ଗ ପାଣିଗ୍ରାହୀ ଓ ଗାୟତ୍ରୀ ପଣ୍ଡା ପ୍ରମୁଖ ପ୍ରତିନିଧି ଦଳ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେଙ୍କୁ ଦାବିପତ୍ର ପ୍ରଦାନ କରି ଜିଲ୍ଲାସ୍ତରରେ ଶୀତଳ ଭଣ୍ଡାର, ଫସଲର ସୁରକ୍ଷା ପାଇଁ ଗୋରୁଗାଇ ଓ ଷଣ୍ଢମାନଙ୍କ ପାଇଁ ଗୋଶାଳା ପ୍ରତିଷ୍ଠା ପ୍ରଭୃତି ଦାବି ଉପରେ କାର୍ଯ୍ୟାନୁଷ୍ଠାନ ନିମିତ୍ତ ପ୍ରତିଶ୍ରୁତି ଦେଇଥିବାର ପ୍ରତିନିଧିମାନେ ପ୍ରକାଶ କରିଥିଲେ। ବାଲେଶ୍ୱର ରେଳଷ୍ଟେସନରୁ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା ସହର ପରିକ୍ରମା କରି ଜିଲ୍ଲାପାଳଙ୍କ ଫାଟକ ସମ୍ମୁଖରେ ପହଞ୍ଚିଥିଲା। ଶୋଭାଯାତ୍ରା ଓ ବିକ୍ଷୋଭ ସମାବେଶରେ ବିଜୟ ସ, ମାନସ ମହାପାତ୍ର, ମାୟାଧର ନାୟକ, ବେଣୁଧର ବାରିକ, ଗୋପୀନାଥ ହେମ୍ବ୍ରମ୍ ଓ ହରେକୃଷ୍ଣ ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ। ଅନାମ ପ୍ରସାଦ ବାରିକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।




# ସାଇ ସାଧନା' ଶିକ୍ଷାନୁଷ୍ଠାନ ସମୂହର ଚତୁର୍ଦ୍ଦଶତମ ପ୍ରତିଷ୍ଠା ଦିବସ




ବାରିପଦା, ୨୬/୦୯ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଉଦଳା ସାଇ ସାଧନା ଟ୍ରଷ୍ଟ ଦ୍ୱାରା ପରିଚାଳିତ ସାଇ ସାଧନା କଲେଜ ଅଫ ବେସିକ୍ ସାଇନ୍ସ, ସାଇ ସାଧନା ସାଇନ୍ସ ହାୟାର ସେକେଣ୍ଡାରୀ ସ୍କୁଲ, ସାଇ ସାଧନା ଆଇ.ଟି.ଆଇ, ସାଇ ସାଧନା ଶିଶୁ ବିଦ୍ୟା ମନ୍ଦିର ପ୍ରଭୃତିର ମିଳିତ ସହଯୋଗରେ ୧୪ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏ ପରିପ୍ରେକ୍ଷୀରେ ଅନୁଷ୍ଠିତ ହୋଇଥିବା ଆଲୋଚନା ସଭାରେ ପୌରୋହିତ୍ୟ କରି ଟ୍ରଷ୍ଟ ଚେୟାରମେନ ଶ୍ରୀ ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀ ସମବେତ ଶିକ୍ଷାବିତ୍ ଅସୀମ ତ୍ୟାଗ ଓ ଉଦ୍ୟମ ବଳରେ ଆଜି ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନଗୁଡ଼ିକ କିପରି ପ୍ରଗତି କରି ଚାଲିଛି, ତାହାର ବିବରଣୀ ଦେବା ସହିତ ଏଥି ପାଇଁ ଅଭିଭାବକମାନଙ୍କର ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ । ସାଇ ସାଧନା ଶିକ୍ଷାନୁଷ୍ଠାନ ସମୂହର ନିର୍ଦ୍ଦେଶକ ପ୍ରଫେସର ଅନାଦି ଚରଣ ଗାଁଣ ସ୍ୱତନ୍ତ୍ର ଅତିଥି ରୂପେ ଯୋଗ ଦେଇ ସାଇ ସାଧନା ଶିକ୍ଷାନୁଷ୍ଠାନଗୁଡ଼ିକର ଶିକ୍ଷାଦାନ ପ୍ରଣାଳୀ କିପରି ଅନ୍ୟ ଅନୁଷ୍ଠାନ ଠାରୁ ସତନ୍ତ୍ର, ତାହା ଉପସ୍ଥାପିତ କରିଥିଲେ । ଛାତ୍ରଛାତ୍ରୀ, ଅଧ୍ୟାପକ/ଅଧ୍ୟାପିକା ଓ ଲେଖକ କିମ୍ବା ସମୀକ୍ଷକଙ୍କ ମିଳିତ ତ୍ରିକୋଣୀୟ ଶିକ୍ଷାଦାନ ବ୍ୟବସ୍ଥା ଏଠାକାର ଛାତ୍ରଛାତ୍ରୀଙ୍କୁ ବେଶ ସଫଳତା ଦେଇ ପାରିଛି । ମୁଖ୍ୟ ଅତିଥି ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଉପସଚିବ ଶ୍ରୀ ଜୟଦେବ ପରମାଣିକ ସାଇ ସାଧନାର ଶିକ୍ଷାଦାନ ବ୍ୟବସ୍ଥା ଓ ପରୀକ୍ଷାଫଳକୁ ଉଚ୍ଚ ପ୍ରଶଂସା କରିଥିଲେ । ଏହି ଅନୁଷ୍ଠାନର ଛାତ୍ରଛାତ୍ରୀ ଏଠାରେ କିପରି +୨ ବାର୍ଷିକ ପରୀକ୍ଷା ଦେଇ ପାରିବେ, ସେ ସଂପର୍କରେ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟ ବକ୍ତା ରୂପେ କବି କାଳିପଦ ପଣ୍ଡା ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ବ୍ୟକ୍ତିତ୍ୱ, ଜ୍ଞାନ ଓ ଚରିତ୍ର ବିକାଶରେ ସାଇ ସାଧନା କିପରି ସମର୍ଥ ଅଟେ, ତାହା ଆମ ପୁରାଣ, ଇତିହାସ, ସାହିତ୍ୟ ଓ ବିଜ୍ଞାନରୁ ନାନାଦି ଉଦାହରଣ ମାଧ୍ୟମରେ ବୁଝାଇଥିଲେ। ଅନ୍ୟତମ ସମ୍ମାନିତ ତହସିଲଦାର ମନୀଷା ମଧୁଲିକା ହେମ୍ବ୍ରମ୍ ମହୋଦୟା ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ସାଇ ସାଧନା ହେଉଛି ମଣିଷ ତିଆରି କାରଖାନା ବୋଲି କହିଥିଲେ । ଏଠାରେ ଅଧ୍ୟୟନ କରି ଛାତ୍ରଛାତ୍ରୀମାନେ ନିଜର ତଥା ଦେଶର ଟେକ ରଖିବାକୁ ପରାମର୍ଶ ଦେଇଥିଲେ। ସେହିପରି ଅନୁଷ୍ଠାନର ଛାତ୍ର ମଙ୍ଗଳ ଉନ୍ନୟନ ଅଧିକାରୀ ଇଂଜିନିୟର ପ୍ରଭାତ କୁମାର ସାହୁ ଓ ଅଧକ୍ଷ ଶ୍ରୀ ପ୍ରିୟବ୍ରତ ବେହେରା ସାଇ ସାଧନା କିପରି ଛୋଟ ଏକ ଚାରା ଗଛରୁ ବିରାଟ ଏକ ମହା ଦ୍ରୁମରେ ପରିଣତ ହୋଇପାରିଛି, ସେ ସଂପର୍କରେ ଉପସ୍ଥିତ ଜନତାଙ୍କୁ ବକ୍ତବ୍ୟ ଛଳରେ କହିଥିଲେ । ସାଇ ସାଧନା ଟ୍ରଷ୍ଟର ସଂପାଦକ ଶ୍ରୀ ସୁକାନ୍ତ କୁମାର ବିନ୍ଧାଣୀ ବିବରଣୀ ପାଠ କରିଥିଲେ । କୋଷାଧ୍ୟକ୍ଷ ସୁରେନ୍ଦ୍ର ନାଥ ପରିଛା ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ସଭାରେ ଚଳିତ ବର୍ଷ +୩, ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ମହାବିଦ୍ୟାଳୟରେ ଟପର ହୋଇଥିବା ପ୍ରାଣୀ ବିଜ୍ଞାନ ଛାତ୍ରୀ କୁମାରୀ ଇପ୍‌ସିତା ବାରିକ୍ ଓ +୨, ବିଜ୍ଞାନ ପରୀକ୍ଷାରେ କୁମାରୀ ମୋନାଲିସା ବେହେରା ମହାବିଦ୍ୟାଳୟ ସ୍ତରରେ ପ୍ରଥମ ହୋଇଥିବାରୁ ସେମାନଙ୍କୁ ଅନୁଷ୍ଠାନ ତରଫରୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ଏହି ସଭାରେ ପୁରସ୍କୃତ କରାଯାଇଥିଲା । ସଭା ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରଂଗାରଂଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସଂପାଦିକା ପ୍ରଭାସିନୀ ବିନ୍ଧାଣୀ, ସଭ୍ୟା ମମତା ପରିଛା, କୁମୁଦିନୀ ବିନ୍ଧାଣୀ, ଡ. ନମିତା ପ୍ରଧାନ, ନନ୍ଦିତା ମହାନ୍ତି, ଅଧ୍ୟାପିକା ଅନୁପମା ମହାନ୍ତି, ଅନନ୍ୟା ମହାପାତ୍ର, ଗଜଲକ୍ଷ୍ମୀ ଆରୁଖ, ସୁଜାତା ସାହୁ, ସିମାନି ରାଜ, ହିମାଦ୍ରୀ ତନୟା ସିଂ ତଥା ଗୁରୁଜୀ, ଗୁରୁମା ଓ ଅନ୍ୟାନ୍ୟ କର୍ମଚାରୀମାନେ ଯୋଗଦେଇ ଏହାକୁ ସଫଳ କରାଇଥିଲେ ।

# ଉଦଳା ମହାବିଦ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ

ଉଦଳା , ୨୬/୦୯ (ନି.ପ୍ର): ଉଦଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼କ୍ଟର ଯତିନ କୁମାର ମହାକୁଡ଼ଙ୍କ ସଭାପତିତ୍ୱରେ ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ଶ୍ରୀନାଥ ସୋରେନ ଆନୁଷ୍ଠାନିକ ଭାବରେ ମହାବିଦ୍ୟାଳୟ ପରିସରରେ ରକ୍ତଦାନ ଶିବିର ଉଦ୍‌ଘାଟନ କରି ସ୍ୱବକ୍ତବ୍ୟରେ କହିଥିଲେ 'ଛାତ୍ର ସମାଜ ମଧ୍ୟରେ ଦାନ ମନୋବୃତି ସୃଷ୍ଟି ହେଲେ, ଭବିଷ୍ୟତରେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ' । ମହାବିଦ୍ୟାଳୟର ଯୁବ ରେଡ଼କ୍ରସ, ଜାତୀୟ ସେବା ଯୋଜନା, ଜାତୀୟ ସମରଶିକ୍ଷାର୍ଥି ବାହିନୀର ସହଭାଗିତାରେ ଏହି ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ମୋଟ ୬୭ ୟୁନିଟ ରକ୍ତ ସଂଗ୍ରହ ହୋଇଛି । ଯୁବ ରେଡ଼କ୍ରସ ସଂଯୋଜିକା ଅଧ୍ୟାପିକା ସୁଧା ସାବିତ୍ରୀ ପଣ୍ଡା, ସହସଂଯୋଜକ ଅଧ୍ୟାପକ ପ୍ରତ୍ୟୁଷ କୁମାର ପାତ୍ର, ମଧୁସୂଦନ ମୁର୍ମୁ, ଜାତୀୟ ସେବା ଯୋଜନା +୩ ସଂଯୋଜକ ଅଧ୍ୟାପକ ସତ୍ୟବ୍ରତ ମଲ୍ଲିକ, +୨ ସଂଯୋଜକ ଅଧ୍ୟାପକ ଦିଲ୍ଲୀପ କୁମାର ପାଟଯୋଶୀ, ସମରଶିକ୍ଷାର୍ଥି ସଂଯୋଜକ ଯୋଗେଶ କୁମାର ମହାକୁଡ଼, କର୍ମଚାରୀ ଆଶିଷ କୁମାର ମଢ଼େଇ, ଗଙ୍ଗାଧର ସ୍ୱାଇଁ, ତୁଲବାହାଦୁର ସୁନାରଙ୍କ ପ୍ରତକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା । ଓଡ଼ିଶା ରକ୍ତ କେନ୍ଦ୍ର, ଉପଖଣ୍ଡ ଚିକିତ୍ସାଳୟ ଉଦଳା ତରଫରୁ ଡ଼କ୍ଟର ସିଦ୍ଧାର୍ଥ ସ୍ୱାଇଁ, ଡ଼କ୍ଟର ଖଗେଶ୍ୱର ସିଂହ, ଶୁଶାନ୍ତ କୁମାର ପଟ୍ଟନାୟକ, ଅଭିନ୍ନ ସୁନ୍ଦର ନାୟକ, ଅବିନାଶ କର, ଅଜିତ ସିଂ, ଜିତୁ ସେଠୀ, ମାନସ ରଂଜନ ମହାନ୍ତି, ଇତିଶ୍ରୀ ସାହୁ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମାନେ ବହୁ ସଂଖ୍ୟାରେ ସ୍ୱଛାକୃତ ଭାବରେ ରକ୍ତ ଦାନ କରିଥିଲେ । ପ୍ରାରମ୍ଭରେ ଅଧ୍ୟକ୍ଷ ଡ଼କ୍ଟର ଯତିନ କୁମାର ମହାକୁଡ଼ ରକ୍ତଦାନ କରି ସମସ୍ତଙ୍କ ମଧ୍ୟରେ ରକ୍ତଦାନ କରିବା ପାଇଁ ଏକ ଦୃଷ୍ଟାନ୍ତ ଉଦାହରଣ ସୃଷ୍ଟି କରିଥିଲେ । ମହାବିଦ୍ୟାଳୟର ଅଧ୍ୟାପକ ସୌମେନ୍ଦ୍ର କୁମାର ଦାଶ, ପୁରାତନ ଛାତ୍ର ସତ୍ୟ ନାରାୟଣ ବେହେରା, ଅଧ୍ୟାପକ ମୁଜାଫର ଖାନ, ଅଧ୍ୟାପକ ଅଶୋକ ପୃଷ୍ଟି, ଡ଼କ୍ଟର ଶତ୍ୟଶ୍ରୀ ମହାନ୍ତି, ଗଜେନ୍ଦ୍ର ହାଁସଦା, ସୁଦାମ ହେମ୍ବ୍ରମ, ଇଶ୍ୱର ଚନ୍ଦ୍ର ମୁର୍ମୁ, ଡ଼କ୍ଟର ମିନାକ୍ଷୀ ପରିଡ଼ା, ଦେବିଦତା ନାୟକ, ସ୍ୱେଚ୍ଛାସେବୀ ରାକ୍ଷୀ, ମନିଷା, ଲିପ୍ସା, ହରପ୍ରିୟା, ସୁଜିତ, ହୃଷିକେଶ, ଭକ୍ତି ଇତ୍ୟାଦି ରକ୍ତଦାନ କରିଥିଲେ ଓ ଶିବିର ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଜାତୀୟ ସେବା ଯୋଜନା ମୟୂରଭ ଜିଲ୍ଲା ସଂଯୋଜକ ଅଧ୍ୟାପକ ମନୋଜରଂଜନ ଦାସ ରକ୍ତଦାନ ଶିବିର ପରିଦର୍ଶନ କରିଥିଲେ ଓ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ସମସ୍ତଙ୍କ ସହଯୋଗରେ ଏହି ବିଶାଳ ରକ୍ତଦାନ ଶିବିର ସଫଳ ହୋଇଥିବାରୁ ଅଧ୍ୟକ୍ଷ ଡ଼କ୍ଟର ଯତିନ କୁମାର ମହାକୁଡ଼ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ଓ ଆଗାମି ଭବିଷ୍ୟତରେ ଅଧିକରୁ ଅଧିକ ରକ୍ତଦାନ ଶିବିର ଅନୁଷ୍ଠିତ କରିବା ପାଇଁ ପିଲା ମାନଙ୍କୁ ପ୍ରତ୍ସାହିତ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା।
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo